RNI REGD NO : 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ♦VOLUME- 44 ♦ISSUE-100 ♦SATURDAY ♦03 OCTOBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୧୦୦ ♦ଶନିବାର ♦୦୩ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଏସୀୟ କ୍ରୀଡ଼ା: ୪୪ ବର୍ଷ ପରେ ଇତିହାସ ରଚିଲା ଭାରତ

# ହକିରେ ସ୍ୱର୍ଣ୍ଣ ଜିତିଲେ ମହିଳା




■ ନାଗୋୟା, ୨।୧୦ (ଏଜେନ୍ସି): ଶକ୍ତିଶାଳୀ ଟିମ୍ ତଥା ଏସୀୟ ହକି ଚାମ୍ପିଅନ ଚୀନକୁ ୧-୦ ଗୋଲରେ ପରାସ୍ତ କରି ଭାରତ ଦୀର୍ଘ ୪୪ ବର୍ଷ ପରେ ମହିଳା ହକିରେ ସ୍ୱର୍ଣ୍ଣପଦକ ହାସଲ କରିଛି। ଏହି ବିଜୟ ସହ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ସ ଲାଗି ମହିଳା ହକି ଦଳ ମଧ୍ୟ

### ଶୁଭେଚ୍ଛା ଜଣାଇଲେ ନବୀନ

ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଫାଇନାଲରେ ଭାରତ ପକ୍ଷରୁ ଖେଳର ୧୦ମ ମିନିଟ୍‌ରେ ଲାଲରେମସିଆମି ଏକ ବିଚକ୍ଷଣ ଫିଲ୍ଡ ଗୋଲ ସ୍କୋର କରିଥିଲେ। ଏହି ଗୋଲ ଶେଷରେ ମ୍ୟାଚ୍‌ର ଭାଗ୍ୟ ନିର୍ଦ୍ଧାରଣ କରିଥିଲା। ଆଜି ଭାରତ ମହିଳା ହକି ସମେତ ୬ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ମହିଳା ରିକର୍ଭ ଟିମ୍ ଆଜି ଐତିହାସିକ ସ୍ୱର୍ଣ୍ଣରୁ ବିଜୟ ଅଭିଯାନ ଆରମ୍ଭ କରିଥିଲେ। ୧୦ ଥରର ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ କୀର୍ତ୍ତି ଶର୍ମା, ଅଙ୍କିତା ଭକତ ଓ କୁମ୍‌କୁମ୍ ଅନିଲ ମୋହେ୍‌ଭାରତ ଏହି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଲଭଲିନା ବୋରୋଗୋହାଇଁ ଭାରତର ମାତ୍ର ଦ୍ୱିତୀୟ ବକ୍ସରଭାବେ ମହିଳା ବକ୍ସିଂରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପରବିନ ହୁଦା ତାଙ୍କ ପରେ ତୃତୀୟ ସ୍ୱର୍ଣ୍ଣ ଜିତିଥିଲେ। ଶେଷ ଭାଗ ପ୍ରତିଯୋଗିତାର ପୁରୁଷ ରେସଲିଂରେ ସୁଜିତ କାଲକଲ ଓ ବକ୍ସିଂରେ ଅଙ୍କୁଶ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ରିକର୍ଭ ଟିମ୍, ମିକ୍ସଡ ରିକର୍ଭ ଟିମ୍‌କୁ ରୌପ୍ୟ, ପୁରୁଷ ସିପକଟାକ୍ରୁ ଓ ସେଲିଂରେ ନେତ୍ରାକୁମାନାନଙ୍କୁ କାଂସ୍ୟ ପଦକ ମିଳିଛି। ଏହା ଫଳରେ ଭାରତ ୧୬ ସ୍ୱର୍ଣ୍ଣ, ୨୫ ରୌପ୍ୟ ଓ ୩୫ କାଂସ୍ୟ ପଦକ ବିଜୟୀ ହୋଇଛି। ପ୍ରତିଯୋଗିତା ଆଉ ଗୋଟିଏ ଦିନ ବାକିଥିଲାବେଳେ ଭାରତ ୭୬ଟି ପଦକ ଜିତି ଏସିଆନ ଗେମ୍ସ ପଦକ ତାଲିକାରେ ୫ମ ସ୍ଥାନକୁ ଉନ୍ନୀତ ହୋଇଛି।

## 'ଏକ ଦେଶ, ଏକ ନିର୍ବାଚନ'କୁ ଝଟ୍‌କା

# ସଂସଦୀୟ କମିଟି ସହ ବସିବାକୁ ସୁପ୍ରିମକୋର୍ଟଙ୍କ ନା



■ ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଉପରେ ବିଚାର କରୁଥିବା ସଂସଦୀୟ କମିଟି ସହ ବୈଠକ କରିବାକୁ ସୁପ୍ରିମକୋର୍ଟର ବିଚାରପତିମାନେ ମନା କରିଦେଇଛନ୍ତି। ପ୍ରସ୍ତାବିତ ସାମ୍ବିଧାନିକ ସଂଶୋଧନ ପରେ ହିଁ ନ୍ୟାୟିକ ସମୀକ୍ଷା ହୋଇପାରିବ ଏବଂ ବର୍ତ୍ତମାନ ଏଭଳି ଆଲୋଚନା କରିବା ଉଚିତ ନୁହେଁ ବୋଲି କୋର୍ଟ ପକ୍ଷରୁ କମିଟିକୁ ଜଣାଇ ଦିଆଯାଇଛି। ସୁପ୍ରିମକୋର୍ଟର ମହାସଚିବଙ୍କ ପକ୍ଷରୁ ସଂସଦୀୟ କମିଟିକୁ ପଠାଯାଇଥିବା ଯୋଗାଯୋଗରେ କୁହାଯାଇଛି ଯେ, ସମାନ୍ତରାଳ ନିର୍ବାଚନ ସମ୍ପର୍କିତ ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍, ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍ ଉପରେ ଅକ୍ଟୋବର ୬ରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ସମେତ ଅନ୍ୟ ବିଚାରପତିଙ୍କ ସହ ଅନୌପଚାରିକ ଆଲୋଚନା ପ୍ରସ୍ତାବ ଆସିଥିଲା। ବରିଷ୍ଠ ବିଚାରପତିମାନେ ଏହି ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ପ୍ରସ୍ତାବିତ ସଂଶୋଧନ ଭବିଷ୍ୟତରେ ସୁପ୍ରିମକୋର୍ଟରେ ନ୍ୟାୟିକ ସମୀକ୍ଷାର ବିଷୟ ହୋଇପାରେ। ଏପରି ସ୍ଥିତିରେ ବିଚାରପତିମାନେ ପ୍ରଶାସନିକ ସ୍ତରରେ ଆଲୋଚନା କରିବା ▶ପୃଷ୍ଠା-୭

## ଗୋଟିଏ ନାରାରେ କମ୍ପିଲା ଦିଲ୍ଲୀ, ମୁମ୍ବଇ

# ଜ୍ଞାନୁ, ଇସ୍ତଫା ଦିଅ

### ଏସ୍‌ଆଇଆର୍‌କୁ ନେଇ ଯନ୍ତରମନ୍ତରରେ ବିକ୍ଷୋଭ

### ଅତିଶୀ, ବୃନ୍ଦା କରାତଙ୍କ ସମେତ ୧୧୦୦ ଅଟକ

### ୧୧ ମେଟ୍ରୋ ଷ୍ଟେସନରେ ପ୍ରବେଶ-ପ୍ରସ୍ଥାନ ବନ୍ଦ

■ ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): ନିର୍ବାଚନ ପ୍ରକ୍ରିୟାରେ କଥିତ ଅନିୟମିତତା ଏବଂ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ଦିଲ୍ଲୀର ଯନ୍ତରମନ୍ତରରେ ଶୁକ୍ରବାର ବିକ୍ଷୋଭ ତୀବ୍ର ହୋଇଛି। ଏହି ପ୍ରତିବାଦ ସମୟରେ ଆମ୍ ଆଦମୀ ପାର୍ଟିର ନେତା ସୌରଭ ଭରଦ୍ୱାଜ, ଅତିଶୀ ଓ ସଞ୍ଜୟ ସିଂହଙ୍କ ସହ ସିପିଆଇ(ଏମ୍) ନେତ୍ରୀ ବୃନ୍ଦା କରାତ ଏବଂ ବହୁ ସଂଖ୍ୟକ କର୍ମୀଙ୍କୁ ପୁଲିସ ଅଟକ ରଖିଛି। ରିପୋର୍ଟ ଅନୁସାରେ, ପ୍ରାୟ ୧୧୦୦ ଜଣ ବିକ୍ଷୋଭକାରୀଙ୍କୁ ଅଟକ କରାଯାଇଛି। ବିକ୍ଷୋଭକାରୀ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟାରେ ଭୋଟରଙ୍କ ନାମ ବାଦ ପଡ଼ିବା ଏବଂ ନିର୍ବାଚନୀ ତାଲିକା ସମ୍ପର୍କିତ ଅଭିଯୋଗକୁ ନେଇ ବିରୋଧୀ ଦଳ, ଛାତ୍ର ସଂଗଠନ ଓ ବିଭିନ୍ନ ନାଗରିକ ସଂଗଠନ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କିନ୍ତୁ ଯନ୍ତରମନ୍ତରରେ ପ୍ରସ୍ତାବିତ ବିକ୍ଷୋଭ ପାଇଁ ଦିଲ୍ଲୀ ପୁଲିସ ଅନୁମତି ଦେଇନଥିଲା। ତେବେ ବିପୁଳ ସଂଖ୍ୟାରେ ଲୋକଙ୍କ ସମାଗମ ହେବାର ଆଶଙ୍କା ଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ପ୍ରାୟ ▶ପୃଷ୍ଠା-୭





## ଶିବାଜୀ ପାର୍କରେ ଗର୍ଜିଲେ କକ୍ରୋଚ୍

### ଚକୋଲେଟ୍ କଭର କାଗଜରେ ଗହଣା ପିନ୍ଧି, ଫିଲ୍ମ ଡାଏଲଗ୍‌ରେ ଜ୍ଞାନେଶଙ୍କ ଇସ୍ତଫା ଦାବି

■ ମୁମ୍ବଇ,୨।୧୦(ଏଜେନ୍ସି): ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ମୁମ୍ବଇର ଶିବାଜୀ ପାର୍କରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ବିକ୍ଷୋଭ କରାଯାଇଛି। 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆୟୋଜିତ ପ୍ରତିବାଦରେ ବହୁ ସଂଖ୍ୟକ ଯୁବକଯୁବତୀ ଯୋଗଦେଇ ସିଇସିଙ୍କ ଇସ୍ତଫା ଦାବି କରିଛନ୍ତି। ବିକ୍ଷୋଭରେ ସାମିଲ ଯୁବକମାନେ ବିଭିନ୍ନ ବ୍ୟଙ୍ଗାତ୍ମକ ପ୍ଲାକାର୍ଡ, ମିମ୍ ଓ ଲୋକପ୍ରିୟ ଚଳଚ୍ଚିତ୍ରର ସଂଳାପକୁ ବ୍ୟବହାର କରିଥିଲେ। ବିକ୍ଷୋଭ ସ୍ଥଳରେ 'ଜ୍ଞାନୁ, ତୁମର ଗଣତନ୍ତ୍ର ଉପରେ ଭରସା ନାହିଁ କି', 'ଜ୍ଞାନେଶ ବ୍ରୋ, ଜଷ୍ଟ ରିଜାଇନ୍' ଏବଂ 'ଗଦ୍ଦାର ଜ୍ଞାନୁ ମଷ୍ଟ ଗୋ' ଲେଖାଥିବା ପୋଷ୍ଟର ଦେଖିବାକୁ ମିଳିଥିଲା। ତ୍ରିରଙ୍ଗା ଧରି ବିକ୍ଷୋଭକାରୀମାନେ ସ୍ଲୋଗାନ ଦେବା ସହ ଗାନ୍ଧୀଙ୍କ ▶ପୃଷ୍ଠା-୭

## ଆରମ୍ଭ ହେଲା ବିଜେଡିର ଜନ ସମ୍ପର୍କ ପଦଯାତ୍ରା

# ଭଲ କାମ ପାଇଁ ବିଜେଡି ଲୋକଙ୍କ ହୃଦୟରେ ଅଛି ଓ ରହିବ: ନବୀନ

■ ଭୁବନେଶ୍ୱର, ୨।୧୦ (ସମିସ): ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି ବିଜୁ ଜନତା ଦଳ। ଏକାମ୍ର ନିର୍ବାଚନମଣ୍ଡଳୀରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ବାର୍ଷିକ ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି।

### ବିଜେପି ସରକାର ଲୋକ ବିରୋଧୀ, ଓଡ଼ିଶା ବିରୋଧୀ

### ଏ ସରକାର ଓଡ଼ିଶା ପାଇଁ ଚୁପ୍; ଖଣି ମାଲିକଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ



ନଭେମ୍ବର ଦୁଇ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏହି ପଦଯାତ୍ରା ଜାରି ରହିବ। ଶୁକ୍ରବାର ସକାଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ନିକଟସ୍ଥ ରଜ ପଡ଼ିଆରୁ ଏହି ପଦଯାତ୍ରାର ଶୁଭାରମ୍ଭ କରି ନବୀନ କହିଛନ୍ତି, ବିଜୁ ଜନତା ଦଳ ତା'ର ଭଲ କାମ ପାଇଁ ସବୁବେଳେ ଲୋକଙ୍କ ହୃଦୟରେ ଅଛି ଓ ରହିଥିବ। ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋକପାତ କରି ସେ କହିଲେ ଯେ ଓଡ଼ିଶା ଏବେ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ଏବର ସରକାର କହୁଛନ୍ତି ଲୋକଙ୍କ ସରକାର; କିନ୍ତୁ ଲୋକଙ୍କ କଥା ଶୁଣିବାକୁ କେହି ନାହାଁନ୍ତି। ପିଲାଙ୍କ ପାଠ ବହି ନାହିଁ। ବୃଦ୍ଧବୃଦ୍ଧାଙ୍କ ଭତ୍ତା ନାହିଁ। ଚାଷୀ ହଇରାଣ ହେଉଛନ୍ତି। ମା'ମାନେ ବି ହଇରାଣ ହେଉଛନ୍ତି। ଆଇନଶୃଙ୍ଖଳା ବୋଲି କିଛି ନାହିଁ ବୋଲି କହି ସରକାରଙ୍କ ଉପରେ ବର୍ଷିଛନ୍ତି ନବୀନ।

ରାଜ୍ୟ ସରକାରଙ୍କ ବିଫଳତା ଓ କୁପରିଚାଳନା ଉପରେ ନବୀନ କହିଛନ୍ତି, ଏ ସରକାର ଗୋଟିଏ ବି ରଥଯାତ୍ରା ଠିକ୍ ଭାବରେ ପରିଚାଳନା କରି ପାରିଲେନି। ବନ୍ୟା ରିଲିଫ ବଣ୍ଟନ, ଧାନ ସଂଗ୍ରହ, ନିଯୁକ୍ତି ପରୀକ୍ଷା ଏବଂ ଅର୍ଥ ବ୍ୟବସ୍ଥା, ସବୁଥିରେ କୁପରିଚାଳନା। ସବୁ କାମରେ ଏ ସରକାର ଫେଲ୍। ଲୋକ କହୁଛନ୍ତି ଯେ ବୋଧେ ଓଡ଼ିଶା ବିଜେପି ସରକାର କୁପରିଚାଳନାରେ ବିଶେଷ ଦକ୍ଷତା ହାସଲ କରିଛି। ସେପଟେ କେନ୍ଦ୍ର ସରକାର ଖଣି ଉପରୁ ଓଡ଼ିଶାବାସୀଙ୍କ ଅଧିକାର ନେଇଗଲେ; ଓଡ଼ିଶା ସରକାର ଚୁପ୍। କୋଡ଼ିଏ ବିଜେପି ସାଂସଦ ଓଡ଼ିଶାବାସୀଙ୍କ ପାଇଁ ମୁହଁ ଖୋଲିଲେ ନାହିଁ; କିନ୍ତୁ ଖଣି ମାଲିକଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ। ସେହିପରି ପିଲାଙ୍କ ପଢ଼ା ବହି କଥା ନ କହିବା ଭଲ। ସେଥିରେ ହଜାର ହଜାର ଭୁଲ୍; କିନ୍ତୁ ଉତ୍ତରଦାୟିତ୍ୱ ନେବାକୁ ସରକାର ନାରାଜ ବୋଲି କହି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି।

ସେ ଆହୁରି କହିଥିଲେ ଯେ ରାଜ୍ୟରେ ରାଜସ୍ୱ ସଂଗ୍ରହ କମୁଛି। ▶ପୃଷ୍ଠା-୭

# ଚାପ ପରେ ଇସିଆଇଙ୍କ ୟୁ-ଟର୍ଣ୍ଣ

## ଏସ୍‌ଆଇଆର୍‌ରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ ପାଇଁ ବିଏଲ୍‌ଓଙ୍କୁ ନିର୍ଦ୍ଦେଶ

### ୨୦ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଅଭିଯାନ



■ ନୂଆଦିଲ୍ଲୀ,୨।୧୦(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ମଧ୍ୟରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ନାମ ପୁଣି ତାଲିକାରେ ସାମିଲ କରିବା ପାଇଁ ନିର୍ବାଚନ କମିସନ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏସ୍‌ଆଇଆର୍ ସରିଥିବା ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପଦକ୍ଷେପ ନିଆଯାଇଛି। ଏଥିସହ ପ୍ରଥମ ଥର ଭୋଟ ଦେବାକୁ ଯୋଗ୍ୟ ଯୁବ ଭୋଟରଙ୍କୁ ମଧ୍ୟ ତାଲିକାଭୁକ୍ତ କରାଯିବ। ସେପ୍ଟେମ୍ବର ୨୯ର ନିର୍ଦ୍ଦେଶ ଅନୁସାରେ, ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀମାନେ ବାଦ୍ ପଡ଼ିଥିବା ଭୋଟରଙ୍କୁ ଚିହ୍ନଟ କରିବେ। ଏସ୍‌ଆଇଆର୍ ପୂର୍ବର ଭୋଟର ତାଲିକାକୁ ବର୍ତ୍ତମାନର ତାଲିକା ସହ ତୁଳନା କରାଯିବ। ଏହାପରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରେ ଘରେ ଯାଇ ଯାଞ୍ଚ କରିବେ। ପ୍ରତ୍ୟେକ ବୁଥ୍‌ସ୍ତରୀୟ ଅଧିକାରୀ ସପ୍ତାହକୁ ୨୦ରୁ ୨୫ ଜଣ ଭୋଟରଙ୍କ ଯାଞ୍ଚ କରିବେ। ଏକ ମାସ ମଧ୍ୟରେ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରହିଛି। ଯୋଗ୍ୟ ଭୋଟରଙ୍କଠାରୁ ଘରେ ହିଁ ଫର୍ମ-୬ ଗ୍ରହଣ କରାଯିବ। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ବୁଥ୍‌ସ୍ତରୀୟ

# ବଜେଟ ଅର୍ଥ ଖର୍ଚ୍ଚ କରିପାରୁନି ଗଣଶିକ୍ଷା ବିଭାଗ

## ଗତବର୍ଷ ଖର୍ଚ୍ଚ ହୋଇଛି ମାତ୍ର ୩୧.୪୫ ପ୍ରତିଶତ ଟଙ୍କା

### ଖର୍ଚ୍ଚ ହୋଇ ପାରିନି ୨୧,୩୭୫.୫୯ କୋଟି ଟଙ୍କା

### ଭୋକେସନାଲ୍ ଶିକ୍ଷକଙ୍କୁ ଏଯାଏଁ ମିଳିନି ଦରମା

■ ଭୁବନେଶ୍ୱର, ୨।୧୦(ସମିସ): ପ୍ରାଥମିକଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରତିବର୍ଷ ବଜେଟ୍‌ରେ ବିପୁଳ ଅର୍ଥ ବରାଦ କରାଯାଉଛି। ବଜେଟ୍‌ରେ ଅର୍ଥ ବରାଦ ବୃଦ୍ଧି ପାଉଥିବାବେଳେ ସେହି ଅନୁପାତରେ ଅର୍ଥ ବିନିଯୋଗ କରିବାରେ ଗଣଶିକ୍ଷା ବିଭାଗ ବିଫଳ ହୋଇଛି। ଗତ ୨୦୨୫-୨୬ ଶିକ୍ଷାବର୍ଷରେ ଗଣଶିକ୍ଷା ବିଭାଗ ମାତ୍ର ୩୧.୪୫% ଅର୍ଥ ଖର୍ଚ୍ଚ କରିପାରିଛି। ଯାହାକୁ ନେଇ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତଥ୍ୟ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗଣଶିକ୍ଷା ବିଭାଗକୁ ସମୁଦାୟ ୩୧୧୮୫.୪୭ କୋଟି ଟଙ୍କା ଅନୁଦାନ ମିଳିଥିଲା। ତନ୍ମଧ୍ୟରୁ ମାତ୍ର ୯୮୦୯.୮୮ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ଅର୍ଥାତ୍ ସମଗ୍ର ଶିକ୍ଷା ବର୍ଷରେ ମାତ୍ର ୩୧.୪୫% ଅର୍ଥ ବିନିଯୋଗ କରିବାରେ ବିଭାଗ ସକ୍ଷମ ହୋଇଛି। ପ୍ରାୟ ୨୧,୩୭୫.୫୯ କୋଟି ଟଙ୍କା ଅର୍ଥାତ୍ ୬୮.୫୪% ଅର୍ଥ ଖର୍ଚ୍ଚ ▶ପୃଷ୍ଠା-୭

## ଓଲଟ ପାଲଟ



ତ୍ରିଶିକା ଝିଅଟି ସୁସ୍ଥ ହେବା ପାଇଁ
ଷୋଳ କୋଟି ଟଙ୍କା ଦର୍କାର,
ଏମିତି ରୋଗକୁ ଦାମୀ ଇଞ୍ଜେକ୍ସନ
ଲେଖିଦେଲେ ବଡ଼ ଡାକ୍ତର।
ସାହାଯ୍ୟ ପାଇଁକି ସୋସିଆଲ୍ ମିଡିଆ
କରୁଅଛି ଜୋର ପ୍ରଚାର,
ଠକ ଟାଉଟର ଲାଗିଗଲେ ସବୁ
କରିବାକୁ ଟଙ୍କା ବେପାର।
ବିନା ଇଞ୍ଜେକସନେ ରାଜବୀର ସୁସ୍ଥ
ରହିଅଛି କେଉଁ ପ୍ରକାର ?

- ଯାଯାବର

## ନିୟନ୍ତ୍ରଣ ବାହାରେ ଏଆଇ ମଡେଲ

# ୧୦୦ ସଂସ୍ଥାର ସିଷ୍ଟମ୍‌ରୁ ତଥ୍ୟ ହ୍ୟାକ୍

### ୫୦ ପେଟାବାଇଟ୍ ଡାଟା ଯାଞ୍ଚ ହେବ

### ତ୍ରୁଟି ଖୋଜିବା ପାଇଁ ମଣିଷକୁ ଲାଗିଯିବ ୬.୬ କୋଟି ବର୍ଷ



■ ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ନେଇ ଏବେ ସାରା ଦୁନିଆରେ ଯେତିକି ଚର୍ଚ୍ଚା, ସେତିକି ଭୟର ବାତାବରଣ। କାରଣ ଦିନକୁ ଦିନ ଏଆଇ ମଡେଲଗୁଡ଼ିକ ମଣିଷର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଚାର୍ଟଜିପିଟି ସୃଷ୍ଟି କରିଥିବା ସାମ୍ ଅଲ୍ଟମ୍ୟାନଙ୍କ ଏଆଇ କମ୍ପାନୀ ଓପନ୍‌ଏଆଇର ଏକ ମଡେଲ ୧୦୦ରୁ ଅଧିକ ପ୍ରତିଷ୍ଠାନର ସିଷ୍ଟମରେ ବଳପୂର୍ବକ ଅନୁପ୍ରବେଶ କରିଛି। କମ୍ପାନୀ ବର୍ତ୍ତମାନ ଏହାର ଏଆଇ ମଡେଲଗୁଡ଼ିକର ତାଲିମ ଏବଂ ପରୀକ୍ଷଣ ସହିତ ଜଡ଼ିତ ୫୦ ପେଟାବାଇଟ୍ ଡାଟା ପରୀକ୍ଷା କରୁଛି, ଯାହା ଏ ପର୍ଯ୍ୟନ୍ତ ମିଳିଥିବା ତ୍ରୁଟି ବ୍ୟତୀତ ଅନ୍ୟ କୌଣସି ତ୍ରୁଟି ଚିହ୍ନଟ କରିବ। ଏହି ପରୀକ୍ଷା ପାଇଁ ୭୦୦୦ ଅତ୍ୟାଧୁନିକ ଜିବି୨୦୦ ଏବଂ ଜିବି୩୦୦ ଜିପିୟୁ ନିୟୋଜିତ କରାଯାଇଛି, ଯାହାର ମୂଲ୍ୟ ଦୈନିକ ପ୍ରାୟ ୫ କୋଟି ଟଙ୍କା ହେବ। ତେବେ ଏହି ତ୍ରୁଟି ଚିହ୍ନଟ କରିବା ପାଇଁ ଏଆଇକୁ ନିଜେ ୫୦ ପେଟାବାଇଟ୍ ଡାଟା ପରୀକ୍ଷା କରିବାକୁ ପଡିବ। ଯଦି ମନୁଷ୍ୟ ଦ୍ୱାରା ଏହା କରାଯାଏ ତେବେ ଏଥିପାଇଁ ୬ କୋଟି ବର୍ଷ ସମୟ ଲାଗିବ। ଏହି କାର୍ଯ୍ୟ ମଣିଷର ପହଞ୍ଚ ବାହାରେ ଥିବାରୁ, ଏହା କରିବା ପାଇଁ ଏଆଇ ମଡେଲଗୁଡ଼ିକୁ ବ୍ୟବହାର କରାଯାଉଛି। ପରୀକ୍ଷାକୁ ଅଧିକ ସଠିକ୍ କରିବା ପାଇଁ ଅଧିକ କମ୍ପ୍ୟୁଟିଂ ଶକ୍ତି ନିୟୋଜିତ କରାଯାଉଛି।

ଏହି ଘଟଣା ସେତେବେଳେ ଘଟିଥିଲା, ଯେତେବେଳେ ସାଇବର ସୁରକ୍ଷା କ୍ଷମତା ପରୀକ୍ଷା କରିବା ପାଇଁ ଏହାର ଏଆଇ ମଡେଲଗୁଡ଼ିକ ମଧ୍ୟରୁ ଗୋଟିଏର ପରୀକ୍ଷା କରାଯାଉଥିଲା। ପରୀକ୍ଷାରେ ଭଲ ସ୍କୋର କରିବା ପାଇଁ ଏଆଇ ଏକ ବିପଜ୍ଜନକ ସର୍ଟକଟ୍ ନେଇଥିଲା। ଏଥିରେ ଏଆଇ ମଡେଲକୁ ଏକ ସୁରକ୍ଷିତ ଏବଂ ବନ୍ଦ ପରୀକ୍ଷଣ ପରିବେଶରେ ରଖାଯାଇଥିଲା, ଯେଉଁଠାରେ ଏହାକୁ ଇଣ୍ଟରନେଟ୍ ପ୍ରବେଶ କରିବାକୁ ଅନୁମତି ନ ଥିଲା। ଏହା ସତ୍ତ୍ୱେ ଏଆଇ ▶ପୃଷ୍ଠା-୭

# ୪ ଟଙ୍କା ବଢ଼ିବ ଓମ୍‌ଫେଡ୍ କ୍ଷୀର




### ଟୋନ୍‌ଡ କ୍ଷୀର ୫୪ ଟଙ୍କାରୁ ହେବ ୫୮

### ଲିଟର ପିଛା ୨ ଟଙ୍କା ବଢ଼ିବ ପ୍ରିମିୟମ ଓ ଗୋଲ୍ଡ

■ ଭୁବନେଶ୍ୱର, ୨।୧୦ (ସମିସ): ଅକ୍ଟୋବର ୪ରୁ ବଢ଼ିବ ଓମ୍‌ଫେଡ୍ କ୍ଷୀର ମୂଲ୍ୟ। ଟୋନ୍‌ଡ଼ କ୍ଷୀର ଲିଟର ୪ଟଙ୍କା ବଢ଼ି ୫୪ଟଙ୍କାରୁ ୫୮ ଟଙ୍କା ହେବ। ଅର୍ଥାତ୍ ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍ ୫୦୦ ମି.ଲି ପିଛା ୨ଟଙ୍କା ବୃଦ୍ଧି ପାଇବ। ଏବେ ୫୦୦ ମିଲିଲିଟର ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍‌ର ଦର ୨୭ ଟଙ୍କା ଥିବା ବେଳେ ଏହା ୨୯ ଟଙ୍କାକୁ ବୃଦ୍ଧି ପାଇବ। ସେହିପରି ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହେବ। ଫଳରେ ଏହାର ମୂଲ୍ୟ ୫୮ ଟଙ୍କାରୁ ବୃଦ୍ଧି ପାଇ ୬୦ ଟଙ୍କା ପହଞ୍ଚିବ ହେବ। ଅର୍ଥାତ୍ ୫୦୦ ମିଲିଲିଟର ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ ପାଇଁ ଗ୍ରାହକଙ୍କୁ ୩୦ ଟଙ୍କା ଦେବାକୁ ହେବ। ସେହିପରି ଗୋଲ୍ଡ ଦୁଗ୍ଧ ଲିଟର ପିଛା ଦର ୬୨ ଟଙ୍କାକୁ ବୃଦ୍ଧି ପାଉଛି। ଆସନ୍ତା ୪ ତାରିଖରୁ ଆଧା ଲିଟର ଗୋଲ୍ଡ ପ୍ୟାକେଟ୍ ପାଇଁ ଗ୍ରାହକଙ୍କୁ ୩୧ ଟଙ୍କା ▶ପୃଷ୍ଠା-୭

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI
•VOLUME- 44 •ISSUE-100 •SATURDAY •03 OCTOBER 2026 •PAGE-12 •₹ 7.00
•ବର୍ଷ-୪୪ •ସଂଖ୍ୟା-୧୦୦ •ଶନିବାର •୦୩ ଅକ୍ଟୋବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦

**ଏସୀୟ କ୍ରୀଡ଼ା: ୪୪ ବର୍ଷ ପରେ ଇତିହାସ ରଚିଲା ଭାରତ**

# ହକିରେ ସ୍ୱର୍ଣ୍ଣ ଜିତିଲେ ମହିଳା



■ ନାଗୋୟା, ୨।୧୦ (ଏଜେନ୍ସି): ଶକ୍ତିଶାଳୀ ଟିମ୍ ତଥା ଏସୀୟ ହକି ଚାମ୍ପିଅନ ଚୀନକୁ ୧-୦ ଗୋଲରେ ପରାସ୍ତ କରି ଭାରତ ଦୀର୍ଘ ୪୪ ବର୍ଷ ପରେ ମହିଳା ହକିରେ ସ୍ୱର୍ଣ୍ଣପଦକ ହାସଲ କରିଛି। ଏହି ବିଜୟ ସହ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ସ ଲାଗି ମହିଳା ହକି ଦଳ ମଧ୍ୟ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି।

**ଶୁଭେଚ୍ଛା ଜଣାଇଲେ ନବୀନ**

ଫାଇନାଲରେ ଭାରତ ପକ୍ଷରୁ ଖେଳର ୧୦ମ ମିନିଟ୍‌ରେ ଲାଲରେମସିଆମି ଏକ ବିଚକ୍ଷଣ ଫିଲ୍ଡ ଗୋଲ ସ୍କୋର କରିଥିଲେ। ଏହି ଗୋଲ ଶେଷରେ ମ୍ୟାଚ୍‌ର ଭାଗ୍ୟ ନିର୍ଦ୍ଧାରଣ କରିଥିଲା। ସ୍ୱର୍ଣ୍ଣ ବିଜୟୀ ଭାରତୀୟ ମହିଳା ହକି ଦଳକୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଓ ସପୋର୍ଟ ଷ୍ଟାଫଙ୍କୁ ୫.୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ଦେବାକୁ ଘୋଷଣା କରାଯାଇଛି।

ଆଜି ଭାରତ ମହିଳା ହକି ସମେତ ୬ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ମହିଳା ରିକର୍ଭ ଟିମ୍ ଆଜି ଐତିହାସିକ ସ୍ୱର୍ଣ୍ଣରୁ ବିଜୟ ଅଭିଯାନ ଆରମ୍ଭ କରିଥିଲେ। ୧୦ ଥରର ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ କୀର୍ତ୍ତି ଶର୍ମା, ଅଙ୍କିତା ଭକତ ଓ କୁମ୍‌କୁମ୍ ଅନିଲ ମୋହେ୍‌ଭାରତ ଏହି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଲଭଲିନା ବୋରୋଗୋହାଇଁ ଭାରତର ମାତ୍ର ଦ୍ୱିତୀୟ ବକ୍ସରଭାବେ ମହିଳା ବକ୍ସିଂରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପରବିନ ହୁଦା ତାଙ୍କ ପରେ ତୃତୀୟ ସ୍ୱର୍ଣ୍ଣ ଜିତିଥିଲେ। ଶେଷ ଭାଗ ପ୍ରତିଯୋଗିତାର ପୁରୁଷ ରେସଲିଂରେ ସୁଜିତ କାଲକଲ ଓ ବକ୍ସିଂରେ ଅଙ୍କୁଶ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**'ଏକ ଦେଶ, ଏକ ନିର୍ବାଚନ'କୁ ଝଟ୍‌କା**

# ସଂସଦୀୟ କମିଟି ସହ ବସିବାକୁ ସୁପ୍ରିମକୋର୍ଟଙ୍କ ନା



■ ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଉପରେ ବିଚାର କରୁଥିବା ସଂସଦୀୟ କମିଟି ସହ ବୈଠକ କରିବାକୁ ସୁପ୍ରିମକୋର୍ଟର ବିଚାରପତିମାନେ ମନା କରିଦେଇଛନ୍ତି। ପ୍ରସ୍ତାବିତ ସାମ୍ବିଧାନିକ ସଂଶୋଧନ ପରେ ହିଁ ନ୍ୟାୟିକ ସମୀକ୍ଷା ହୋଇପାରିବ ଏବଂ ବର୍ତ୍ତମାନ ଏଭଳି ଆଲୋଚନା କରିବା ଉଚିତ ନୁହେଁ ବୋଲି କୋର୍ଟ ପକ୍ଷରୁ କମିଟିକୁ ଜଣାଇ ଦିଆଯାଇଛି। ସୁପ୍ରିମକୋର୍ଟର ମହାସଚିବଙ୍କ ପକ୍ଷରୁ ସଂସଦୀୟ କମିଟିକୁ ପଠାଯାଇଥିବା ଯୋଗାଯୋଗରେ କୁହାଯାଇଛି ଯେ, ସମାନ୍ତରାଳ ନିର୍ବାଚନ ସମ୍ପର୍କିତ ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍, ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍ ଉପରେ ଅକ୍ଟୋବର ୬ରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ସମେତ ଅନ୍ୟ ବିଚାରପତିଙ୍କ ସହ ଅନୌପଚାରିକ ଆଲୋଚନା ପ୍ରସ୍ତାବ ଆସିଥିଲା। ବରିଷ୍ଠ ବିଚାରପତିମାନେ ଏହି ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ପ୍ରସ୍ତାବିତ ସଂଶୋଧନ ଭବିଷ୍ୟତରେ ସୁପ୍ରିମକୋର୍ଟରେ ନ୍ୟାୟିକ ସମୀକ୍ଷାର ବିଷୟ ହୋଇପାରେ। ଏପରି ସ୍ଥିତିରେ ବିଚାରପତିମାନେ ପ୍ରଶାସନିକ ସ୍ତରରେ ଆଲୋଚନା କରିବା ▶ପୃଷ୍ଠା-୭

**ଗୋଟିଏ ନାରାରେ କମ୍ପିଲା ଦିଲ୍ଲୀ, ମୁମ୍ବଇ**

# ଜ୍ଞାନୁ, ଇସ୍ତଫା ଦିଅ

**ଏସ୍‌ଆଇଆର୍‌କୁ ନେଇ ଯନ୍ତରମନ୍ତରରେ ବିକ୍ଷୋଭ**

**ଅତିଶୀ, ବୃନ୍ଦା କରାତଙ୍କ ସମେତ ୧୧୦୦ ଅଟକ**

**୧୧ ମେଟ୍ରୋ ଷ୍ଟେସନରେ ପ୍ରବେଶ-ପ୍ରସ୍ଥାନ ବନ୍ଦ**

■ ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): ନିର୍ବାଚନ ପ୍ରକ୍ରିୟାରେ କଥିତ ଅନିୟମିତତା ଏବଂ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ଦିଲ୍ଲୀର ଯନ୍ତରମନ୍ତରରେ ଶୁକ୍ରବାର ବିକ୍ଷୋଭ ତୀବ୍ର ହୋଇଛି। ଏହି ପ୍ରତିବାଦ ସମୟରେ ଆମ୍ ଆଦମୀ ପାର୍ଟିର ନେତା ସୌରଭ ଭରଦ୍ୱାଜ, ଅତିଶୀ ଓ ସଞ୍ଜୟ ସିଂହଙ୍କ ସହ ସିପିଆଇ(ଏମ୍) ନେତ୍ରୀ ବୃନ୍ଦା କରାତ ଏବଂ ବହୁ ସଂଖ୍ୟକ କର୍ମୀଙ୍କୁ ପୁଲିସ ଅଟକ ରଖିଛି। ରିପୋର୍ଟ ଅନୁସାରେ, ପ୍ରାୟ ୧୧୦୦ ଜଣ ବିକ୍ଷୋଭକାରୀଙ୍କୁ ଅଟକ କରାଯାଇଛି। ବିକ୍ଷୋଭକାରୀ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟାରେ ଭୋଟରଙ୍କ ନାମ ବାଦ ପଡ଼ିବା ଏବଂ ନିର୍ବାଚନୀ ତାଲିକା ସମ୍ପର୍କିତ ଅଭିଯୋଗକୁ ନେଇ ବିରୋଧୀ ଦଳ, ଛାତ୍ର ସଂଗଠନ ଓ ବିଭିନ୍ନ ନାଗରିକ ସଂଗଠନ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କିନ୍ତୁ ଯନ୍ତରମନ୍ତରରେ ପ୍ରସ୍ତାବିତ ବିକ୍ଷୋଭ ପାଇଁ ଦିଲ୍ଲୀ ପୁଲିସ ଅନୁମତି ଦେଇନଥିଲା। ତେବେ ବିପୁଳ ସଂଖ୍ୟାରେ ଲୋକଙ୍କ ସମାଗମ ହେବାର ଆଶଙ୍କା ଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ପ୍ରାୟ ▶ପୃଷ୍ଠା-୭





## ଶିବାଜୀ ପାର୍କରେ ଗର୍ଜିଲେ କକ୍ରୋଚ୍

■ ମୁମ୍ବଇ,୨।୧୦(ଏଜେନ୍ସି): ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ମୁମ୍ବଇର ଶିବାଜୀ ପାର୍କରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ବିକ୍ଷୋଭ କରାଯାଇଛି।

**ଚକୋଲେଟ୍ କଭର କାଗଜରେ ଗହଣା ପିନ୍ଧି, ଫିଲ୍ମ ଡାଏଲଗ୍‌ରେ ଜ୍ଞାନେଶଙ୍କ ଇସ୍ତଫା ଦାବି**

'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆୟୋଜିତ ପ୍ରତିବାଦରେ ବହୁ ସଂଖ୍ୟକ ଯୁବକଯୁବତୀ ଯୋଗଦେଇ ସିଇସିଙ୍କ ଇସ୍ତଫା ଦାବି କରିଛନ୍ତି। ବିକ୍ଷୋଭରେ ସାମିଲ ଯୁବକମାନେ ବିଭିନ୍ନ ବ୍ୟଙ୍ଗାତ୍ମକ ପ୍ଲାକାର୍ଡ, ମିମ୍ ଓ ଲୋକପ୍ରିୟ ଚଳଚ୍ଚିତ୍ରର ସଂଳାପକୁ ବ୍ୟବହାର କରିଥିଲେ। ବିକ୍ଷୋଭ ସ୍ଥଳରେ 'ଜ୍ଞାନୁ, ତୁମର ଗଣତନ୍ତ୍ର ଉପରେ ଭରସା ନାହିଁ କି', 'ଜ୍ଞାନେଶ ବ୍ରୋ, ଜଷ୍ଟ ରିଜାଇନ୍' ଏବଂ 'ଗଦ୍ଦାର ଜ୍ଞାନୁ ମଷ୍ଟ ଗୋ' ଲେଖାଥିବା ପୋଷ୍ଟର ଦେଖିବାକୁ ମିଳିଥିଲା। ତ୍ରିରଙ୍ଗା ଧରି ବିକ୍ଷୋଭକାରୀମାନେ ସ୍ଲୋଗାନ ଦେବା ସହ ଗାନ୍ଧୀଙ୍କ ▶ପୃଷ୍ଠା-୭

**ଆରମ୍ଭ ହେଲା ବିଜେଡିର ଜନ ସମ୍ପର୍କ ପଦଯାତ୍ରା**

# ଭଲ କାମ ପାଇଁ ବିଜେଡି ଲୋକଙ୍କ ହୃଦୟରେ ଅଛି ଓ ରହିବ: ନବୀନ

■ ଭୁବନେଶ୍ୱର, ୨।୧୦ (ସମିସ): ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି ବିଜୁ ଜନତା ଦଳ। ଏକାମ୍ର ନିର୍ବାଚନମଣ୍ଡଳୀରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ବାର୍ଷିକ ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି।

**ବିଜେପି ସରକାର ଲୋକ ବିରୋଧୀ, ଓଡ଼ିଶା ବିରୋଧୀ**

**ଏ ସରକାର ଓଡ଼ିଶା ପାଇଁ ଚୁପ୍; ଖଣି ମାଲିକଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ**



ନଭେମ୍ବର ଦୁଇ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏହି ପଦଯାତ୍ରା ଜାରି ରହିବ। ଶୁକ୍ରବାର ସକାଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ନିକଟସ୍ଥ ରଜ ପଡ଼ିଆରୁ ଏହି ପଦଯାତ୍ରାର ଶୁଭାରମ୍ଭ କରି ନବୀନ କହିଛନ୍ତି, ବିଜୁ ଜନତା ଦଳ ତା'ର ଭଲ କାମ ପାଇଁ ସବୁବେଳେ ଲୋକଙ୍କ ହୃଦୟରେ ଅଛି ଓ ରହିଥିବ। ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋକପାତ କରି ସେ କହିଲେ ଯେ ଓଡ଼ିଶା ଏବେ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ଏବର ସରକାର କହୁଛନ୍ତି ଲୋକଙ୍କ ସରକାର; କିନ୍ତୁ ଲୋକଙ୍କ କଥା ଶୁଣିବାକୁ କେହି ନାହିଁ। ପିଲାଙ୍କ ପାଠ ବହି ନାହିଁ। ବୃଦ୍ଧବୃଦ୍ଧାଙ୍କ ଭତ୍ତା ନାହିଁ। ଚାଷୀ ହଇରାଣ ହେଉଛନ୍ତି। ମା'ମାନେ ବି ହଇରାଣ ହେଉଛନ୍ତି। ଆଇନଶୃଙ୍ଖଳା ବୋଲି କିଛି ନାହିଁ ବୋଲି କହି ସରକାରଙ୍କ ଉପରେ ବର୍ଷିଛନ୍ତି ନବୀନ।

ରାଜ୍ୟ ସରକାରଙ୍କ ବିଫଳତା ଓ କୁପରିଚାଳନା ଉପରେ ନବୀନ କହିଛନ୍ତି, ଏ ସରକାର ଗୋଟିଏ ବି ରଥଯାତ୍ରା ଠିକ୍ ଭାବରେ ପରିଚାଳନା କରି ପାରିଲେନି। ବନ୍ୟା ରିଲିଫ ବଣ୍ଟନ, ଧାନ ସଂଗ୍ରହ, ନିଯୁକ୍ତି ପରୀକ୍ଷା ଏବଂ ଅର୍ଥ ବ୍ୟବସ୍ଥା, ସବୁଥିରେ କୁପରିଚାଳନା। ସବୁ କାମରେ ଏ ସରକାର ଫେଲ୍। ଲୋକ କହୁଛନ୍ତି ଯେ ବୋଧେ ଓଡ଼ିଶା ବିଜେପି ସରକାର କୁପରିଚାଳନାରେ ବିଶେଷ ଦକ୍ଷତା ହାସଲ କରିଛି। ସେପଟେ କେନ୍ଦ୍ର ସରକାର ଖଣି ଉପରୁ ଓଡ଼ିଶାବାସୀଙ୍କ ଅଧିକାର ନେଇଗଲେ; ଓଡ଼ିଶା ସରକାର ଚୁପ୍। କୋଡ଼ିଏ ବିଜେପି ସାଂସଦ ଓଡ଼ିଶାବାସୀଙ୍କ ପାଇଁ ମୁହଁ ଖୋଲିଲେ ନାହିଁ; କିନ୍ତୁ ଖଣି ମାଲିକଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ। ସେହିପରି ପିଲାଙ୍କ ପଢ଼ା ବହି କଥା ନ କହିବା ଭଲ। ସେଥିରେ ହଜାର ହଜାର ଭୁଲ୍; କିନ୍ତୁ ଉତ୍ତରଦାୟିତ୍ୱ ନେବାକୁ ସରକାର ନାରାଜ ବୋଲି କହି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି।

ସେ ଆହୁରି କହିଥିଲେ ଯେ ରାଜ୍ୟରେ ରାଜସ୍ୱ ସଂଗ୍ରହ କମୁଛି। ▶ପୃଷ୍ଠା-୭

# ଚାପ ପରେ ଇସିଆଇଙ୍କ ୟୁ-ଟର୍ଣ୍ଣ

**ଏସ୍‌ଆଇଆର୍‌ରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ ପାଇଁ ବିଏଲ୍‌ଓଙ୍କୁ ନିର୍ଦ୍ଦେଶ**

■ ନୂଆଦିଲ୍ଲୀ,୨।୧୦(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ମଧ୍ୟରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ନାମ ପୁଣି ତାଲିକାରେ ସାମିଲ କରିବା ପାଇଁ ନିର୍ବାଚନ କମିସନ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏସ୍‌ଆଇଆର୍ ସରିଥିବା ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପଦକ୍ଷେପ ନିଆଯାଇଛି। ଏଥିସହ ପ୍ରଥମ ଥର ଭୋଟ ଦେବାକୁ ଯୋଗ୍ୟ ଯୁବ ଭୋଟରଙ୍କୁ ମଧ୍ୟ ତାଲିକାଭୁକ୍ତ କରାଯିବ। ସେପ୍ଟେମ୍ବର ୨୯ର ନିର୍ଦ୍ଦେଶ ଅନୁସାରେ,

**୨୦ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଅଭିଯାନ**



ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀମାନେ ବାଦ୍ ପଡ଼ିଥିବା ଭୋଟରଙ୍କୁ ଚିହ୍ନଟ କରିବେ। ଏସ୍‌ଆଇଆର୍ ପୂର୍ବର ଭୋଟର ତାଲିକାକୁ ବର୍ତ୍ତମାନର ତାଲିକା ସହ ତୁଳନା କରାଯିବ। ଏହାପରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରେ ଘରେ ଯାଇ ଯାଞ୍ଚ କରିବେ। ପ୍ରତ୍ୟେକ ବୁଥ୍‌ସ୍ତରୀୟ ଅଧିକାରୀ ସପ୍ତାହକୁ ୨୦ରୁ ୨୫ ଜଣ ଭୋଟରଙ୍କ ଯାଞ୍ଚ କରିବେ। ଏକ ମାସ ମଧ୍ୟରେ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରହିଛି। ଯୋଗ୍ୟ ଭୋଟରଙ୍କଠାରୁ ଘରେ ହିଁ ଫର୍ମ-୬ ଗ୍ରହଣ କରାଯିବ। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ▶ପୃଷ୍ଠା-୭

# ବଜେଟ ଅର୍ଥ ଖର୍ଚ୍ଚ କରିପାରୁନି ଗଣଶିକ୍ଷା ବିଭାଗ

**ଗତବର୍ଷ ଖର୍ଚ୍ଚ ହୋଇଛି ମାତ୍ର ୩୧.୪୫ ପ୍ରତିଶତ ଟଙ୍କା**

■ ଭୁବନେଶ୍ୱର, ୨।୧୦(ସମିସ): ପ୍ରାଥମିକଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରତିବର୍ଷ ବଜେଟ୍‌ରେ ବିପୁଳ ଅର୍ଥ ବରାଦ କରାଯାଉଛି। ବଜେଟ୍‌ରେ ଅର୍ଥ ବରାଦ ବୃଦ୍ଧି ପାଉଥିବାବେଳେ ସେହି ଅନୁପାତରେ ଅର୍ଥ ବିନିଯୋଗ କରିବାରେ ଗଣଶିକ୍ଷା ବିଭାଗ ବିଫଳ ହୋଇଛି। ଗତ ୨୦୨୫-୨୬ ଶିକ୍ଷାବର୍ଷରେ ଗଣଶିକ୍ଷା ବିଭାଗ ମାତ୍ର ୩୧.୪୫% ଅର୍ଥ ଖର୍ଚ୍ଚ କରିପାରିଛି। ଯାହାକୁ ନେଇ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଖର୍ଚ୍ଚ ହୋଇ ପାରିନି ୨୧,୩୭୫.୫୯ କୋଟି ଟଙ୍କା**

**ଭୋକେସନାଲ୍ ଶିକ୍ଷକଙ୍କୁ ଏଯାଏଁ ମିଳିନି ଦରମା**

ତଥ୍ୟ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗଣଶିକ୍ଷା ବିଭାଗକୁ ସମୁଦାୟ ୩୧୧୮୫.୪୭ କୋଟି ଟଙ୍କା ଅନୁଦାନ ମିଳିଥିଲା। ତନ୍ମଧ୍ୟରୁ ମାତ୍ର ୯୮୦୯.୮୮ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ଅର୍ଥାତ୍ ସମଗ୍ର ଶିକ୍ଷା ବର୍ଷରେ ମାତ୍ର ୩୧.୪୫% ଅର୍ଥ ବିନିଯୋଗ କରିବାରେ ବିଭାଗ ସକ୍ଷମ ହୋଇଛି। ପ୍ରାୟ ୨୧,୩୭୫.୫୯ କୋଟି ଟଙ୍କା ଅର୍ଥାତ୍ ୬୮.୫୪% ଅର୍ଥ ଖର୍ଚ୍ଚ ▶ପୃଷ୍ଠା-୭

## ଓଲଟ ପାଲଟ



ତ୍ରିଶିକା ଝିଅଟି ସୁସ୍ଥ ହେବା ପାଇଁ
ଷୋଳ କୋଟି ଟଙ୍କା ଦର୍କାର,
ଏମିତି ରୋଗକୁ ଦାମୀ ଇଞ୍ଜେକ୍ସନ
ଲେଖିଦେଲେ ବଡ଼ ଡାକ୍ତର।
ସାହାଯ୍ୟ ପାଇଁକି ସୋସିଆଲ୍ ମିଡିଆ
କରୁଅଛି ଜୋର ପ୍ରଚାର,
ଠକ ଟାଉଟର ଲାଗିଗଲେ ସବୁ
କରିବାକୁ ଟଙ୍କା ବେପାର।
ବିନା ଇଞ୍ଜେକସନେ ରାଜବୀର ସୁସ୍ଥ
ରହିଅଛି କେଉଁ ପ୍ରକାର ?

*- ଯାଯାବର*

**ନିୟନ୍ତ୍ରଣ ବାହାରେ ଏଆଇ ମଡେଲ**

# ୧୦୦ ସଂସ୍ଥାର ସିଷ୍ଟମ୍‌ରୁ ତଥ୍ୟ ହ୍ୟାକ୍

■ ନୂଆଦିଲ୍ଲୀ, ୨।୧୦ (ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ନେଇ ଏବେ ସାରା ଦୁନିଆରେ ଯେତିକି ଚର୍ଚ୍ଚା, ସେତିକି ଭୟର ବାତାବରଣ। କାରଣ ଦିନକୁ ଦିନ ଏଆଇ ମଡେଲଗୁଡ଼ିକ ମଣିଷ୍ୟର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଚାଟ୍‌ଜିପିଟି ସୃଷ୍ଟି କରିଥିବା ସାମ୍ ଅଲ୍ଟମ୍ୟାନଙ୍କ ଏଆଇ କମ୍ପାନୀ ଓପନ୍‌ଏଆଇର ଏକ ମଡେଲ ୧୦୦ରୁ ଅଧିକ ପ୍ରତିଷ୍ଠାନର ସିଷ୍ଟମରେ ବଳପୂର୍ବକ ଅନୁପ୍ରବେଶ କରିଛି। କମ୍ପାନୀ ବର୍ତ୍ତମାନ ଏହାର ଏଆଇ ମଡେଲଗୁଡ଼ିକର ତାଲିମ ଏବଂ ପରୀକ୍ଷଣ ସହିତ ଜଡ଼ିତ ୫୦ ପେଟାବାଇଟ୍ ଡାଟା ପରୀକ୍ଷା କରୁଛି, ଯାହା ଏ ପର୍ଯ୍ୟନ୍ତ ମିଳିଥିବା ତ୍ରୁଟି ବ୍ୟତୀତ ଅନ୍ୟ କୌଣସି

**୫୦ ପେଟାବାଇଟ୍ ଡାଟା ଯାଞ୍ଚ ହେବ**

**ତ୍ରୁଟି ଖୋଜିବା ପାଇଁ ମଣିଷକୁ ଲାଗିଯିବ ୬.୬ କୋଟି ବର୍ଷ**



ତ୍ରୁଟି ଚିହ୍ନଟ କରିବ। ଏହି ପରୀକ୍ଷା ପାଇଁ ୭୦୦୦ ଅତ୍ୟାଧୁନିକ ଜିବି୨୦୦ ଏବଂ ଜିବି୩୦୦ ଜିପିୟୁ ନିୟୋଜିତ କରାଯାଇଛି, ଯାହାର ମୂଲ୍ୟ ଦୈନିକ ପ୍ରାୟ ୫ କୋଟି ଟଙ୍କା ହେବ। ତେବେ ଏହି ତ୍ରୁଟି ଚିହ୍ନଟ କରିବା ପାଇଁ ଏଆଇକୁ ନିଜେ ୫୦ ପେଟାବାଇଟ୍ ଡାଟା ପରୀକ୍ଷା କରିବାକୁ ପଡିବ। ଯଦି ମନୁଷ୍ୟ ଦ୍ୱାରା ଏହା କରାଯାଏ ତେବେ ଏଥିପାଇଁ ୬ କୋଟି ବର୍ଷ ସମୟ ଲାଗିବ। ଏହି କାର୍ଯ୍ୟ ମଣିଷର ପହଞ୍ଚ ବାହାରେ ଥିବାରୁ, ଏହା କରିବା ପାଇଁ ଏଆଇ ମଡେଲଗୁଡ଼ିକୁ ବ୍ୟବହାର କରାଯାଉଛି। ପରୀକ୍ଷାକୁ ଅଧିକ ସଠିକ୍ କରିବା ପାଇଁ ଅଧିକ କମ୍ପ୍ୟୁଟିଂ ଶକ୍ତି ନିୟୋଜିତ କରାଯାଉଛି।

ଏହି ଘଟଣା ସେତେବେଳେ ଘଟିଥିଲା, ଯେତେବେଳେ ସାଇବର ସୁରକ୍ଷା କ୍ଷମତା ପରୀକ୍ଷା କରିବା ପାଇଁ ଏହାର ଏଆଇ ମଡେଲଗୁଡ଼ିକ ମଧ୍ୟରୁ ଗୋଟିଏର ପରୀକ୍ଷା କରାଯାଉଥିଲା। ପରୀକ୍ଷାରେ ଭଲ ସ୍କୋର କରିବା ପାଇଁ ଏଆଇ ଏକ ବିପଜ୍ଜନକ ସର୍ଟକଟ୍ ନେଇଥିଲା। ଏଥିରେ ଏଆଇ ମଡେଲକୁ ଏକ ସୁରକ୍ଷିତ ଏବଂ ବନ୍ଦ ପରୀକ୍ଷଣ ପରିବେଶରେ ରଖାଯାଇଥିଲା, ଯେଉଁଠାରେ ଏହାକୁ ଇଣ୍ଟରନେଟ୍ ପ୍ରବେଶ କରିବାକୁ ଅନୁମତି ନ ଥିଲା। ଏହା ସତ୍ତ୍ୱେ ଏଆଇ ▶ପୃଷ୍ଠା-୭

# ୪ ଟଙ୍କା ବଢ଼ିବ ଓମ୍‌ଫେଡ୍ କ୍ଷୀର

■ ଭୁବନେଶ୍ୱର, ୨।୧୦ (ସମିସ): ଅକ୍ଟୋବର ୪ରୁ ବଢ଼ିବ ଓମ୍‌ଫେଡ୍ କ୍ଷୀର ମୂଲ୍ୟ। ଟୋନ୍‌ଡ଼ କ୍ଷୀର ଲିଟର ୪ଟଙ୍କା ବଢ଼ି ୫୪ଟଙ୍କାରୁ ୫୮ ଟଙ୍କା ହେବ। ଅର୍ଥାତ୍ ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍ ୫୦୦ ମି.ଲି ପିଛା ୨ଟଙ୍କା ବୃଦ୍ଧି ପାଇବ। ଏବେ ୫୦୦ ମିଲିଲିଟର ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍‌ର ଦର ୨୭ ଟଙ୍କା ଥିବା ବେଳେ ଏହା ୨୯ ଟଙ୍କାକୁ ବୃଦ୍ଧି ପାଇବ। ସେହିପରି ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହେବ। ଫଳରେ ଏହାର ମୂଲ୍ୟ ୫୮ ଟଙ୍କାରୁ ବୃଦ୍ଧି ପାଇ ୬୦ ଟଙ୍କା ପହଞ୍ଚିବ ହେବ। ଅର୍ଥାତ୍ ୫୦୦ ମିଲିଲିଟର ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ ପାଇଁ ଗ୍ରାହକଙ୍କୁ ୩୦ ଟଙ୍କା ଦେବାକୁ ହେବ। ସେହିପରି ଗୋଲ୍ଡ ଦୁଗ୍ଧ ଲିଟର ପିଛା ଦର




**ଟୋନ୍‌ଡ କ୍ଷୀର ୫୪ ଟଙ୍କାରୁ ହେବ ୫୮**

**ଲିଟର ପିଛା ୨ ଟଙ୍କା ବଢ଼ିବ ପ୍ରିମିୟମ ଓ ଗୋଲ୍ଡ**

୬୨ ଟଙ୍କାକୁ ବୃଦ୍ଧି ପାଇଛି। ଆସନ୍ତା ୪ ତାରିଖରୁ ଆଧା ଲିଟର ଗୋଲ୍ଡ ପ୍ୟାକେଟ୍ ପାଇଁ ଗ୍ରାହକଙ୍କୁ ୩୧ ଟଙ୍କା। ▶ପୃଷ୍ଠା-୭

# ବକ୍ସାଇଟ ଆବଣ୍ଟନ ନେଇ ଧର୍ମେନ୍ଦ୍ରଙ୍କ ତଥ୍ୟ ଭ୍ରମାତ୍ମକ, ଅଭିସନ୍ଧିମୂଳକ: ବିଜେଡି

## ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ ନବୀନ

- ୨୦୧୫ରେ ନବୀନ ସରକାର ଅମଳରେ ହିଁ ବାତିଲ ହୋଇଥିଲା ପୂର୍ବ ଚୁକ୍ତି
- ୨୦୨୩ରେ ପୁରୁଣା ପ୍ରାଇସିଂ ଫର୍ମୁଲା ଲାଗୁ ଦାବିକୁ ଗ୍ରହଣ କରିନଥିଲା ଓଏମସି



ଭୁବନେଶ୍ୱର,୨।୧୦(ସମିସ): ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଅପଦସ୍ଥ ହୋଇ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ ହୋଇଥିବା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ବକ୍ସାଇଟ୍ ଆବଣ୍ଟନକୁ ନେଇ ରଖିଥିବା ମତ ଭ୍ରମାତ୍ମକ ଓ ଅଭିସନ୍ଧିମୂଳକ। ସମ୍ପ୍ରତି ସଂଶୋଧିତ ଏମଏମଡିଆର ଆଇନକୁ ନେଇ ଡବଲ ଇଞ୍ଜିନ ସରକାର ସାରା ରାଜ୍ୟରେ ତୀବ୍ର ବିରୋଧର ସମ୍ମୁଖୀନ ହେବା ପରେ ଧର୍ମେନ୍ଦ୍ର ସଚେତନ ଓଡ଼ିଶାବାସୀଙ୍କୁ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇ ଭ୍ରମିତ କରିବା ପାଇଁ ବିକଳ ଉଦ୍ୟମ କରିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ବରିଷ୍ଠ ଗଣମାଧ୍ୟମ ସଂଯୋଜକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ୨୦୦୪ରେ ଓଏମସି ଓ ଏକ ଘରୋଇ କମ୍ପାନୀ ମଧ୍ୟରେ ଏକ ଚୁକ୍ତିରେ ୧୫୦ ନିୟୁତ ଟନ୍ ବକ୍ସାଇଟ୍ ଯୋଗାଣର ବ୍ୟବସ୍ଥା ରହିଥିଲା। ୨୦୧୫ରେ ଏହି ଚୁକ୍ତିକୁ ବାତିଲ କରିଦେଇଥିଲା। ୨୦୧୮ରେ ଲଙ୍ଗ ଟର୍ମ ଲିଙ୍କେଜ୍ ପଲିସି ଅନୁସାରେ ଓଏମସି ଓ ସମ୍ପୃକ୍ତ କମ୍ପାନୀ ମଧ୍ୟରେ ଏଲଟିଏଲ ବିକ୍ରି ଚୁକ୍ତି ହୋଇଥିଲା। ୨୦୧୯ରେ ମିନେରାଲ କନ୍ସେସନ ରୁଲ୍ସର ୪୫ରେ ପରିବର୍ତ୍ତନ ପରେ ଓଏମ୍‌ସି ବକ୍ସାଇଟ୍ ପ୍ରାଇସିଂ ମେକାନିଜିମ୍ ବଦଳାଇଥିଲା ଏବଂ ହାରାହାରି ବିକ୍ରି ମୂଲ୍ୟ ନିର୍ଦ୍ଧାରଣକୁ ନେଇ ସମ୍ପୃକ୍ତ କମ୍ପାନୀ ସହ ବିବାଦ ଆରମ୍ଭ ହୋଇଥିଲା। ୨୦୨୩ରେ ଓଏମସି ପୁରୁଣା ପ୍ରାଇସିଂ ଫର୍ମୁଲାକୁ ପୁଣି ଲାଗୁ କରିବା ପାଇଁ ସମ୍ପୃକ୍ତ କମ୍ପାନୀର ଦାବିକୁ ଗ୍ରହଣ କରିନଥିଲା। ଏହାପରେ ସମ୍ପୃକ୍ତ କମ୍ପାନୀ ହାଇକୋର୍ଟରେ ଡବ୍ଲୁପିସି ନଂ ୯୬୧୭/୨୦୨୩ ଦାଖଲ କରି ପୁରୁଣା ବ୍ୟବସ୍ଥାର ଲାଭ ଚାହିଁଥିଲା। ୨୯ ମାର୍ଚ୍ଚ ୨୦୨୩ରୁ କମ୍ପାନୀକୁ ଅନ୍ତରୀଣ ସୁରକ୍ଷା ମିଳିଥିଲା ଏବଂ ମାମଲାର ଚୂଡ଼ାନ୍ତ ଫଇସଲା ପର୍ଯ୍ୟନ୍ତ ଅନ୍ତରୀଣ ଦରରେ ବକ୍ସାଇଟ୍ ଉଠାଇବାର ସୁଯୋଗ ମିଳିଥିଲା। ୧ ଅକ୍ଟୋବର ୨୦୨୬ରେ ଓଡ଼ିଶା ହାଇକୋର୍ଟ ସମ୍ପୃକ୍ତ କମ୍ପାନୀର ଆବେଦନକୁ ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ରମଣଙ୍କ ଖଣ୍ଡପୀଠ କହିଛନ୍ତି, ପୂର୍ବରୁ ବାତିଲ ହୋଇସାରିଥିବା ଚୁକ୍ତିକୁ ବହୁ ବର୍ଷ ପରେ ପୁଣି ସିଧା ବା ପରୋକ୍ଷ ଭାବେ କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ କମ୍ପାନୀ ଦାବି କରିପାରିବ ନାହିଁ। ଓଏମ୍‌ସିର ହାରାହାରି ବିକ୍ରି ମୂଲ୍ୟ ଆଧାରିତ କମ୍ପ୍ୟୁଟେସନକୁ ମଧ୍ୟ କୋର୍ଟ ଯୁକ୍ତିସଙ୍ଗତ ବୋଲି ମାନିଛନ୍ତି। ତେଣୁ ଏହି ବିବାଦର ସମୟସୀମାରେ ଦୁଇଟି ଭିନ୍ନ କଥାକୁ ଅଲଗା କରି ଦେଖିବା ଜରୁରୀ ବୋଲି ଶ୍ରୀ ଦାସ କହିଛନ୍ତି। ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ୨୦୨୬ରେ ହାଇକୋର୍ଟ ରାୟକୁ କେବଳ ବର୍ତ୍ତମାନର ମୋହନ ଚରଣ ମାଝୀ ସରକାର ସମ୍ପୃକ୍ତ କମ୍ପାନୀ ବିରୋଧରେ ନେଇଥିବା ନୂଆ ପଦକ୍ଷେପ ଭାବେ ଦେଖାଇବା ଅସମ୍ପୂର୍ଣ୍ଣ ହେବ। ଅଦାଲତରେ ବର୍ତ୍ତମାନର ରାଜ୍ୟ ସରକାର ପୁରୁଣା ଓଏମସି ନିଷ୍ପତ୍ତିକୁ ଡିଫେଣ୍ଡ କରିଥିଲେ ମଧ୍ୟ, ଯେଉଁ ୨୦୧୫ରେ ବାତିଲ, ୨୦୧୯ରେ ପ୍ରାଇସିଂ ଚେଞ୍ଜ ଓ ୨୦୨୩ର ବିବାଦରୁ ମାମଲାଟି ଆସିଥିଲା, ସେଗୁଡ଼ିକ ନବୀନ ପଟ୍ଟନାୟକଙ୍କ ସରକାର ସମୟର ଘଟଣା। ନବୀନ ବାବୁ କେନ୍ଦ୍ର ସରକାରକୁ ଚିଠି ଲେଖି କନଭର୍ସନ ଫ୍ୟାକ୍ଟରକୁ କମାଇ ଘରୋଇ କମ୍ପାନୀ ଚାହୁଁଥିବା ସର୍ବନିମ୍ନ ଦର ଲାଗୁ କରିବା ପାଇଁ ଅନୁରୋଧ କରିଥିଲେ ବୋଲି ଧର୍ମେନ୍ଦ୍ର ପ୍ରଧାନ ଯେଉଁ ଅଭିଯୋଗ କରିଛନ୍ତି, ତାହା ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା। ୨୦୨୦ ମସିହାରେ ଭାରତୀୟ ଆଲୁମିନିୟମ ଇଣ୍ଡଷ୍ଟ୍ରି ଆସୋସିଏସନ୍ ଏଏସ୍‌ପି ଫର୍ମୁଲାରେ ଖଣି ମନ୍ତ୍ରଣାଳୟର କିଛି ବୈଷୟିକ ତ୍ରୁଟି ରହିଛି ବୋଲି ଏକ ସ୍ମାରକପତ୍ର ଦେଇଥିଲେ। ଏହି ଆଧାରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସ୍ୱାର୍ଥ ରକ୍ଷା ଲାଗି ଚିଠି ଲେଖି ତ୍ରୁଟି ସୁଧାରିବାକୁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେବଳ ଓଡ଼ିଶା ନୁହେଁ, ତତ୍କାଳୀନ ଗୁଜୁରାଟ ସରକାର ମଧ୍ୟ କେନ୍ଦ୍ର ଖଣି ମନ୍ତ୍ରଣାଳୟକୁ ସମାନ ଚିଠି ଲେଖିଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ଏକ କମିଟି ଗଠନ କରିଥିଲେ ଏବଂ ଏଏସ୍‌ପି ଫର୍ମୁଲାରେ ଆବଶ୍ୟକୀୟ ପରିବର୍ତ୍ତନ କରିଥିଲେ ବୋଲି ଡଃ ମହାନ୍ତି କହିଛନ୍ତି।

# ଜୟନ୍ତୀରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



## ବିଧାନସଭା ପରିସରରେ ପୁଷ୍ପାର୍ଘ୍ୟ ଅର୍ପଣ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି

ଭୁବନେଶ୍ୱର,୨।୧୦(ସମିସ):ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ମାନେ ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କୁ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ମହାନ ଯୁଗପୁରୁଷ ଦ୍ୱୟଙ୍କ ଅତୁଳନୀୟ ତ୍ୟାଗ, ନୈତିକତା ଏବଂ ଦେଶସେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଚିର ପ୍ରେରଣାର ଉତ୍ସ।ମହାତ୍ମା ଗାନ୍ଧୀ କେବଳ ଭାରତକୁ ସ୍ୱାଧୀନତା ଦେଇ ନଥିଲେ, ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ସେହିପରି ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସରଳ ଜୀବନ, ଉଚ୍ଚ ଚିନ୍ତାଧାରା ଏବଂ ସଚ୍ଚୋଟତା ସମଗ୍ର ସମାଜ ପାଇଁ ଏକ ଶ୍ରେଷ୍ଠ ନିଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଶାସ୍ତ୍ରୀଜୀଙ୍କ ନିଃସ୍ୱାର୍ଥପର ଦେଶସେବା ଏବଂ ତାଙ୍କର 'ଜୟ ଜବାନ, ଜୟ କିଷାନ'ର ଓଜସ୍ୱୀ ଆହ୍ୱାନ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଶକ୍ତି ସଞ୍ଚାର କରିଥିଲା ବୋଲି ସେ କହିଥିଲେ।ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସର୍ବଧର୍ମ ପ୍ରାର୍ଥନା ସଭା ଏବଂ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରାମଧୂନ ପରିବେଷଣ କରାଯାଇଥିଲା। ବିଧାନସଭା ପରିସରରେ ଆୟୋଜିତ ପ୍ରାର୍ଥନା ସଭାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ହବିଷ୍ୟାଳି ବ୍ରତ ପାଇଁ ଅନଲାଇନ ଆବେଦନ ୬ରୁ

ପୁରୀ,୨।୧୦(ସମିସ): ପୁରୀରେ ନିଶୁଳ୍କ ହବିଷ୍ୟାଳି ବ୍ରତ ପାଇଁ ଅକ୍ଟୋବର ୬ରୁ ଅନଲାଇନ ଆବେଦନ ଆରମ୍ଭ ହେବ। ଚଳିତ ବର୍ଷ ଅକ୍ଟୋବର ୨୬ରୁ ନଭେମ୍ବର ୨୪ ପର୍ଯ୍ୟନ୍ତ କାର୍ତ୍ତିକ ବ୍ରତ ପାଳିବେ ହବିଷ୍ୟାଳି। ଏହି ପବିତ୍ର ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ଆୟୋଜିତ ହେଉଥିବା ହବିଷ୍ୟାଳି ଯୋଜନା ପାଇଁ ଆସନ୍ତା ଅକ୍ଟୋବର ୬ ତାରିଖରୁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି।

ପ୍ରଶାସନର ସୂଚନା ଅନୁଯାୟୀ, ଚଳିତ ବର୍ଷ ସମୁଦାୟ ୨୫୦୦ ହବିଷ୍ୟାଳିଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ସେମାନଙ୍କ ରହଣି ପାଇଁ ପୁରୀର ତିନୋଟି ପ୍ରମୁଖ ସ୍ଥାନ ଯଥା - ବୃନ୍ଦାବତୀ ନିବାସ, ପୌରସଂସ୍ଥା କଲ୍ୟାଣ ମଣ୍ଡପ ଏବଂ ରେଳବାଇ ଟୁରିଷ୍ଟ କମ୍ପ୍ଲେକ୍ସରେ ମାଗଣା ବ୍ୟବସ୍ଥା କରାଯିବ। ଏଥିସହିତ ପଞ୍ଜିକୃତ ହବିଷ୍ୟାଳିଙ୍କ ପାଇଁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଏବଂ ମାଗଣା ମହାପ୍ରସାଦ ସେବନର ମଧ୍ୟ ସୁବିଧା ରହିବ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ଇଚ୍ଛୁକ ମହିଳାମାନେ https://edistrict.odisha.gov.in ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିପାରିବେ।

# ଚମେଲି ମାମଲା ଖୋଳତାଡ଼ କରିବ ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର,୨।୧୦(ସମିସ): ତିଖିରି ପଞ୍ଚାୟତର ସରପଞ୍ଚ ଚମେଲି ଓଝାଙ୍କ ଉପରେ ମହାକାଳପଡ଼ା ବିଡିଓ କାର୍ଯ୍ୟାଳୟରେ ହୋଇଥିବା ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗର ତଦନ୍ତ କରିବ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି)। ଘଟଣାର ଅନୁଧ୍ୟାନ ପାଇଁ କମିଶନର ୩ ଜଣିଆ ଟିମ୍ ଅକ୍ଟୋବର ୫ରେ କେନ୍ଦ୍ରାପଡ଼ା ଆସିବ। ଏନ୍‌ଏଚ୍‌ଆର୍‌ସି ମୁଖ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଯାଇଛି। ଗସ୍ତ ସମୟରେ ଟିମ୍ ଘଟଣା ସହ ଜଡ଼ିତ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିବା ସହ ସମ୍ପୃକ୍ତ ଦଲିଲ ଓ ତଦନ୍ତର ଅଗ୍ରଗତି ଯାଞ୍ଚ କରିବ। ଗତ ଜୁନ୍ ୧୧ରେ ମହାକାଳପଡ଼ା ବିଡିଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚମେଲି ଓଝାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣା ପରେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନ୍‌ଏଚ୍‌ଆର୍‌ସି ଟିମ୍ ମହାକାଳପଡ଼ା ପୁଲିସ ଅଧିକାରୀ, ବିଡିଓ ଓ କାର୍ଯ୍ୟାଳୟ କର୍ମଚାରୀ, ପ୍ରତ୍ୟକ୍ଷଦର୍ଶୀ, ତଦନ୍ତକାରୀ ଅଧିକାରୀ (ଆଇଓ) ଏବଂ ପୀଡ଼ିତାଙ୍କୁ ପରୀକ୍ଷା କରିଥିବା ଡାକ୍ତରଙ୍କ ବୟାନ ନେଇପାରେ। ଘଟଣାର ପୃଷ୍ଠଭୂମି, ପୁଲିସ ତଦନ୍ତ ଓ ଅଭିଯୋଗ ପରେ ନିଆଯାଇଥିବା ପଦକ୍ଷେପ ମଧ୍ୟ ଯାଞ୍ଚ କରାଯିବା ସମ୍ଭାବନା ରହିଛି। ଅକ୍ଟୋବର ୫ର ତଦନ୍ତ ପରେ କମିସନଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ନଜର ରହିଛି।

# ବିଜେଡି ମିଡିଆ ସେଲ୍ ପୁନର୍ଗଠିତ

- ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ସୋସିଆଲ୍ ମିଡିଆ ପାଇଁ ପୃଥକ୍ ଟିମ୍
- ୧୦ ଜାତୀୟ ମୁଖପାତ୍ରଙ୍କ ସହ ମୋଟ୍ ୧୦୫ ଜଣଙ୍କୁ ଦାୟିତ୍ୱ
- ୩୦ ଜଣିଆ ମୁଖପାତ୍ର ତାଲିକାରେ ଅଭିଜ୍ଞ ଓ ଯୁବ ଚେହେରା
- ସୋସିଆଲ୍ ମିଡିଆ ଓ ଆଇଟି ପାଇଁ ଷ୍ଟିୟରିଂ କମିଟି ଗଠିତ



ଭୁବନେଶ୍ୱର,୨।୧୦(ସମିସ): ବିଜୁ ଜନତା ଦଳର ମିଡିଆ ସେଲ୍‌କୁ ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୂର୍ବରୁ ଜାରି ସମସ୍ତ ନିର୍ଦ୍ଦେଶନାମାକୁ ରଦ୍ଦ କରି ନୂଆ ମିଡିଆ ସେଲ୍ ଗଠନ କରାଯାଇଛି। ମିଡିଆ ସେଲ୍‌କୁ ପ୍ରଭାବୀ କରିବା ପାଇଁ ବୈଦ୍ୟୁତିକ ଗଣମାଧ୍ୟମ, ଛାପା ଗଣମାଧ୍ୟମ ଓ ସୋସିଆଲ୍ ମିଡିଆ ଟିମ୍‌କୁ ପୃଥକ ପୃଥକ ନେତୃବୃନ୍ଦଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଏହି ଟିମ୍‌ରେ ଅଭିଜ୍ଞ ଓ ବରିଷ୍ଠ ରାଜନେତାଙ୍କ ସମେତ ଯୁବ ଚେହେରାଙ୍କୁ ମଧ୍ୟ ସ୍ଥାନ ଦିଆଯାଇଛି। ଏହାସହିତ ଦଳର ୫ ଜଣ ରାଜ୍ୟସଭା ସାଂସଦଙ୍କ ସମେତ ମୋଟ୍ ୧୦ ଜଣଙ୍କୁ ଜାତୀୟ ମୁଖପାତ୍ର ଭାବେ ଦାୟିତ୍ୱ ଦିଆଯାଇଛି। ମିଡିଆ ସେଲ୍‌କୁ ୮ ଟି ଶାଖାରେ ବିଭକ୍ତ କରାଯାଇଥିବା ବେଳେ ଏଥିରେ ମୋଟ୍ ୧୦୫ ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ଦଳ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି, "ଇଲେକ୍ଟ୍ରୋନିକ୍ ମିଡିଆ" ପାଇଁ ଡଃ ଅରୁଣ କୁମାର ସାହୁ ମୁଖ୍ୟ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ଏହାସହିତ ବରିଷ୍ଠ ସଂଯୋଜକ ଭାବେ ଦେବେଶ ଆଚାର୍ଯ୍ୟ ଏବଂ ସଂଯୋଜକ ଭାବେ ଲେନିନ ମହାନ୍ତି ନିଯୁକ୍ତ ହୋଇଛନ୍ତି। ସେହିପରି "ପ୍ରିଣ୍ଟ ମିଡିଆ" ପାଇଁ ସଞ୍ଜୟ କୁମାର ଦାସବର୍ମାଙ୍କୁ ମୁଖ୍ୟ ସଂଯୋଜକ ନିଯୁକ୍ତ କରାଯାଇଥିବା ବେଳେ ଗୌତମ ବୁଦ୍ଧ ଦାସଙ୍କୁ ବରିଷ୍ଠ ସଂଯୋଜକ ଓ ପ୍ରିୟବ୍ରତ ମାଝୀଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। "ସୋସିଆଲ୍ ମିଡିଆ ଓ ଆଇଟି" ପାଇଁ ପ୍ରତାପ ଜେନା ମୁଖ୍ୟ ସଂଯୋଜକ ନିଯୁକ୍ତ ହୋଇଥିବା ବେଳେ ପ୍ରଣବ କୁମାର ବଳବନ୍ତରାୟ ବରିଷ୍ଠ ସଂଯୋଜକ ନିଯୁକ୍ତ ହୋଇଛନ୍ତି। ଏହାସହିତ ସ୍ୱର୍ଣ୍ଣ ପ୍ରକାଶ ମହାପାତ୍ର ସୋସିଆଲ୍ ମିଡିଆ ସଂଯୋଜକ ଏବଂ ଅମରେଶ ପତ୍ରି ଆଇଟି ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ୧୦ ଜଣ ଜାତୀୟ ମୁଖପାତ୍ରଙ୍କ ମଧ୍ୟରେ ଡଃ ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, କଳିକେଶ ନାରାୟଣ ସିଂହଦେଓ, ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝୀ, ଡଃ ଲେଖାଶ୍ରୀ ସାମନ୍ତସିଂହାର ଏବଂ ଭୃଗୁ ବକ୍ସିପାତ୍ର ରହିଛନ୍ତି।

ସେହିପରି ଓଡ଼ିଶା ପାଇଁ ରାଜ୍ୟ ମୁଖପାତ୍ର ଭାବେ ୩୦ ଜଣ ନେତା ଓ ନେତ୍ରୀଙ୍କୁ ଦାୟିତ୍ୱ ମିଳିଛି। ଏମାନଙ୍କ ମଧ୍ୟରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରିନାରାୟଣ ପାତ୍ର, ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ଅଶ୍ୱିନୀ କୁମାର ପାତ୍ର, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ନିରଞ୍ଜନ ପୂଜାରୀ, ପ୍ରଦୀପ କୁମାର ଅମାତ, ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଣବ ପ୍ରକାଶ ଦାସ, ଚନ୍ଦ୍ରଶେଖର ସାହୁ, ସୁଦାମ ମାର୍ଣ୍ଡି, ଦିବ୍ୟଶଙ୍କର ମିଶ୍ର, ଶାରଦା ପ୍ରସାଦ ନାୟକ, ରମେଶ ମାଝୀ, ପ୍ରୀତିରଞ୍ଜନ ଘଡ଼ାଇ, ଟୁକୁନି ସାହୁ, ସ୍ନେହାଙ୍ଗିନୀ ଛୁରିଆ, ରୋହିତ ପୂଜାରୀ, ରାଜେନ୍ଦ୍ର କୁମାର ସାହୁ, ବ୍ୟୋମକେଶ ରାୟ, ସୁଲୋଚନା ଦାସ, ସୁବାସ ସିଂହ, ସର୍ମିଷ୍ଠା ସେଠୀ, ଲୋପାମୁଦ୍ରା ବକ୍ସିପାତ୍ର, ରଞ୍ଜିତା ସାହୁ, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ନିଯୁକ୍ତ ହୋଇଛନ୍ତି।

୨୦ ବରିଷ୍ଠ ପ୍ୟାନେଲିଷ୍ଟ ଭାବେ ନିଯୁକ୍ତି ପାଇଥିବା ବେଳେ ଏମାନଙ୍କ ମଧ୍ୟରେ ଗଣେଶ୍ୱର ବେହେରା, ଧ୍ରୁବ ଚରଣ ସାହୁ, ମହେଶ ସାହୁ, ରବି ନାରାୟଣ ନନ୍ଦ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରଶାନ୍ତ କୁମାର ମୁଦୁଲି, ଜଗନ୍ନାଥ ସାରକା, ସୁଧୀର କୁମାର ସାମଲ, ମାଧବ ସର୍ଦ୍ଦାର, ଉମାକାନ୍ତ ସାମନ୍ତରାୟ, ଶ୍ରୀକାନ୍ତ ସାହୁ, ଶାରଦା ପ୍ରସନ୍ନ ଜେନା, ମାନସ ମାଡକାମୀ, ପ୍ରଦୀପ କୁମାର ଦିଶାରୀ, ପ୍ରଦୀପ କୁମାର ସାହୁ, ବିଜୟ ନାୟକ, ମିନତୀ ବେହେରା, ଡୁମ୍ବନାଥ ପଣ୍ଡା, ନାରାୟଣ ଜେନା ଓ ମିହିର ରାୟ ରହିଛନ୍ତି। ବିଜେଡି "ସୋସିଆଲ୍ ମିଡିଆ ଷ୍ଟିୟରିଂ କମିଟି"ରେ ପ୍ରୀତିରଞ୍ଜନ ଘଡ଼ାଇ, ସୁଲତା ଦେଓ, ବ୍ୟୋମକେଶ ରାୟ, ସ୍ୱରୂପ ଦାସ, ଅନନ୍ତ ନାରାୟଣ ଜେନା, ନଳିନୀକାନ୍ତ ପ୍ରଧାନ, ରୁପେଶ କୁମାର ପାଣିଗ୍ରାହୀ, ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ବର୍ଷା ସିଂହ ବରିହା, ସୁନୀଲ ମହାନ୍ତି, ସୁଦର୍ଶନ ହରିପାଲ, ସଞ୍ଜୀବ ମଲ୍ଲିକ, ରଞ୍ଜିତା ସାହୁ, ମନ୍ମଥ ରାଉତରାୟ, ଅବିନାଶ ସାମଲ, ସୁଜାତା ସାହୁ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସରୋଜ ମେହେର, ମୁକେଶ କୁମାର ପାଲ ଓ ରୁଦ୍ର ପ୍ରତାପ ମହାରଥୀ ପ୍ରମୁଖ ରହିଛନ୍ତି। ସେହିପରି ବିଜେଡି "ଆଇଟି ଷ୍ଟିୟରିଂ କମିଟି"ରେ ତୁଷାରକାନ୍ତି ବେହେରା, ଚନ୍ଦ୍ର ସାରଥି ବେହେରା, ସୁଶାନ୍ତ ରାଉତ, ବିଭୂତିଭୂଷଣ ବଳବନ୍ତରାୟ, ଅଧିରାଜ ପାଣିଗ୍ରାହୀ, ମାଧବ ଧଡ଼ା, ସୁକାନ୍ତ ନାୟକ, ଅଭିମନ୍ୟୁ ସେଠୀ, ପ୍ରଶାନ୍ତ ବେହେରା, ବିଶ୍ୱରଞ୍ଜନ ମଲ୍ଲିକ, ରୋହିତ ଜୋସେଫ ତିର୍କୀ, ମନୋରମା ମହାନ୍ତି, ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ବିପ୍ଳବ ପାତ୍ର ଓ ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ରହିଛନ୍ତି। ଏହି ନୂଆ ମିଡିଆ ସେଲ୍ ନେଇ ଜାରି ବିଜ୍ଞପ୍ତି ତତ୍କାଳ ପ୍ରଭାବରେ କାର୍ଯ୍ୟକାରୀ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ପୁଣି ବ୍ୟାଙ୍କକ୍‌କୁ ବିମାନ ଉଡ଼ାଣ



ଭୁବନେଶ୍ୱର,୨।୧୦(ସମିସ): ଅକ୍ଟୋବର ୨ରୁ ଭୁବନେଶ୍ୱରରୁ ବ୍ୟାଙ୍କକକୁ ପାଇଁ ପୁଣି ବିମାନ ସେବା ଆରମ୍ଭ ହୋଇଛି। ଏହି ସେବା ସପ୍ତାହକୁ ଦୁଇ ଥର ଚାଲିବ। ବିମାନ ନମ୍ବର ୧୦୬୫ ରାତି ୧୧ଟା୫ରେ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରିବା ନେଇ ସମୟ ଧାର୍ଯ୍ୟ ହୋଇଛି। ଏହାସହିତ ବ୍ୟାଙ୍କକରୁ ଶନିବାର ସକାଳ ସାଢେ ୫ଟାରେ ବିମାନ ଭୁବନେଶ୍ୱର ଅଭିମୁଖେ ବାହାରିବ। ଶୁକ୍ରବାର ଓ ଶନିବାର ଏବଂ ସୋମବାର ଓ ମଙ୍ଗଳବାର ବିମାନ ସେବା ଜାରି ରହିବ। ଆସନ୍ତା ୨୫ ତାରିଖରୁ ଏହି ବିମାନ ରାତି ବଦଳରେ ଦିନରେ ଚାଲିବ। ଶୀତଋତୁ ସିଡୁଲ ଆସିଲା ପରେ ଦିନ ୧୧ରେ ବିମାନ ଭୁବନେଶ୍ୱର ପହଁଞ୍ଚିବ ଓ ଦିନ ୧ଟାରୁ ଭୁବନେଶ୍ୱରରୁ ଉଡ଼ାଣ ଆରମ୍ଭ କରିବ।

ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦରରୁ ବ୍ୟାଙ୍କକ ସମେତ କ୍ୱାଲାଲାମ୍ପୁର, ଦୁବାଇ ଓ ୟୁଏଇ ଆଦିକୁ ଅନ୍ତର୍ଜାତୀୟ ବିମାନ ସେବା ଜାରି ରହିଥିଲା। ମାତ୍ର ଧୀରେ ଧୀରେ ଏଗୁଡ଼ିକ ବନ୍ଦ ହୋଇଯିବା ପରେ ଗତ କିଛି ମାସ ହେବ ଭୁବନେଶ୍ୱର ବିମାନବନ୍ଦରରୁ କୌଣସି ବିମାନ ଅନ୍ତର୍ଜାତୀୟ ଉଡ଼ାଣ କରୁ ନାହିଁ। ଏବେ ବ୍ୟାଙ୍କକ ବିମାନ ସେବା ଚାଲୁ ହେବା ପରେ ଓଡିଶା ତଥା ଭୁବନେଶ୍ୱର ବିମାନ ବନ୍ଦର ପାଇଁ ପୁଣି ସନ୍ତୋଷ ଜନକ ଖବର ଆସିଛି। ବ୍ୟାଙ୍କକ ପାଇଁ ଭୁବନେଶ୍ୱରରୁ ଭଲ ଯାତ୍ରୀ ହେଉଛନ୍ତି। ଆଗାମୀ ଦିନରେ ଦୁବାଇ ବିମାନ ସେବା ଲାଗି ଷ୍ଟାର୍ଟ କରିବା ଲାଗି ଚେଷ୍ଟା କରାଯାଉଛି। ସେଠାକାର ସ୍ଥିତି ଧୀରେ ସୁଧାର ଆସୁଛି। ଏବେ ସିଙ୍ଗାପୁର ପାଇଁ ଯାତ୍ରୀଙ୍କ ଲୋଡ଼ ନାହିଁ। ଏୟାରଲାଇନସ ରାଜି ହେବା ପରେ ସିଙ୍ଗାପୁରକୁ ବିମାନ ଉଡ଼ିବ ବୋଲି ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରଶନ ପ୍ରଧାନ କହିଛନ୍ତି।

# ଦଶହରା ପୂର୍ବରୁ ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ

- ଚୂଡ଼ାନ୍ତ କ୍ଷୟକ୍ଷତି ରିପୋର୍ଟ ମିଳିଲେ ଖାତାକୁ ଯିବ ସହାୟତା
- ୨୮ ଜିଲ୍ଲାର ୩୭ ଲକ୍ଷ ପ୍ରଭାବିତ, ୨ ଲକ୍ଷ ହେକ୍ଟରରୁ ଅଧିକ ଚାଷଜମି କ୍ଷତି

ଭୁବନେଶ୍ୱର,୨।୧୦(ସମିସ): ଦଶହରା ପୂର୍ବରୁ ରାଜ୍ୟର ବନ୍ୟା ଓ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ କ୍ଷତିପୂରଣ ଦିଆଯିବ। ପୂଜା ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସହାୟତା ପହଞ୍ଚାଇବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବନ୍ୟା ଓ ବର୍ଷାଜନିତ କ୍ଷୟକ୍ଷତି ନେଇ ମନ୍ତ୍ରୀ ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାପାଳଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଚୂଡ଼ାନ୍ତ କ୍ଷୟକ୍ଷତି ରିପୋର୍ଟ ମିଳିବା ପରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସହାୟତା ରାଶି ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଚଳିତ ମୌସୁମୀ ଋତୁରେ ଲଗାଣ ବର୍ଷା ଓ ଲଘୁଚାପଜନିତ ବର୍ଷାରେ ପ୍ରାୟ ୨୮ ଜିଲ୍ଲାର ପ୍ରାୟ ୩୭ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏହାସହିତ ବନ୍ୟାରେ ୨ ଲକ୍ଷ ହେକ୍ଟରରୁ ଅଧିକ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତିର ଆକଳନ ସହ ରିଲିଫ୍ ପ୍ରକ୍ରିୟା ଜାରି ରହିଛି। ବନ୍ୟା ପରିସ୍ଥିତିର ମୁକାବିଲା ଓ ପ୍ରଭାବିତଙ୍କୁ ସହାୟତା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ପ୍ରାୟ ୨୬୧ କୋଟି ଟଙ୍କାର ସହାୟତା ମଞ୍ଜୁର ହୋଇଛି। ଚୂଡ଼ାନ୍ତ କ୍ଷୟକ୍ଷତି ରିପୋର୍ଟ ଓ ଯୋଗ୍ୟତା ଯାଞ୍ଚ ପରେ ଏହି ସହାୟତା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## କେବିସି ହଟ୍‌ସିଟ୍‌ରେ ମୟୂରଭଞ୍ଜ ଝିଅ ସୋନାଲି

# ଜିତିଲେ ସାଢ଼େ ୧୨ ଲକ୍ଷ ଟଙ୍କା

- ପିଲାଦିନର ସ୍ୱପ୍ନ କଲେ ସାକାର
- ଅମିତାଭଙ୍କ ସାମ୍ନାରେ ଦେଖାଇଲେ ବୁଦ୍ଧିମତ୍ତା



ବାରିପଦା/ଉଦଳା, ୨।୧୦(ସମିସ): ନିଷ୍ଠା, ଧୈର୍ଯ୍ୟ ଓ ଅଧ୍ୟବସାୟ ବଳରେ ପିଲାଦିନର ସ୍ୱପ୍ନକୁ ସାକାର କରି ଦେଖାଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳର ଝିଅ ସୋନାଲି ଶେଷାଦ୍ରୀ। ଟେଲିଭିଜନର ସବୁଠାରୁ ଲୋକପ୍ରିୟ କୁଇଜ୍ ଶୋ' "କୌନ ବନେଗା କରୋଡପତି' (କେବିସି)ର ହଟ୍‌ସିଟ୍‌ରେ ବସି ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନଙ୍କ ସମ୍ମୁଖରେ ସେ ନିଜ ଦକ୍ଷତା ପ୍ରଦର୍ଶନ କରିବା ସହ ସାଢ଼େ ୧୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଜିତି ଅଞ୍ଚଳ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଛୋଟ ବେଳୁ ବାପାଙ୍କ ଉପରେ ଟ୍ରକ୍ ମାଡିଯିବା ପରେ ଦୁର୍ଦ୍ଦିନରେ ବଡ଼ ହୋଇ ପେଶାରେ ଡାକ ବିଭାଗରେ ଗ୍ରାମୀଣ ଡାକ ସେବକ (ଜିଡିଏସ୍) ଭାବେ କାର୍ଯ୍ୟରତ ସୋନାଲିଙ୍କ ପିଲାଟି ଦିନରୁ କେବିସିରେ ଭାଗ ନେବା ପାଇଁ ଲକ୍ଷ୍ୟ ଥିଲା। ଏଥିପାଇଁ ସେ ଗତ ଜାନୁଆରୀ ମାସରେ ପଞ୍ଜୀକରଣ (ରେଜିଷ୍ଟ୍ରେସନ) କରିଥିଲେ। ପରେ ମାର୍ଚ୍ଚ ମାସରେ ମନୋନୀତ ହୋଇ ଜୁନ୍ ମାସରେ କୋଲକାତାରେ ଅଡିସନ୍ ଦେଇଥିଲେ। ଅଡିସନରେ ସଫଳ ହେବା ପରେ ଗତ ସେପ୍ଟେମ୍ବର ୧୭ ତାରିଖରେ ମୁମ୍ବାଇରେ କେବିସିର ହଟ୍‌ସିଟ୍‌ରେ ଅମିତାଭ ବଚ୍ଚନଙ୍କ ସାମ୍ନାରେ ବସି ଖେଳିବାର ସୁଯୋଗ ପାଇଥିଲେ। ମୋଟ ୧୬ଟି ପ୍ରଶ୍ନ ମଧ୍ୟରୁ ସୋନାଲି ଗୋଟିଏ ପରେ ଗୋଟିଏ ୧୨ଟି ପ୍ରଶ୍ନର ସଠିକ୍ ଉତ୍ତର ଦେଇଥିଲେ। ତେବେ ପରବର୍ତ୍ତୀ ପ୍ରଶ୍ନରେ କୌଣସି ବିପଦ ନ ନେଇ ସେ ନିଜ ତରଫରୁ ଖେଳ ସମାପ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ସାଢ଼େ ୧୨ ଲକ୍ଷ ଟଙ୍କା ନିଜ ନାମରେ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ଶୋ' ସୁଟିଂ ସମୟରେ ଅମିତାଭ ବଚ୍ଚନ ତାଙ୍କ ସହ ବେଶ୍ ହସମଜା କରିବା ସହ ତାଙ୍କ ପାରିବାରିକ ସ୍ଥିତି ଓ ସଂଘର୍ଷ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଷ୍ଟୁଡିଓରେ ସୋନାଲିଙ୍କ ସହିତ ତାଙ୍କ ମା' ରୀନା ଦଳେଇ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଏହି ସଫଳତା ପରେ ଖୁଣ୍ଟା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଝିଅର ଏହି ସଫଳତାରେ ଘରୋଇ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଉଭୟ ବାପା ଓ ମାଆ ଅତ୍ୟନ୍ତ ଆନନ୍ଦିତ ଥିବା ପ୍ରକାଶ କରିଛନ୍ତି। ସୋନାଲିଙ୍କ ଏହି ଯାତ୍ରା ଗ୍ରାମାଞ୍ଚଳର ଅନ୍ୟ ଯୁବପିଢ଼ିଙ୍କ ପାଇଁ ବଡ଼ ପ୍ରେରଣା ସାଜିଛି।

# ୨୦୬୫ ସୁଦ୍ଧା 'ଅତି ବୁଢ଼ା' ହୋଇଯିବ ଭାରତ



ନୂଆଦିଲ୍ଲୀ, ୨।୧୦: ଦ୍ରୁତ ହାରରେ ବଦଳୁଛି ଭାରତର ଜନସଂଖ୍ୟାର ଡ଼େମୋଗ୍ରାଫି। ଦେଶରେ ପ୍ରଜନନ ହାର ହ୍ରାସ ପାଉଥିବାବେଳେ ବୟସ୍କ ଲୋକଙ୍କ ସଂଖ୍ୟା ବଢ଼ୁଛି। ଫଳରେ ଆଗାମୀ ଦୁଇ ଦଶନ୍ଧିରେ ଭାରତର ଅର୍ଥନୀତି ଉପରେ ଶ୍ରମଶକ୍ତି ହ୍ରାସ, ପେନ୍‌ସନ୍, ସ୍ୱାସ୍ଥ୍ୟସେବା ଓ ସରକାରୀ ଆର୍ଥିକ ବ୍ୟବସ୍ଥାର ଚାପ ବଢ଼ିପାରେ ବୋଲି ବିଶ୍ୱ ରେଟିଂ ଏଜେନ୍ସି ମୁଡିଜ୍ ଆକଳନ କରିଛି।

ମୁଡିଜ୍‌ର ବିଶ୍ୱ ଜନସାଂଖ୍ୟିକ ରିପୋର୍ଟ ଅନୁଯାୟୀ କୌଣସି ସମାଜରେ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ଅଂଶ ୧୪ ପ୍ରତିଶତ ହେଲେ 'ବୃଦ୍ଧ ସମାଜ' ଏବଂ ୨୧ ପ୍ରତିଶତ ହେଲେ 'ଅତି ବୃଦ୍ଧ ସମାଜ' ଭାବେ ବର୍ଗୀକୃତ କରାଯାଏ। ଆକଳନ ଅନୁସାରେ ୨୦୪୯ ସୁଦ୍ଧା ଭାରତ 'ବୃଦ୍ଧ ସମାଜ' ଏବଂ ପ୍ରାୟ ୨୦୬୫ ସୁଦ୍ଧା 'ଅତି ବୃଦ୍ଧ ସମାଜ'ରେ ପରିଣତ ହୋଇପାରେ। ମୁଡିଜ୍ ରିପୋର୍ଟ ଅନୁଯାୟୀ, 'ବୃଦ୍ଧ'ରୁ 'ଅତି ବୃଦ୍ଧ' ସମାଜରେ ପହଞ୍ଚିବା ପାଇଁ ଭାରତକୁ ପ୍ରାୟ ୧୬ ବର୍ଷ ଲାଗିପାରେ। ଏଥିପାଇଁ ଆମେରିକାକୁ ପ୍ରାୟ ୧୯ ବର୍ଷ ଏବଂ ଇଣ୍ଡୋନେସିଆକୁ ୨୯ ବର୍ଷ ଲାଗିବ ବୋଲି ଆକଳନ କରାଯାଇଛି। ଆମେରିକା ୨୦୩୩-୩୪ ଏବଂ ଇଣ୍ଡୋନେସିଆ ୨୦୭୭-୭୮ ସୁଦ୍ଧା 'ଅତି ବୃଦ୍ଧ' ସମାଜରେ ପହଞ୍ଚିପାରନ୍ତି। ଭାରତର ପ୍ରଜନନ ହାର ଏବେ ୨.୧ରୁ ତଳକୁ ଖସିଛି। ଶିକ୍ଷାର ପ୍ରସାର, ମହିଳାଙ୍କ ଶ୍ରମବଜାରରେ ଅଂଶଗ୍ରହଣ, ବିବାହ ଓ ପରିବାର ଗଠନରେ ବିଳମ୍ବ ଏବଂ ଘର, ଶିକ୍ଷା, ଶିଶୁ ଯତ୍ନ ଓ ସ୍ୱାସ୍ଥ୍ୟସେବାର ବଢ଼ୁଥିବା ଖର୍ଚ୍ଚ ଏହାର ପ୍ରମୁଖ କାରଣ ଭାବେ ରିପୋର୍ଟରେ ଉଲ୍ଲେଖ ହୋଇଛି। ଅର୍ଥନୈତିକ ଅନିଶ୍ଚିତତା, ଭୂ-ରାଜନୈତିକ ଅସ୍ଥିରତା ଓ ଭବିଷ୍ୟତ ନେଇ ଚିନ୍ତା ମଧ୍ୟ ପରିବାରର ଆକାର ସମ୍ପର୍କିତ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା କେତେକ ଗବେଷକଙ୍କ ମତ ବୋଲି ମୁଡିଜ୍ କହିଛି। ମୁଡିଜ୍‌ର ତୁଳନାତ୍ମକ ବିଶ୍ଳେଷଣରେ ବିଶ୍ୱର ୧୯ଟି ଅର୍ଥନୀତି ମଧ୍ୟରେ ଭାରତର ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର ୩୨ ପ୍ରତିଶତ ରହିଛି, ଯାହା ସବୁଠାରୁ କମ୍। ତେଣୁ ଶ୍ରମଶକ୍ତି ବୃଦ୍ଧି ପାଇଁ ଭାରତ ପାଖରେ ବ୍ୟାପକ ସୁଯୋଗ ରହିଛି। ତେବେ ଜନସଂଖ୍ୟାର ବୟସ ବଢ଼ିବା ସହ ଶ୍ରମଶକ୍ତି ବୃଦ୍ଧି ଧୀର ହେବ। ଫଳରେ ଉତ୍ପାଦନ କ୍ଷମତା ସୀମିତ ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉତ୍ପାଦକତା ଉପରେ ଅଧିକ ନିର୍ଭର କରିବାକୁ ପଡ଼ିପାରେ। ବୟସ୍କ ଜନସଂଖ୍ୟା ବଢ଼ିଲେ ପେନ୍‌ସନ୍, ସ୍ୱାସ୍ଥ୍ୟସେବା ଓ ଦୀର୍ଘମିଆଦୀ ଯତ୍ନ ପାଇଁ ସରକାରୀ ବ୍ୟୟ ବଢ଼ିବ। ଏହା ସରକାରୀ ଆର୍ଥିକ ବ୍ୟବସ୍ଥା ଉପରେ ମଧ୍ୟ ଚାପ ପକାଇବ। ଅନ୍ୟପକ୍ଷରେ ବୃଦ୍ଧ ପରିବାର ବଢ଼ିବା ସହ ଉପଭୋଗ ଢାଞ୍ଚାରେ ପରିବର୍ତ୍ତନ ଆସିବ। ବୟସ୍କଙ୍କ ଆବଶ୍ୟକତା ଅନୁସାରେ ସ୍ୱାସ୍ଥ୍ୟ, ଆର୍ଥିକ ସେବା ଓ ଦୀର୍ଘମିଆଦୀ ଯତ୍ନ ସମ୍ପର୍କିତ ବଜାରରେ ଚାହିଦା ବଢ଼ିବ।

ଜାପାନରେ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ଅଂଶ ପ୍ରାୟ ୩୦ ପ୍ରତିଶତ ରହିଛି। ଦକ୍ଷିଣ କୋରିଆ ମଧ୍ୟ ଦ୍ରୁତ ଭାବେ ଏହି ଦିଗରେ ଆଗକୁ ବଢ଼ୁଥିବାବେଳେ ଚୀନ୍‌ରେ ମଧ୍ୟ ବୟସ୍କ ଜନସଂଖ୍ୟା ବଢ଼ୁଛି। ମୁଡ଼ିଜ୍ ରିପୋର୍ଟରେ କୁହାଯାଇଛି ଯେ, ନୀତିଗତ ପଦକ୍ଷେପ ଓ ପ୍ରଯୁକ୍ତି ବୟସ୍କ ଜନସଂଖ୍ୟା ସହ ଅର୍ଥନୀତିକୁ ଖାପ ଖୁଆଇବାରେ ସହାୟକ ହୋଇପାରେ। ଶ୍ରମଶକ୍ତି ବଢ଼ାଇବା, ଉତ୍ପାଦକତା ବୃଦ୍ଧି ଓ ପ୍ରତିଷ୍ଠାନଗତ ସୁଧାର ମାଧ୍ୟମରେ ଜନସାଂଖ୍ୟିକ ପରିବର୍ତ୍ତନର ଆର୍ଥିକ ପ୍ରଭାବକୁ ପରିଚାଳନା କରିବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି।

**ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

# ଗୋଟିଏ ସିଏଚ୍‌ସିରେ ୨ ମେଡିକାଲ ଅଧିକାରୀ

● ଏଡିଏମଓ ର୍ୟାଙ୍କର ଡାକ୍ତର ମେଡିକାଲ ଅଧିକାରୀ
● ଗଡୁନି ଆମ୍ବୁଲାନ୍ସ, ସାମାନ୍ୟ ବର୍ଷାରେ ପରିସରରେ ଲହଡ଼ି ଭାଙ୍ଗୁଛି ବର୍ଷାଜଳ

ବ୍ୟାସନଗର, ୨।୧୦(ସମିସ)

ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଙ୍କ ସ୍ୱାସ୍ଥ୍ୟସେବା। ଦୀର୍ଘ ବର୍ଷ ଧରି ଏଠାରେ ଡାକ୍ତର ସମସ୍ୟା ରହିଥିଲେ ମଧ୍ୟ ଏହାର ସମାଧାନର ରାସ୍ତା ବାହାର କରିବାକୁ ନା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉଦ୍ୟମ କରୁଛନ୍ତି ନା ସ୍ଥାନୀୟ ରାଜନେତା। ତେବେ ଏହାରି ମଧ୍ୟରେ ଡାକ୍ତର ନିଯୁକ୍ତିକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି। ଡାକ୍ତର ଅଭାବ ଯୋଗୁଁ ଏଠାରୁ ରୋଗୀ ମୁହଁ ଫେରାଉଥିବା ବେଳେ କିନ୍ତୁ ସରକାରଙ୍କ ଡାକ୍ତର ନିଯୁକ୍ତି ନିୟମରେ ଅଣ୍ଡୁଠି ଦେଖାଇ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ ମେଡିକାଲ ଅଫିସର ନିଯୁକ୍ତ କରିଛନ୍ତି। ତେବେ ପୂର୍ବରୁ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଭାବେ ମେଡିକାଲ ଅଫିସର ଡା. ଦେବାଶିଷ ସାହୁଙ୍କୁ ଦାୟିତ୍ୱ କାଢ଼ି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏଡିଏମଓ ର୍ୟାଙ୍କରେ ଥିବା ଜଣେ ଅଧିକାରୀଙ୍କୁ ଦିଆଯାଇଛି। ଏପରିକି ଯାଜପୁର ଜିଲ୍ଲାରେ କୌଣସି ସ୍ଥାନରେ ଡାକ୍ତର ନଥିବା ତଥା ଢେଙ୍କାନାଳ ଜିଲ୍ଲାରେ ଜେଡି (ଜିଡିଏମଓ) ଭାବେ କାର୍ଯ୍ୟରତ ଥିବା ଡା. ପ୍ରସେନଜିତ କରଙ୍କୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଚିଠି ସଂଖ୍ୟା ୨୩୦୧୨/୦୭-୦୮-୨୦୨୫ରେ ହୃଦ୍‌ରୋଗ ବିଶେଷଜ୍ଞ ଭାବେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଏବଂ ଡେପୁଟେସନରେ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରିବାକୁ ନିଯୁକ୍ତି କରିଦିଆଯାଇଛି। ଡା. କର ପୂର୍ବରୁ ଏଠାରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟରତ ମଧ୍ୟ ରହିଛନ୍ତି। ତେଣୁ ସହରର ଅନେକ ବୁଦ୍ଧିଜୀବୀ ଡା. କରଙ୍କ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରମୋସନ ହୋଇଛି ନା ଡିମୋସନ ହୋଇଛି ତାକୁ ନେଇ ସଂଶୟରେ ରହିଛନ୍ତି। ଡା. କର ନିଜ ପଦ ଅନୁଯାୟୀ ବର୍ତ୍ତମାନ ଅଣ୍ଡର ସେକ୍ରେଟାରୀ ସ୍ଥାନରେ ଥିଆଯାନ ଦେବା କଥା। ତେଣୁ ତାଙ୍କୁ କେଉଁ କାରଣବଶତଃ ଏଠାରେ ମେଡିକାଲ ଅଧିକାରୀ ଭାବେ ନିଯୁକ୍ତ କରାଗଲା ତାହା ମଧ୍ୟ ଲୋକଙ୍କ ସନ୍ଦେହକୁ ଦ୍ୱିଗୁଣିତ କରିଛି। ଅନ୍ୟପକ୍ଷରେ ଡା. କର ଏଡିଏମଓ ର୍ୟାଙ୍କ ବା ଅଣ୍ଡର ସେକ୍ରେଟାରୀ ର୍ୟାଙ୍କରେ ରହିଥିଲେ ମଧ୍ୟ ନିଜେ କାର୍ଯ୍ୟ କରୁଥିବା ମେଡିକାଲରେ ଦୀର୍ଘ ବର୍ଷ ହେବ ଡାକ୍ତର ନିଯୁକ୍ତି ସମସ୍ୟା ରହିଥିଲେ ମଧ୍ୟ ଏହାକୁ ସମାଧାନ ପାଇଁ ଚେଷ୍ଟା କରୁନାହାନ୍ତି ନା ଏନେଇ କିଛି ଚାପ ରହିଛି ତାକୁ ନେଇ ଅନେକ ପ୍ରଶ୍ନ ଉଠିବାରେ ଲାଗିଛି। ଇତିମଧ୍ୟରେ ତାଙ୍କୁ ଏଠାରେ ନିଯୁକ୍ତିକୁ ବର୍ଷ ପୂରିଥିବା ବେଳେ ଅନେକ ସମୟରେ ତାଙ୍କ ପାଇଁ ସୂତା ଖିଅ ପରି ଗୁଡେଇ ହୋଇ ତାଙ୍କ ପଥକୁ କଣ୍ଟକିତ କରିବାରେ ଲାଗିଛି।

ଅନ୍ୟପକ୍ଷରେ ଦୀର୍ଘ ପରେ ରୋଗୀଙ୍କ ଆଶା ଥିଲା ମେଡିକାଲ ଅଫିସର ପରିବର୍ତ୍ତନ ହେଲେ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାମାନ ସମାଧାନ ହେବ। ମାତ୍ର ଦୀର୍ଘ ବର୍ଷ ଧରି ମେଡିକାଲ ପରିସର ମଧ୍ୟରେ ପଡ଼ି ରହିଥିବା ଆମ୍ବୁଲାନ୍ସଟି (ଓଆର ୦୪ ଏନ ୪୪୪୩) କେବଳ କାଗଜ କଲମରେ ଚାଲୁଥିବା ବେଳେ ଏ ବାବଦରେ ଜଣେ ଡ୍ରାଇଭରଙ୍କୁ ପ୍ରତି ମାସ ସରକାରୀ କୋଷରୁ କାହିଁ ଦରମା ପ୍ରଦାନ କରାଯାଉଛି ତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଏନେଇ ଡା. କରଙ୍କ ନୀରବତା ଅନେକ କିଛି କଥା କହୁଛି। ସେହିପରି ରୋଗୀ ଏଠାକୁ ସୁସ୍ଥ ହେଇ ନିଜ ଘରକୁ ଫେରିଥିବାକୁ ଆସୁଥିବା ବେଳେ କିନ୍ତୁ ଏଠାରେ ପରିମଳ ଏବଂ ଡ୍ରେନେଜ ବ୍ୟବସ୍ଥା ରୋଗୀଙ୍କୁ ଅଧିକ ରୋଗଗ୍ରସ୍ତ କରିଦେଇ। ଜିଲ୍ଲାର ଅନ୍ୟତମ ଶ୍ରେଷ୍ଠ ସିଏଚ୍‌ସିର ମାନ୍ୟତା ମିଳିଲେ ମଧ୍ୟ ସାମାନ୍ୟ ବର୍ଷା ହେଲେ ବିପର୍ଯ୍ୟସ୍ତ ଡ୍ରେନେଜ ପାଇଁ ମେଡିକାଲ ପରିସର ଜଳାର୍ଣ୍ଣବ ହେବା ସହିତ ସେହି ବିଷାକ୍ତ ପାଣିରେ ପଶି ରୋଗୀ ଯିବା ଆସିବା କରିଥାନ୍ତି। ଏନେଇ ଯୁବ ଆଇନଜୀବୀ ତପସ୍ୱିନୀ ଶତପଥୀ କହଛନ୍ତି, ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ମେଡିକାଲର ପ୍ରତି ବିଭାଗରେ ଡାକ୍ତର ସମସ୍ୟା ରହିଥିବା ବେଳେ ଏଡିଏମଓ ର୍ୟାଙ୍କର ମେଡିକାଲ ଅଧିକାରୀ ଏନେଇ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ତାହା ସାର୍ବଜନୀନ କରନ୍ତୁ। ନିଜେ ଜଣେ ସ୍ତ୍ରୀ ଏବଂ ପ୍ରସୂତି ବିଭାଗର ବିଶେଷଜ୍ଞ ହୋଇଥିବା ବେଳେ ତାଙ୍କୁ କିପରି ଢେଙ୍କାନାଳରୁ ଯାଜପୁରକୁ ହୃଦ୍‌ରୋଗ ବିଶେଷଜ୍ଞ ଭାବେ ବଦଳି କରାଗଲା ଏବଂ ସେଠାରୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନରେ ପଠାଯାଇ ସ୍ଥାନୀୟ ଗରିବ ଶ୍ରେଣୀର ମାତୃତ୍ୱ ଲାଭ କରିବାକୁ ଥିବା ରୋଗୀଙ୍କୁ ବେସରକାରୀ ମେଡିକାଲ ରେଫର ମାଧ୍ୟମରେ ଶୋଷଣ କରିବାକୁ ଏକ ସୁଯୋଗ ଦିଆଯାଇନି ତ। ତୁରନ୍ତ ପ୍ରଶାସନ ଏବଂ ସ୍ଥାନୀୟ ବିଧାୟକ ଏନେଇ ଯତ୍ନବାନ ନହେଲେ ଏହି ସମସ୍ୟାକୁ ନେଇ ଲୋକେ ରାଜରାସ୍ତାକୁ ଆସି ଆନ୍ଦୋଳନ କରିବେ।





GOVERNMENT OF ODISHA
HEALTH&FAMILY WELFARE DEPARTMENT

ORDER

No. 23012 /H., Dated: 07.08.2025
PT1-HFW-MSII-AESTT-0004-2023

The following Medical Officers are transferred and posted to the places as mentioned against each with immediate effect.

| Sl No. | Name of the Medical Officer | Present Place of posting | Place to which posted on transfer |
|---|---|---|---|
| 1. | Dr. Prasenjeet Kar, Spl. in O&G, (promoted to AD under DACP Scheme) | JD(GDMO), DHH Dhenkanal | Adjusted against the post of Consultant(Cardiology), DHH Jajpur and deployed to work at CHC Jajpur Road |
| 2. | Dr. Santosh Kumar Prusti (Promoted to AD under DACP Scheme) | JD(GDMO), DHH Jajpur | JD(GDMO), Capital Hospital, Bhubaneswar. |

By order of the Governor

Special Secretary (MS) to Government

Memo No. 23013 /H Dated. 07.08.2025
Copy forwarded to the

1. Principal AG(A&E), Odisha, Bhubaneswar.
2. G.A.(SE) Department /G.A.(Rent) Department
3. DHS, Odisha/ Director Capital Hospital Bhubaneswar/ A.D (HRH & Research), O/o the DHS(O), Bhubaneswar.
4. Collector Dhenkanal /Jajpur/ Khordha.
5. CDM & PHO Dhenkanal /Jajpur.
6. Medical Officers concerned.
7. P.S. to Hon'ble Chief Minister, Odisha/ P.S. to Hon'ble Minister, Health & Family Welfare, Odisha / P.S. to Chief Secretary, Odisha / P.S. Commissioner-cum-Secretary to Govt., Health & F.W. Deptt.
8. Head, State Portal Group, IT Centre, Secretariat/ IT Cell, Health& Family Welfare Department with a request to post this order in the official website http://health.odisha.gov.in/.

for information and necessary action.

Special Secretary (MS) to Government

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ

**ବ୍ୟାସନଗର, ୨।୧୦(ସମିସ):** ଗାନ୍ଧୀ ଜୟନ୍ତୀ ଅବସରରେ ସିପିଆଇଏମ ଓ ସିଆଇଟିୟୁ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ନ୍ୟୁ ମାର୍କେଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ସେଠାରେ ସିଆଇଟିୟୁ ଜିଲ୍ଲା ସଭାପତି ତଥା ସିପିଆଇଏମ ନେତା ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ଦାମୋଦର ପଣ୍ଡା, ଅଶୋକ କୁମାର ବୋଷ, ଜୟରାମ ମୁର୍ମୁ, ରବୀନ୍ଦ୍ର ପାତ୍ର, ରମେଶ ରାଉତ, ଲିଟା ଲାଗୁରି ଓ ପନି କିସ୍କୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏନ୍‌ସିସି ଅଫିସର କ୍ୟାପେଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ରାଜନୀତି ବିଜ୍ଞାନର ପ୍ରଧାପକ ବଭ୍ରୁବାହନ ଜେନା ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ସାହୁ, ମୁଖ୍ୟ କିରାଣି ଶରତ କୁମାର ଜେନା, ମାନସରଞ୍ଜନ ପତି, ଜିତେନ୍ଦ୍ର କୁମାର ମଲ୍ଲିକ, ସିନିଅର ଅଣ୍ଡର ଅଫିସର ଆଲୋକ କୁମାର ସାହୁ, ଜୁନିୟର ଅଣ୍ଡର ଅଫିସର ସୋନାଲି ଜେନା, ରୁଦ୍ରନାରାୟଣ ପାଣି ଓ ଅର୍ଚ୍ଚିତା ପାଣି ପ୍ରମୁଖ କ୍ୟାଡେଟ୍ ଏହାକୁ ପରିଚାଳନା କରିଥିଲେ।



**ବ୍ୟାସନଗର:** ବିଜୁ ଜନତା ଦଳ ବ୍ୟାସନଗର ତରଫରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ସ୍ଥାନୀୟ ନୂଆ ମାର୍କେଟ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପାଳନ କରାଯାଇଛି। ବ୍ୟାସନଗର ମ୍ୟୁନିସିପାଲିଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ, ବ୍ୟାସନଗର ନଗର ସଭାପତି ଅମୂଲ୍ୟ କୁମାର ନାୟକ, ଇନ୍ଦିରା ପ୍ରିୟଦର୍ଶିନୀ ମହାନ୍ତି, ମନୋଜ ପରିଡ଼ା, ମନୋଜ ରାଉତ, ତପସ୍ୱିନୀ ଶତପଥୀ, ସନ୍ତୋଷ କୁମାର ବରାଳ, ନିରଞ୍ଜନ ରାଉତ, ପ୍ରଶାନ୍ତ ଖୁଣ୍ଟିଆ, ପ୍ରଭାତ କୁମାର ସାହୁ, ପ୍ରମୋଦ ବେହେରା, ପଦ୍ମଲୋଚନ ରାଉତ, ଯୁବ ନେତା ସିଦ୍ଧାର୍ଥ ଶଙ୍କର ସାମଲଙ୍କ ସମେତ ଶତାଧିକ ଯୁବ, ଛାତ୍ର ଏବଂ ମହିଳା ଯୋଗ ଦେଇ ଅହିଂସା ଧର୍ମ ଶ୍ରେଷ୍ଠ ଧର୍ମ ବୋଲି ମତପୋଷଣ କରିଥିଲେ।



**ଯାଜପୁର:** ଯାଜପୁର ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଅଛି। ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଦିବସରେ ପ୍ରଥମେ ଗାନ୍ଧୀ ଛକଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କଂଗ୍ରେସ କାର୍ଯ୍ୟାଳୟ ଠାରେ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଅର୍ପଣ କରାଯାଇ ଜୟନ୍ତୀ ଦିବସ ପାଳନ କରାଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବିଷ୍ଣୁ ଚରଣ ରାଉତ, ପୂର୍ଣ୍ଣଚନ୍ଦ୍ର ଜେନା, ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ସୁଦିପ କୁମାର କର, ବିଭୂତି ମହାପାତ୍ର, ହୃଷିକେଶ ପତି, ଦିଗମ୍ବର କର, ଭାସ୍କର ମହାନ୍ତି, ନିକୁଞ୍ଜ ସାମଲ, ନକୁଳଦେବ ସାହୁ, କନକଲତା ରାଉତ, ମାନସ ରଞ୍ଜନ ପଣ୍ଡା, ସଂଗ୍ରାମ ଜେନା, ମହମ୍ମଦ୍ ଅବ୍ଦୁଲ୍ ରୌଫ୍, ଅର୍ଜିତ ନାୟକ, ସନ୍ତୋଷ ସାହୁ, ସେକ୍ ମୁର୍ସିଦ୍ ଅଲ୍ଲି, ଅନିରୁଦ୍ଧ ରାଉତ, ସେକ୍ ଆବାସ୍, ଆବୁଥାନ ହୋସେନ୍ ଖାଁ, ଅର୍ଣ୍ଣବ ମିଶ୍ର, ଭାରତ ଚନ୍ଦ୍ର ସାମଲ, ଭରତ ଚନ୍ଦ୍ର ସାମଲ, ବିଜୟ ମହାପାତ୍ର, ଅମୂଲ୍ୟ ବିଶ୍ୱାଳ, ରଘୁନାଥ ସାହୁ, ଅକ୍ଷୟ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ନଗର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



**ଧର୍ମଶାଳା:** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବଦସ୍ଥିତ ଶ୍ୟାମସୁନ୍ଦରଜୀଉ କଲ୍ୟାଣ ମଣ୍ଡପ ଠାରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ନିଶାମୁକ୍ତ ଓଡ଼ିଶା ଗଠନରେ ଯୁବ ସମାଜର ଭୂମିକା ଶୀର୍ଷକ ଆଲୋଚନାଚକ୍ରକୁ ମୁଖ୍ୟଅତିଥି ଭାବେ ଗାନ୍ଧୀବାଦୀ ନେତା ତଥା ପୁର୍ବତନ ବିଧାୟକ ପଦ୍ମଚରଣ ନାୟକ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ କାମଦେବ ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକର୍ମୀ ଦେବବ୍ରତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଣ୍ଡିଖୋଲ ବାର ଆସୋସିଏସନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସ, ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ତ୍ରିପାଠୀ, ପ୍ରେମାନନ୍ଦ ବେହେରା, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ କଦମ, ପ୍ରଫୁଲ୍ଲ କୁମାର ପଣ୍ଡା, ସ୍ୱେଚ୍ଛାସେବୀ ପ୍ରଶାନ୍ତ ଜେନା, ବିବେକାନନ୍ଦ ଦାସ, ରସାନନ୍ଦ ଦାସ, ଅଜୟ ମହାପାତ୍ର, ଅନିଲ ସାମନ୍ତରାୟ, ଟିଂବୁ ଜେନା, ସରୋଜ ନାୟକ, ଅଭିମନ୍ୟୁ ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜିବୀ ତଥା ଶିକ୍ଷାବିତ ଆଲୋଚନା ଚକ୍ରରେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ମୁଖ୍ୟଅତିଥି ପଦ୍ମଚରଣ ନାୟକଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ତଥା ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




**ଧର୍ମଶାଳା:** ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭାଲୁଖାଇ ଠାରେ ଗାନ୍ଧିଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ଅଖିଳ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ରାଜକିଶୋର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଷାନ ପଣ୍ଡା, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ଚିତ୍ତରଞ୍ଜନ ମହାନ୍ତି, ସମାଜସେବୀ ଚିତ୍ତରଞ୍ଜନ ଦାସ, ଇଂ. କଳ୍ପତରୁ ସାହୁ, ପଣ୍ଡିତ ବ୍ରଜକିଶୋର ଦାଶ, ଅଭୟାନନ୍ଦ ସାରଦା, କୃଷକନେତା ବସନ୍ତ କୁମାର ପରିଡ଼ା, କବି ସଂଗ୍ରାମ ଜେନା, ଅଧ୍ୟାପକ ବିଜୟ କୁମାର ନାୟକ, ଶିକ୍ଷାବିତ ବିଜୟ କୁମାର ଦେବତା, ଯୁବ ସଂଗଠକ ନାରାୟଣ ମଲିକ, ଅଭୟ କୁମାର ରାଉତ, କାର୍ତ୍ତିକ ମଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଶ ସାମଲ, ପ୍ରେସକ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସମ୍ପାଦକ ଅବିନେଶ୍ୱର ଶତପଥୀ, ଅକ୍ଷୟ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରସନ୍ନ ପାଳ, ଆକାଶ ସ୍ୱାଇଁ, ମେଘୁଆ ମଲିକ, ରାହୁଲ ସ୍ୱାଇଁ, ରିତେଶ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ସହ ସମ୍ପାଦକ ଅଜୟ କୁମାର ଖଣ୍ଟିଆ ଧନ୍ୟବାଦ ଦେଇଥିଲେ।

**ସୁକିନ୍ଦା:** ସୁକିନ୍ଦା ବ୍ଲକ ବିଜେଡି ପକ୍ଷରୁ ଭାରତର ମହାନ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ସୁକିନ୍ଦା ଭବନ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଲକ୍ଷ୍ମୀଧର ବେହୁରା, ଦିପ୍ତିରଞ୍ଜନ ବେହୁରା, ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ବୋଷ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ସରପଞ୍ଚ ସ୍ୱାଧୀନ ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତଥିଲେ।



**ପାଣିକୋଇଲି:** ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀଛକ ସ୍ଥିତ ମାଧବାନନ୍ଦ ପାଠାଗାର ପରିସରରେ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତି ପାଳିତ ହୋଇଛି। ସମ୍ପାଦକ ରବି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ସହ ସମ୍ପାଦକ ସୁରେଶ ସାହୁ, ନରେନ୍ଦ୍ର ସାହୁ, ଅନନ୍ତ ଚରଣ ସାହୁ, ଦିପକ ବେହେରା, ଶଙ୍କର୍ଷଣ ବିଶ୍ୱାଳ, କାଳନ୍ଦୀ ସାହୁ, ଆକାଶ ଗୁଇଁ ଓ ସୁରେଶ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭମ ସାହୁ, ଅଭୟ ଓଝା, ଅଭିଷେକ ବେହେରା, ଭରତ ବେହେରା, ରମେଶ ଦାସ, ମାଧବ କୁଣ୍ଡୁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

# ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧନା

**ପାଣିକୋଇଲି, ୨।୧୦(ସମିସ):** ବିଶ୍ୱ ଶାନ୍ତିର ବାର୍ତ୍ତା ଓ ପାଣିକୋଇଲି ଶ୍ରୀପୀଠରେ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ମୁଖ୍ୟ ସେବକ ଦେବଦତ୍ତ ରାୟ ପୁରୀ ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ପଦଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ରାୟ ପାଣିକୋଇଲି ଶ୍ରୀ ପୀଠରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରେ ଆଜି ସକାଳୁ ବାହାରି ସେ ପଦଯାତ୍ରା ଆରମ୍ଭ କରିଥିବା ବେଳେ କୋରେଇ ବ୍ଲକ କାଚରାସାହି ପଞ୍ଚାୟତ ପକ୍ଷରୁ ତାଙ୍କୁ ସରପଞ୍ଚ ଗୌରୀଶଙ୍କର ମହାପାତ୍ରଙ୍କ ନେତୃତ୍ୱରେ ଭବ୍ୟ ସ୍ୱାଗତ କରାଯାଇଛି। ମହିଳା ମାନେ ଏହି ପଦଯାତ୍ରୀଙ୍କ ସ୍ୱାଗତ କରି ପଞ୍ଚାୟତ କାର୍ଯ୍ୟାଳୟରେ ଅବସ୍ଥିତ କରିବା ପରେ ପୁଣି ସେମାନଙ୍କୁ ସ୍ୱାଗତ କରି ବିଦାୟ ଦିଆଯାଇଛି। ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିବା ସହିତ ବିଦାୟ ଦିଆଯାଇଛି।

# କୁଆଖିଆ ପ୍ରେସ୍ କ୍ଲବର ପ୍ରତିଷ୍ଠା ଦିବସ

**କୁଆଖିଆ, ୨।୧୦(ସମିସ):** କୁଆଖିଆ ପ୍ରେସ କ୍ଲବର ୩୬ ତମ ପ୍ରତିଷ୍ଠା ଦିବସ ପ୍ରେସ କ୍ଲବ କାର୍ଯ୍ୟାଳୟରେ ପାଳନ କରାଯାଇଛି। କ୍ଲବର ସଭାପତି ବିଶ୍ୱନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋର୍ଯ୍ୟକ୍ରମର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ରାଉତ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ରଥ, ପୂର୍ବତନ ସଭାପତି ନିଖିଳ କୁମାର ମହାନ୍ତି, ବରିଷ୍ଠ ସଭ୍ୟ ତଥା ପୂର୍ବତନ ସମ୍ପାଦକ ଅମୂଲ୍ୟ କୁମାର ବରାଳ, ପୁରାତନ ସଦସ୍ୟ ତଥା ପୂର୍ବତନ ସମ୍ପାଦକ କଳ୍ପତରୁ ପଣ୍ଡା, ପୁରାତନ ସଭ୍ୟ ବୈଦେନ୍ଦ୍ର ନାଥ ସାହୁ, ପ୍ରେସ କ୍ଲବର କୋଷଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ମଲ୍ଲିକ, ସଞ୍ଜୀବ ସାହୁ, ଶୁଭେନ୍ଦୁ ସାମଲ, ସୁନୀଲ ମନୋହର ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି କାଳନ୍ଦୀ ଚରଣ କଣ୍ଡ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସହସମ୍ପାଦକ ଆଲୋକ କୁମାର ପହି ଧନ୍ୟବାଦ ପ୍ରଦାନ କରିଥିଲେ।

# ନିଶା ମୁକ୍ତ ଓଡ଼ିଶା ଗଠନ ପାଇଁ ଧାରଣା

**କୋରେଇ, ୨।୧୦(ସମିସ):** ସ୍ଥାନୀୟ କୋରେଇ ଥାନା ନିକଟସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ କୋରେଇ ବ୍ଲକ ଶାଖା ଓ ସତ୍ୟନାରାୟଣ ପାଠାଗାର ମିଳିତ ଉଦ୍ୟମରେ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଧାରଣା ଦିଆଯାଇଛି। ଅନୁଷ୍ଠାନର ଯାଜପୁର ଜିଲ୍ଲାର କାର୍ଯ୍ୟକାରୀ ସଦସ୍ୟ ତଥା ସାମାଜିକ କର୍ମୀ ଭୁବନ ମୋହନ ମହାନ୍ତିଙ୍କ ନେତୃତ୍ୱରେ ବରିଷ୍ଠ ଶିକ୍ଷାବିତ ନବଘନ ସ୍ୱାଇଁ ଓ ବରିଷ୍ଠ ଗାୟକ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟଙ୍କ ସଂଯୋଜନାରେ ଧାରଣା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପରିବେଶବିତ ପଦ୍ମଲୋଚନ ମହାନ୍ତି ବକ୍ତବ୍ୟ ରଖିଥିଲେ। ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସରକାର ପ୍ରତିଶ୍ରୁତି ଦେଇ ଥିବା ଏକ ଭଣ୍ଡାମୀ ବୋଲି ବକ୍ତାମାନେ କହିଥିଲେ। ଆଗାମୀ ୨୩ ନଭେମ୍ବର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଜନ୍ମଦିନରେ ଗାନ୍ଧୀମାର୍ଗ ଭୁବନେଶ୍ୱରରେ ଗଣଧାରଣା ଗଣବିକ୍ଷୋଭ କରାଯିବାକୁ ସ୍ଥିର ହେଇଛି। ଆଜିର ଧାରଣାସ୍ଥଳରେ କବି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ ବୃନ୍ଦାବନ ସାହୁ, ଶିକ୍ଷାବିତ ମଦନ ମୋହନ କର, ପରିବେଶବିତ ଶରତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# ବାଲି ଗାଡ଼ିକୁ ସୁରକ୍ଷା ଦେଉଛି ଅଳକୁଣ୍ଡ ପୁଲିସ

**ବିଞ୍ଝାରପୁର, ୨।୧୦(ସମିସ):** ଗାନ୍ଧୀ ଜୟନ୍ତୀ ଅବସରରେ ଅଳକୁଣ୍ଡ ଛକରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଜେପି ସଂଯୋଜକ ନିରଞ୍ଜନ ବେହୁରିଆ ଓ ତାଙ୍କ କର୍ମୀମାନେ ଛକରେ ସ୍ୱଚ୍ଛତା ମିଶନ କାର୍ଯ୍ୟକ୍ରମ କରୁଥିବା ବେଳେ ଚୋରାବାଲି ପରିବହନ କରୁଥିବା ଅଭିଯୋଗରେ ୨ଟି ହାଇୱାକୁ ଅଟକାଇ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ଶ୍ରୀ ବେହୁରିଆଙ୍କ ଅଭିଯୋଗ ଅନୁଯାୟୀ, ଚୋରାବାଲି ପରିବହନ କରୁଥିବା ଗାଡ଼ିଗୁଡ଼ିକରେ ଆବଶ୍ୟକ କାଗଜପତ୍ର ନଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ବିଜେପି କର୍ମୀମାନେ ଅଭିଯୋଗ କରିଛନ୍ତି ଯେ ଅଳକୁଣ୍ଡ ଥାନା ସମ୍ମୁଖ ଦେଇ ଦିନରାତି ବାଲି ବୋଝେଇ ଗାଡ଼ି ଯାତାୟାତ କରୁଥିଲେ ମଧ୍ୟ ପୁଲିସ ପକ୍ଷରୁ ଉପଯୁକ୍ତ ଯାଞ୍ଚ କରାଯାଉନାହିଁ। ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ୍ୟ ଅଳକୁଣ୍ଡ ପୁଲିସ ବାଲି ଗାଡ଼ିକୁ ସୁରକ୍ଷା ଦେଉଥିବା ନେଇ ଅଭିଯୋଗ ହେଉଥିବା କୁହାଯାଇଛି। ଏପରିକି ଚୋରାବାଲି ପରିବହନ ପାଇଁ ଏହି ରାସ୍ତା ଏକ ପ୍ରମୁଖ ମାଧ୍ୟମ ପାଲଟିଥିବା ଏବଂ କିଛି ପୁଲିସ କର୍ମଚାରୀ ଗାଡ଼ି ମାଲିକଙ୍କଠାରୁ ଅର୍ଥ ନେଇ ପରିବହନରେ ସହଯୋଗ କରୁଥିବା ନେଇ ଚର୍ଚ୍ଚା ହେଉଥିବା ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱତନ୍ତ୍ର ଯାଞ୍ଚ ଆବଶ୍ୟକ। ଯଦି ଚୋରାବାଲି ପରିବହନରେ କୌଣସି ପୁଲିସ କର୍ମଚାରୀଙ୍କ ସମ୍ପୃକ୍ତି ପ୍ରମାଣିତ ହୁଏ, ତେବେ ଏହା ଯୋଗୁଁ ସରକାରଙ୍କ ରାଜସ୍ୱହାନି ହେବା ସହ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିପାରେ ବୋଲି ସ୍ଥାନୀୟ ମହଲରେ ମତ ପ୍ରକାଶ ପାଇବା ସହ ଦୀର୍ଘ ଦିନ ହେବା ବିଞ୍ଝାରପୁର ଅଞ୍ଚଳରୁ ବାହାର ଜିଲ୍ଲାକୁ ବାଲି ପରିବହନ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ଆଜି ବିଜେପି କର୍ମୀ ଏବଂ ନେତା ଖୋଦ ରାଜରାସ୍ତାରେ ବାଲି ଗାଡ଼ି ଅଟକାଇ ପୁଲିସକୁ ଜିମା ଦେବା ପଛରେ କ'ଣ ଗୁପ୍ତ ରହସ୍ୟ ରହିଛି ବୋଲି କୁହାଯାଉଛି।




# ନିଶା ବିରୋଧରେ ଦୌଡ଼ିଲା ବିଞ୍ଝାରପୁର



**ବିଞ୍ଝାରପୁର, ୨।୧୦ (ସମିସ):** ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ନେଇ ଗାନ୍ଧୀ ଜୟନ୍ତୀ ଅବସରରେ ସୈନିକ ଡିଫେନ୍ସ ଏକାଡେମୀ ପକ୍ଷରୁ ଏକ ମିନି ମାରାଥନ ଆୟୋଜିତ ହୋଇଯାଇଛି। ଯଜ୍ଞପଡ଼ିଆରୁ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଏହି ମାରାଥନରେ ଏକାଡେମୀର ଛାତ୍ରଛାତ୍ରୀଙ୍କ ସମେତ ବହୁ ସ୍ଥାନୀୟ ଲୋକ ଅଂଶଗ୍ରହଣ କରିଥିଲେ। ପୂର୍ବତନ ସେନା ଅଧିକାରୀ ଶେଖ୍ ମୁକ୍ତାର, ପଦ୍ମାକର ଗୁରୁ ଓ ଥାନା ଅଧିକାରିଣୀ ପାର୍ବତୀ ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ସମାଜସେବୀ ଦିଲ୍ଲୀପ କୁମାର ରାଉଳ, କୈଳାସ ସେଠୀ, ଶ୍ୟାମସୁନ୍ଦର ବେହେରା ଓ ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ୍ ଆଲେନୁର ଉପସ୍ଥିତ ଥିଲେ। ଏକାଡେମୀର ପ୍ରଶିକ୍ଷକ ଶେଖ୍ ଗୁଫାରାନ ଓ ଶେଖ୍ ଇବ୍ରାର ଆଲମ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଯୁବ ସାମ୍ବାଦିକ ଗୁଲସାହାନୱାଜ ଅଲି ଖାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡାକ୍ତର ରତିକାନ୍ତ ଦାସଙ୍କ ନେତୃତ୍ୱରେ ମେଡିକାଲ ଟିମ୍ ଅଂଶଗ୍ରହଣକାରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଥିବା ବେଳେ ପୋଲିସ ପକ୍ଷରୁ ଯାତାୟାତ ନିୟନ୍ତ୍ରଣ କରାଯାଇଥିଲା। ଶେଷରେ ମାରାଥନରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଡିଫେନ୍ସ କ୍ଲବ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

**ଧର୍ମଶାଳା, ୨।୧୦(ସମିସ):** ଧର୍ମଶାଳା ଡେଫେନ୍ସ କ୍ଲବ ପକ୍ଷରୁ ଆଜି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ କରିବା ସହିତ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। କ୍ଲବର ସଭାପତି ଅନିଲ କୁମାର ସାମଲଙ୍କ ନେତୃତ୍ୱରେ ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଅଳିଆ ଆବର୍ଜନାକୁ ସଫେଇ କରିବା ସହିତ ନିକଟରେ ଥିବା ରାସ୍ତାକୁ ମଧ୍ୟ ସଫେଇ କରିଥିଲେ। ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ରୋଗୀମାନଙ୍କୁ ଯାଇ ଫଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଧୀର କୁମାର ସାହୁ ଓ କ୍ଲବର ଉପଦେଷ୍ଟା କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସମ୍ପାଦକ ପ୍ରମୋଦ କୁମାର ବେହେରା, ମେଜର ଅନନ୍ତ କିଶୋର ସାମଲ, କ୍ୟାପଟେନ ଅଭିରାମ ସାହୁ, ସୁବେଦାର ପ୍ରତାପ ଖଣ୍ଡଲା, ସୁବେଦାର ଅମ୍ବୁଜ କୁମାର ସାହୁ, ପ୍ରକାଶ ବିଶ୍ୱାଳ, ସୁବ୍ରତ ଦାଶ, ଅଶୋକ କୁମାର ନନ୍ଦ, ସୁବାଷ ସେଠୀ, ପ୍ରସନ୍ନ କୁମାର ବେହୁରା, ଶ୍ରୀନାଥ ଦାସ ଓ ମହେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




# ବିଶ୍ୱମ୍ଭର ଧଳଙ୍କ ସ୍ମୃତିଚାରଣ ସଭା

**ପାଣିକୋଇଲି, ୨।୧୦(ସମିସ):** ପାଣିକୋଇଲି ଗ୍ରାମର ବିଶ୍ୱମ୍ଭର ଧଳଙ୍କ ଏକାଦଶାହ କାର୍ଯ୍ୟ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସଞ୍ଜୟ କୁମାର ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜ୍ୟୋତି ପ୍ରକାଶ ପଣ୍ଡା, ପାଣିକୋଇଲି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି, କୋରେଇ କାହ୍ନୁଚରଣ ମହାବବିଦ୍ୟାଳୟର ଅଧ୍ୟାପକ ମୋହନ ଚରଣ ଖୁଣ୍ଟିଆ, ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଦ୍ୱୈତ ଚରଣ ଦାଶ ଓ ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଡ. ନିର୍ମଳ ରଥ, ମଧୁସୂଦନ ପଣ୍ଡା, ବିଜୟ କୁମାର ଷଡଙ୍ଗୀ, ଅଜୟ ସାହୁ, ଅଜୟ ଧଳ, କୀର୍ତ୍ତନ ବିହାରୀ ସାମଲ, ଗୟାଧର ଧଳ, ସୁଭ୍ରାଂଶୁ ଶେଖର ନାୟକ, ସନ୍ତୋଷ କୁମାର ମହାନ୍ତି, ମହଶ୍ୱେର ମହୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରଫୁଲ୍ଲ କୁମାର ନାୟକ, ପ୍ରମୋଦ ମଲ୍ଲିକ, ଲକ୍ଷ୍ମୀଧର ନାୟକ, ଅଜୟ କୁମାର ବ୍ରହ୍ମ, ପଦ୍ମଲୋଚନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଦୀନବନ୍ଧୁ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସତ୍ୟ ଓ ଅହିଂସା ହେଉଛି ମାନବିକତାର ସର୍ବଶ୍ରେଷ୍ଠ ପୁଞ୍ଜି'

ବାଲିଚନ୍ଦ୍ରପୁର, ୨।୧୦(ସମିସ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସ୍ଥିତ ପୁଷ୍ପଗିରି ପ୍ରେସ ଫୋରମର ସହଯୋଗ ଓ ଆନୁକୂଲ୍ୟରେ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରେସ ଫୋରମର ସମ୍ପାଦକ ରାକେଶ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାଯ୍ୟକ୍ରମରେ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟରେ କହିଥିଲେ ଯେ, 'ସତ୍ୟ ଏବଂ ଅହିଂସା କେବଳ କିଛି ମତାଦର୍ଶ ନୁହେଁ, ବରଂ ଏହା ମାନବିକତାର ସର୍ବଶ୍ରେଷ୍ଠ ପୁଞ୍ଜି ଏବଂ ଜୀବନର ପ୍ରକୃତ ମାର୍ଗ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଡ଼ଚଣା ଶିକ୍ଷା ମଣ୍ଡଳୀର ଅବସରପ୍ରାପ୍ତ ଏବିଇଓ ବିଜୟ କୁମାର ନାୟକ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ହରପ୍ରିୟା ମହାରଣା, ସ୍କୁଲ ପରିଚାଳନା କମିଟିର ସଭାପତି ରାଜକିଶୋର ସାମଲ ଏବଂ ସମାଜସେବୀ ରବୀନ୍ଦ୍ର କୁମାର ସେନାପତି ଯୋଗଦେଇ ମହାପୁରୁଷ ମାନଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ମହାମନିଷୀମାନଙ୍କ ମୂର୍ତ୍ତି ସ୍ଥାପନ କରିଥିବା ଗଦାଧର ଫାଉଣ୍ଡେସନର ପ୍ରତିଷ୍ଠାତା ଗଦାଧର ଦାସ ଏବଂ ବିଶିଷ୍ଟ ସମାଜସେବୀ ଶ୍ୟାମ ସୁନ୍ଦର ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟକୁ ପ୍ରେସ ଫୋରମର କୋଷାଧକ୍ଷ ନାରାୟଣ ସାହୁ, ଡା. ରାମଚନ୍ଦ୍ର ଦାସ, ଶିବ ପ୍ରସାଦ ସାମଲ, ଶୁଭକାନ୍ତ ସାହୁ, ସତ୍ୟାନନ୍ଦ ମଲ୍ଲିକ, ବିକାଶ ବଳ, ରବୀନ୍ଦ୍ର ନାୟକ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ବିଘ୍ନେଶ୍ୱର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଜୁ ଜନତା ଦଳ ପକ୍ଷର ପଦଯାତ୍ରା

ଯାଜପୁର, ୨।୧୦(ସମିସ): ପବିତ୍ର ଗାନ୍ଧୀ ଜୟନ୍ତୀରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା। ସେହିକ୍ରମରେ ଆଜି ଯାଜପୁର ସଦରମହକୁମାରେ ଯାଜପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ପଦଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଯାଜପୁର ପୌରପାଳିକା ଅନ୍ତର୍ଗତ କୁସୁମା ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟ ଯୁବ ବିଜେଡି ଉପସଭାପତି ସମ୍ବିତ କୁମାର ନାୟକ, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଯାଜପୁର ପୌରପାଳିକାର ଅଧକ୍ଷ୍ୟା ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ ମଲ୍ଲିକ, ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ, ଯୁବନେତା ଭରତ ବେହେରା, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡାଙ୍କ ସମେତ ବହୁ ନେତା ଏହି ପଦଯାତ୍ରାରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହି ଜନ ସମ୍ପର୍କ ପଦଯାତ୍ରା ସହର ପରିକ୍ରମା କରିବା ରେ ଗାନ୍ଧୀ ଛକରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ପରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯାଜପୁର ପୌରପାଳିକା ଓ ବ୍ଲକର କର୍ମୀ ମାନେ ଉପସ୍ଥିତ ଥିଲେ।



## ନାଭିଗୟାରେ ଚାଲିଛି ପିତୃପୁରୁଷଙ୍କୁ ପିଣ୍ଡଦାନ

# ଆଜିଠାରୁ ଷୋଡ଼ଷ ଉପଚାର ପୂଜା

ଯାଜପୁର, ୨।୧୦(ସମିସ)

ପରମ୍ପରା ଅନୁଯାୟୀ ପବିତ୍ର ସୁନିଁଆରୁ ଆରମ୍ଭ ହୋଇଛି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଶାରଦୀୟ ପୂଜାର ଶୁଭାରମ୍ଭ। ସୁନିଁଆରେ ରଥ ନିର୍ମାଣ ପାଇଁ କାଷ୍ଠ ସଂଗ୍ରହ ତଥା ବିଲ୍ୱବରୁଣ ପୂଜା ଲାଗି ବନଜାଗ ଯାତ୍ରା ଅନୁଷ୍ଠିତ ହେବାପରେ ମା'ଙ୍କ ସିଂହଧ୍ୱଜ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମହାରଣା ସେବାୟତମାନଙ୍କ ଦ୍ୱାରା ମା'ଙ୍କ ସିଂହଧ୍ୱଜ ରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଆସନ୍ତାକାଲି ଅର୍ଥାତ ମୂଳାଷ୍ଟମୀ ଠାରୁ ଆରମ୍ଭ ହେବ ମା'ଙ୍କ ଷୋଡ଼ଶ ଉପଚାର ପୂଜା। ସନ୍ଧ୍ୟା. ୧୫ରେ ବ୍ରହ୍ମକୁଣ୍ଡକୁ ଜଳଯାତ୍ରା କରାଯାଇ ଘଟନିମଜ୍ଜନ କର୍ମ କରାଯିବ। ପରେ ମା'ଙ୍କ ମହାସ୍ନାନ କରାଯାଇ ଷୋଡ଼ଶ ଉପଚାର ପୂଜା ଓ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ସାରେଣୀ ପ୍ରସ୍ତୁତ ହୋଇଛି। ଅନ୍ୟପଟେ ପ୍ରତିପ୍ରଦ ଠାରୁ ମହାଳୟା ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ନାଭିଗୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର ସ୍ୱତନ୍ତ୍ର ପରମ୍ପରା ରହିଛି। ଏହି ପିତୃପକ୍ଷରେ ପିଣ୍ଡଦାନ କଲେ ପିତୃପୁରଷଙ୍କ ମୋକ୍ଷ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ପୀଠରେ ଥିବା ନାଭିଗୟାରେ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ମାନେ ଆସି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ନାଭିଗୟାରେ ପିଣ୍ଡଦାନ କରୁଛନ୍ତି। ଶାରଦୀୟ ପୂଜା ଓ ପିଣ୍ଡଦାନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ମନ୍ଦିର ପ୍ରଶାସକ ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ ସୂଚନା ଦେଇଛନ୍ତି।



# କଣ୍ଟେନର ଧକ୍କାରେ ୪ଜଣ ଗୁରୁତର

ପାଣିକୋଇଲି, ୨।୧୦(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଶର୍ମା ହୋଟେଲ ନିକଟରେ ଆଜି ବାଇକ ସହ କଂଟେନର ଧକ୍କା ହେବାରୁ ୪ ଜଣ ଆହତ ହେବା ସହ ମହିଳା ଗୁରୁତର ଆହତ ହୋଇଛନ୍ତି। ପ୍ରକାଶଯେ ଏହି ଥାନା ଅନ୍ତର୍ଗତ ଖମଣ ପଞ୍ଚାୟତ ଶଙ୍ଖଚିଲା ଗୁରୁସାହିର କେଶବ ଗୁରୁ ତାଙ୍କ ଧର୍ମପତ୍ନୀ ସସ୍ମିତା ଗୁରୁ ଓ ଦୁଇ ପୁଅ କ୍ରିଷ୍ଣା ଓ ଓମ ପ୍ରକାଶକୁ ଧରି ଯାଜପୁର ଟାଉନ ମେଡିକାଲକୁ ଯାଉଥିବା ବେଳେ ପାଣିକୋଇଲି ଶର୍ମା ହୋଟେଲ ସମ୍ମୁଖରେ ଏକ କଂଟେନର ସହିତ ତାଙ୍କର ସାଇଡ ମରାକୁ ନେଇ ଭାରସମ୍ୟ ହରାଇ ପଡ଼ିଥିଲେ। ଘଟଣାସ୍ଥଳେ ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚିବା ବେଳକୁ ନିରଞ୍ଜନ ସେଠୀ ଓ ପ୍ରଦୀପ ମଲ୍ଲିକ ତାଙ୍କୁ ଉଠାଇଥିଲେ। ରାଜପଥ ପାଟ୍ରୋଲିଂ ଅଧିକାର ଅଶୋକ ବଳ ସେମାନଙ୍କୁ ପେଟ୍ରାଲିଂଗ ଗାଡିରେ ନେଇ ଏକ ଘରୋଇ ଚିକିତ୍ସାଳୟରେ ପ୍ରାଥମିକ ଚିକିûôା କରାଇଥିଲେ। ସେମାନଙ୍କ ମଧ୍ୟରୁ ମହିଳା ଜଣକୁ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳେ ପୁଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ● ମାଙ୍କଡ଼ ଗୋଡ଼ାଇବାରୁ ଦୁର୍ଘଟଣା

# ପୋଖରୀରେ ପଶି ସ୍କୁଲ ଛାତ୍ରୀ ମୃତ

ଦଶରଥପୁର, ୨।୧୦(ସମିସ): ଦଶରଥପୁର ଥାନା ଇଜାପୁର ପଞ୍ଚାୟତ ବାଲିଗଣ୍ଡ ଗ୍ରାମରେ ଅଭାବନୀୟ ଘଟଣା। ସାଙ୍ଗସାଥୀଙ୍କ ସହିତ ଖେଳୁଥିବା ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କ ପୋଖରୀରେ ବୁଡ଼ି ଦୁଃଖଦ ମୃତ୍ୟୁ ହୋଇଛି। ମୃତା ଛାତ୍ରୀ ବାଲିଗଣ୍ଡ ଗ୍ରାମର ପ୍ରଭାସ ଆଚାର୍ଯ୍ୟଙ୍କ ଝିଅ ଇତିଶ୍ରୀ ଆଚାର୍ଯ୍ୟ (୧୧) ବୋଲି ଜଣାଯାଇଛି। ୬ଷ୍ଠ ଶ୍ରେଣୀରେ ପଢୁଥିବା ଇତିଶ୍ରୀ ଆଜି ଗାନ୍ଧୀଜୟନ୍ତୀ ପାଇଁ ସ୍କୁଲ ଛୁଟି ଥିବାରୁ ପୂର୍ବାହ୍ନ ପ୍ରାୟ ୩ଟା ସମୟରେ ପରିବାର ଲୋକଙ୍କ ଅଜାଣତରେ ଘର ନିକଟରେ ସାଙ୍ଗସାଥିଙ୍କ ସହିତ ଖେଳୁଥିଲେ। ହଠାତ ଗଛ ଉପରୁ ଏକ ଦନ୍ତା ମାଙ୍କଡ଼ ଡେଇଁ ପିଲାଙ୍କୁ ଗୋଡ଼ାଇବାରୁ ସାଙ୍ଗସାଥିମାନେ ଭୟଭୀତ ହୋଇ ଏଣେ ତେଣେ ଦୌଡ଼ି ପଳାଇଥିଲେ ମଧ୍ୟ ଇତିଶ୍ରୀ ନିକଟରେ ଥିବା ପୋଖରୀ ଭିତରକୁ ପଶି ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗସାଥି ଘରକୁ ଫେରିଥିଲେ ମଧ୍ୟ ଇତିଶ୍ରୀ ଘରକୁ ଫେରି ନଥିଲେ। ଖୋଜାଖୋଜି କରିବାରେ ଇତିଶ୍ରୀ ପୋଖରୀରେ ଭାସୁଥିବା ଦେଖି ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ପରିବାରବର୍ଗଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ଇତିଶ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିଲା। ଖବର ପ୍ରସାର ହେବାକ୍ଷଣି ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଅମୀୟ ଜେନା, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର ପ୍ରମୁଖ ମେଡିକାଲରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନ ଇତିଶ୍ରୀଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି।

## ● ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତଙ୍କୁ ନିର୍ଦ୍ଦୋଶରେ ଖଲାସ

ଯାଜପୁର, ୨।୧୦(ସମିସ): ଜନୈକା ୫ବର୍ଷର ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାକୁ ବିଚାର କରି ଯାଜପୁରର ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଳାଷ ସେନାପତି ଉପଯୁକ୍ତ ତଥ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ ଗତ ୩-୮-୨୦୨୫ରିଖ ସନ୍ଧ୍ୟା ସମୟରେ ଯାଜପୁର ଥାନା ଅନ୍ତର୍ଗତ ରାମବାଗ ଫାଣ୍ଡି ଅଞ୍ଚଳର ଜନୈକା ୫ ବର୍ଷୀୟା ନାବାଳିକାଙ୍କୁ ଅସନପୁର ଗ୍ରାମର ଅଲେଖ ମଲ୍ଲିକଙ୍କ ପୁଅ ଅଭିମନ୍ୟୁ ମଲ୍ଲିକ(୨୬) ଏକ ସୁଧି କାମରେ ପୀଡ଼ିତାଙ୍କ ଗ୍ରାମକୁ ଆସିଥିଲା। ପୀଡ଼ିତାଙ୍କ ମା' ଅଭିଯୁକ୍ତଙ୍କ ନିଜ ଗ୍ରାମର ହୋଇଥିବାରୁ ତାଙ୍କ ସହ ଚିହ୍ନା ପରିଚୟ ହୋଇ ତାଙ୍କ ପାଞ୍ଚ ବର୍ଷୀୟ ନାବାଳିକାଙ୍କୁ ଚକୋଲେଟ୍ ଦେବାକୁ କହି ନିଜ ବାଇକରେ ବସାଇ ମାର୍କେଟକୁ ବୁଲେଇ ପୁଣି ଘରକୁ ଛାଡ଼ିବା ବାଟରେ ତା' ସହ ଦୁଷ୍କର୍ମ କରିଥିବାର ପୀଡ଼ିତାଙ୍କ ବାପା ଯାଜପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଟାଉନ ପୁଲିସ କେଶ ନଂ.୩୫୭/୨୫, ଦଫା ୬୫(୨) ଓ ୬ ପୋକ୍ସୋ ଅନୁଯାୟୀ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଏହି ମାମଲାରେ ୧୪ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ ହେଁ ପ୍ରତ୍ୟେକ ସାକ୍ଷୀଙ୍କ ବୟାନରେ ଅମେଳକ, ଡାକ୍ତରୀ ପ୍ରମାଣ ଓ ଉପଯୁକ୍ତ ତଥ୍ୟ ପ୍ରମାଣର ଅଭାବ ଦର୍ଶାଇ କୋର୍ଟ ଅଭିଯୁକ୍ତ ଅଭିମନ୍ୟୁକୁ ନିର୍ଦ୍ଦୋଶରେ ଖଲାସ କରିଥିବାର ଜଣାପଡ଼ିଛି। ଏହି ମାମଲାଟିକୁ ଆଇନଜୀବୀ ରାଜୀବ ମହାନ୍ତି ଓ ସତ୍ୟସୁନ୍ଦର ଦାସ ପରିଚାଳନା କରୁଥିଲେ।

# ମିଳିଲାନି ସତ୍ୟାଗ୍ରହ ଅନୁମତି; ପୌରପରିଷଦ ସମ୍ମୁଖରେ ବିକ୍ଷୋଭ




ବ୍ୟାସନଗର, ୨।୧୦(ସମିସ): ବ୍ୟାସନଗର ପୌରପାଳିକାରେ ବ୍ୟାପକ ଦୁର୍ନୀତି ଓ ପୌରବାସୀଙ୍କ ମୌଳିକ ଅଧିକାର ତଥା ୧୧ ଦଫା ଦାବିକୁ ନେଇ ଶୁକ୍ରବାର ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ପୌରପରିଷଦ ସମ୍ମୁଖରେ ଗଣସତ୍ୟାଗ୍ରହ ଅନୁମତି ମିଳିଥିଲେ ମଧ୍ୟ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଏହି ସତ୍ୟାଗ୍ରହକୁ ବାରଣ କାରିଥିଲେ। ଏହାର ପ୍ରତିବାଦରେ ଓଜେସି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି ମହାନା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ମୋଟରସାଇକଲ ଶୋଭାଯାତ୍ରାରେ ଆସି ଗୋପବନ୍ଧୁ ଛକଠାରେ ଏକତ୍ରିତ ହୋଇଥିଲେ। ସେଠାରେ ଏକ ପଟୁଆର ବାହାରି ବ୍ୟାସନଗର ପୌର ପରିଷଦରେ ପହଞ୍ଚି ଓଜେସି ନେତା ପ୍ରତାପ ଦାସଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି ଉଦବୋଧନ ଦେଇ କହିଲେ ପୌରପାଳିକାରେ ହେଉଥିବା ବ୍ୟାପକ ଦୁର୍ନୀତି ଓ ପୌରାବାସୀଙ୍କ ମୌଳିକ ସମସ୍ୟାକୁ ଅଧିକାରୀ ଏଡାଇଦେଇ ରାଜନୈତିକ ନେତାଙ୍କ ହାତବାରିସୀ ହୋଇ ମାଲାମାଲ ହେବାଦ୍ୱାରା ସହରର ପ୍ରଗତିରେ ବାଧକ ସାଜୁଛନ୍ତି ବୋଲି କହି ଶ୍ରୀ ମହାନ୍ତି ଦୃଢ଼ ସମାଲୋଚନା କରିଥିଲେ। ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମାଧବ ମହାପାତ୍ର, ପ୍ରଣତି ତ୍ରିପାଠୀ, ପ୍ରଦୀପ କୁମାର ସେଠି, ଜ୍ୟୋସ୍ନା ଦାସ, ଜାନକୀ ସିଂ ବିଦ୍ୟାଧର ଯେନା, ଶତ୍ରୁଘନ ମଳିକ, ବିଚିତ୍ର ରଣା, ରାକେଶ କୁମାର, ପ୍ରମିଳା ଯେନା ଏବଂ ମୀନକେତନ ମହାନ୍ତି ପ୍ରମୁଖ ନିଜର ନିଜର ଅଭିଭାଷଣ ରେ କହିଲେ ଏଭଳି ଏକ ଦୁର୍ନୀତି ଗସ୍ତ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟରୁ ଅନ୍ୟତ୍ର ବଦଳି ନ କଲେ ବହୁ ଶୀଘ୍ର ଓଜେସି ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବାକୁ ଚେତାବନୀ ଦେଇଥିଲେ। ଶେଷରେ ଏଭଳି ଜିଦଖୋର ଅଧିକାରୀ ରଞ୍ଜିତ କୁମାର ମଳିକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

## ● ସୁକିନ୍ଦା ନିକଟରୁ ଗଞ୍ଜେଇ ରାକେଟ୍ ଗିରଫ

# ୨୮ କେଜି ଗଞ୍ଜେଇ ଜବତ, ୪ କୋର୍ଟଚାଲାଣ

ସୁକିନ୍ଦା, ୨।୧୦(ସମିସ): ଗଞ୍ଜେଇ ଚୋରାଚାଲାଣର ଏକ ବଡ଼ ରାକେଟକୁ ସୁକିନ୍ଦା ପୁଲିସ ଧରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସୁକିନ୍ଦା ଭୁବନ ରାସ୍ତାର ବୋତଲଣ୍ଡା ନିକଟ ଜଙ୍ଗଲିଆ ସ୍ଥାନରେ ଗଞ୍ଜେଇ ଧରି ଗାଡ଼ିକୁ ଅପେକ୍ଷା କରି ରହିଥିବା ୪ ଜଣଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪ଟି ଆଟାଚିରେ ଥିବା ପ୍ରାୟ ୨୮ କେଜି ଗଞ୍ଜେଇ ଜବତ କରିଛି। ଘଟଣାରୁ ପ୍ରକାଶ ଯେ, ଏକ ବୋଲେରୋ ଯୋଗେ ଭୁବନ ଅଞ୍ଚଳରୁ ୪ ଜଣ ଅଭିଯୁକ୍ତ ଗଞ୍ଜେଇ ଧରି ସୁକିନ୍ଦା ଥାନା ଅନ୍ତର୍ଗତ ବୋତଲଣ୍ଡା ଗ୍ରାମକୁ ଯାଉଥିବା ସମୟରେ ଏକ ଜଙ୍ଗଲିଆ ସ୍ଥାନରେ ବସି ରହିଥିଲେ। ସେମାନଙ୍କ ଗତିବିଧିକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ କିଛି ଗ୍ରାମବାସୀ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। କଥାରେ ତାଳମେଳ ନଥିବାରୁ ଗ୍ରାମବାସୀ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ସୁକିନ୍ଦା ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ୩ ଜଣ ମହିଳା ଓ ଜଣେ ବୟସ୍କ ପୁରୁଷଙ୍କୁ ପୁଲିସ କାବୁ କରିଥିଲା। ସେମାନଙ୍କ ନିକଟରେ ଥିବା ୪ଟି ଆଟାଚି ଯାଞ୍ଚ କରିବା ପରେ ସେଥିରୁ ୨୮ କେଜି ଗଞ୍ଜେଇ ଜବତ ହୋଇଥିଲା। ପୁଲିସ ଗଞ୍ଜେଇ ଚୋରାଚାଲାଣ ରାକେଟ୍‌ର ୪ ଜଣ ସଦସ୍ୟଙ୍କୁ ଗିରଫ କରିଥିବାବେଳେ, ସେମାନେ ସମସ୍ତେ ପଶ୍ଚିମବଙ୍ଗ ରାଜ୍ୟର ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅବ୍ଦୁଲ ସତ୍ତାର (୬୨) ମୁର୍ଶିଦାବାଦ ଜିଲ୍ଲାର ବାସିନ୍ଦା। ତାଙ୍କ ସ୍ତ୍ରୀ ଅଞ୍ଜନା ବିବି (୫୫) ଏବଂ ସମ୍ପର୍କୀୟ ବୁଲ୍ଟି ବିବି (୩୦) ମଧ୍ୟ ମୁର୍ଶିଦାବାଦ ଜିଲ୍ଲାର ବୋଲି ଜଣାପଡ଼ିଛି। ସେହିପରି ଅନ୍ୟ ଜଣେ ଆଇଶା ବିବି (୬୦), ସ୍ୱାମୀ ବାବୁ ଅଲି, ତାଙ୍କ ଘର ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ବୋଲି ପୁଲିସ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ ଗଞ୍ଜେଇ ଧରି କୋଲକାତା ଅଭିମୁଖେ ଯିବାକୁ ଯୋଜନା କରିଥିଲେ। ସେମାନେ ଭୁବନ ଅଞ୍ଚଳରୁ ଏକ ଗାଡ଼ିରେ ଆସି ଉକ୍ତ ଜଙ୍ଗଲିଆ ସ୍ଥାନରେ ପହଞ୍ଚିଥିଲେ ପରେ ସେମାନେ ଅନ୍ୟ ଏକ ଗାଡ଼ିରେ କୋଲକାତା ଯିବା ପାଇଁ ଗାଡ଼ିକୁ ଅପେକ୍ଷା କରିଥିଲେ। ପୁଲିସ ଚଢ଼ଉ ସମ୍ପର୍କରେ ଖବର ପାଇ ଉକ୍ତ ଗାଡ଼ିଟି ଘଟଣାସ୍ଥଳକୁ ନ ଆସି ଅଧାବାଟରୁ ଫେରିଯାଇଥିବା ଜଣାପଡ଼ିଛି। ଏହି ଅଞ୍ଚଳରେ ଗଞ୍ଜେଇ ଚୋରାଚାଲାଣ ସହ ଜଡ଼ିତ କିଛି ଲୋକ ପୂର୍ବରୁ ମଧ୍ୟ ସକ୍ରିୟ ଥିବା ଅଭିଯୋଗ ରହିଛି। ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ଉପସ୍ଥିତରେ ଜବତ ଆଟାଚି ଗୁଡିକୁ ଖୋଲାଯାଇ ଓଜନ କରାଯାଇଥିଲା ସେଥିରେ ମୋଟ ୨୮ କେଜି ଗଞ୍ଜେଇ ଜବତ ହୋଇଥିବା ଜଣାପଡ଼ିଛି। ଜବତ ଗଞ୍ଜେଇର ମୂଲ୍ୟ ୩ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ଗିରଫ ୪ଜଣଙ୍କୁ ପୋଲିସ ଆଜି କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ଜେଲ୍ ହାଜତକୁ ପଠା ଯାଇଛି।



# ଡିଜେ ଗାଡିକୁ ୧ .୩୦ ଲକ୍ଷ ଜରିମାନା

ପାଣିକୋଇଲି, ୨।୧୦(ସମିସ): ସରକାରୀ ସ୍ତରରେ ଡିଜେ ଗାଡିକୁ ବ୍ୟାନ କରାଯାଇଥିବା ବେଳେ ବିଭିନ୍ନ ସମୟରେ ଡିଜେ ବଜା ବନ୍ଦ ହୋଇନି। ବିଭିନ୍ନ ସମୟରେ ଏହା ଯୋଗୁଁ ଅନେକ ଲୋକ ହୃଦଘାତର ଶିକାର ଶିକାର ହେବା ନଜିର ରହିଛି। ପାଣିକୋଇଲି ପୁଲିସ ଏକ ଡିଜେ ଗାଡିକୁ ଧରି ଅଟକ ରଖିବା ସହ ପରିବହନ ବିଭାଗକୁ ଖବର ଦେଇଥିଲେ। ବିଭାଗ ପକ୍ଷରୁ ପ୍ରଜ୍ଞା ପ୍ରୀୟଦର୍ଶନୀ ସେଠୀ, ରାଜେଶ ମଙ୍ଗରାଜ ଓ ଟି କିଶୋର କୁମାର ପହଞ୍ଚି ଜବତ ଡିଜେ ଗାଡି ଉପରେ ୧ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

## ● ରାଜପଥ ଛିନତାଇ ଲୁଟେରା ପୁଲିସ କବଜାରେ

# ୫ ମୋବାଇଲ ଜବତ, ଜଣେ ଗିରଫ

ପାଣିକୋଇଲି, ୨।୧୦(ସମିସ): ରାଜପଥରେ ମୋବାଇଲ ଲୁଟ ସହିତ ଛିନତାଇ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହା ଉପରେ ପାଣିକୋଇଲି ପୁଲିସ ତୀକ୍ଷଣ ନଜର ରଖିଛି। ରାଜପଥ ପାଟ୍ରୋଲିଂ ସହ ସାଧା ପୋଷାକରେ ବାଇକରେ ପୁଲିସ ଯାଇ ଯାଞ୍ଚ କରୁଛି। ପାଣିକୋଇଲି ଥାନା ସବଇନ୍ସପେକ୍ଟର ସୁମିତ କୁଜୁର ସଦଳବଳେ ଚଢ଼ଉ କରି ଜଣେ ଲୁଟେରାକୁ ଗିରଫ କରିବା ସହ ତା' ନିକଟରୁ ୫ଟି ମୋବାଇଲ ଜବତ କରି ତାକୁ ଗିରଫ କରି ଅଦାଲତ ଚାଲାଣ କରାଯାଇଛି। ପ୍ରକାଶଯେ ପାଣିକୋଇଲି ଥାନା ପକ୍ଷରୁ ମୋବାଇଲ ଲୁଟେରା ଗ୍ୟାଙ୍ଗ ଧରିବାକୁ ପ୍ରଚେଷ୍ଟା ଜାରି ଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଠାରେ ସର୍ଭିସ୍ ରୋଡରେ ସନ୍ଦେହ ଜନକ ଭାବେ ଜଣେ ଲୁଟେରାକୁ ଦେଖି ତାର ପିଛା କରିଥିଲେ। ସେ ଏକ ବାଇକ୍ (ବିଆର୦୨ବିଜେ ୯୪୯୧) ଯୋଗେ ପଳାଇଯାଉଥିବା ବେଳେ ତାର ପିଛା କରିବାରୁ ସେ ବାଇକ୍ ଛାଡି ପଳାଇଯିବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ତାକୁ କାବୁ କରିଥିଲା। ତା' ନିକଟରୁ ୫ଟି ମୋବାଇଲ (ଆଇଫୋନ ୧୬ ପ୍ରୋ ମ୍ୟାକ୍ସ, ଆଇଫୋନ ଇ, ଆଇଫୋନ ୭ସିରିଜ, ସାମସଙ୍ଗ ଫୋନ ଓ ଏମଆର ଫୋନ) ଜବତ କରିଥିଲା। ତାକୁ ଧରି ଥାନାକୁ ଆଣିବା ପରେ ସେ ସତ ସ୍ୱୀକାର କରିଥିଲା। ତାର ଆଉ ଦୁଇ ସହଯୋଗୀ ଫେରାର ହୋଇଯିବା ସ୍ୱୀକାର କରିବା ସହ ସେ ରାଜପଥ ଲୁଟେରା ଭାବେ କାର୍ଯ୍ୟକରେ। ଉକ୍ତ ଯୁବକ ଜଣଙ୍କ କୋଣେଇ ଥାନା ଅନ୍ତର୍ଗତ ରଗଡ଼ିର ସୀମାଞ୍ଚଳ ମହାନ୍ତିଙ୍କ ପୁଅ ଦେବବ୍ରତ ମହାନ୍ତି (୩୩) ବୋଲି ଜଣାପଡ଼ିଛି। ଏନେଇ ଏକ ମାମଲା ୩୫୯/୨୬ ରୁଜୁ କରି ଅଦାଲତ ଚାଲାଣ କରାଯିବା ସହ ମାମଲାର ତଦନ୍ତ ଜାରି ରଖିଛି। ଅପରପକ୍ଷେ ଦେବବ୍ରତ ନାମରେ କୋରେଇ ଥାନାରେ ୧୬୫/୨୪ ଓ ୨୬୯/୨୪ ଦୁଇଟି ମାମଲା ଥିବା ଜଣାପଡ଼ିଛି।

# ଗୋକର୍ଣ୍ଣିକା ମନ୍ଦିର ସଫେଇ




ଧର୍ମଶାଳା, ୨।୧୦(ସମିସ): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଧର୍ମଶାଳା ପ୍ରେସ କ୍ଲବ ଓ ଜାରକା ରୋଟାରୀ କ୍ଲବ ପକ୍ଷରୁ ମିଳିତ ଭାବେ ଗୋକର୍ଣ୍ଣେଶ୍ୱର ମନ୍ଦିର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଉଳି ନିକଟସ୍ଥ ଗୋକାର୍ଣ୍ଣେଶ୍ୱର ମନ୍ଦିରକୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ପ୍ରାକୃତିକ ପରିବେଶ ଉପଭୋଗ କରିବା ସହିତ ମନ୍ଦିରରେ ମହାପ୍ରଭୁ ଶିବଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥାନ୍ତି। ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଭକ୍ତମାନେ ଏଠାକୁ ଆସୁଥିବାରୁ ମନ୍ଦିର ପରିସର ଅଳିଆ ଆବର୍ଜନାରେ ଭର୍ତୀ ହୋଇଯାଏ। ଯାହାକୁ ଆଜି ସକାଳ ୮ଟା ସମୟରେ ଉଭୟ କ୍ଲବର ସଦସ୍ୟମାନେ ମନ୍ଦିର ପରିସରରେ ଏକତ୍ରିତ ହୋଇ କୋଦାଳ, ଫାଉଡା, ଝୁଡି ଓ ପହଁରା ଧରି ମନ୍ଦିର ପରିସରରେ ଗଦା ହୋଇଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ। ଉକ୍ତ ସଫେଇ କାର୍ଯ୍ୟରେ ପ୍ରେସ କ୍ଲବର ସଭାପତି ପୁର୍ଣ୍ଣ ଚନ୍ଦ୍ର ଶତପତୀ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ଉପଦେଷ୍ଟା ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ସ୍ୱାଇଁ, ଉପସଭାପତି ମାନସ ରଞ୍ଜନ ଜେନା, ଗିରିଧାରି ବେହେରା, ବିକ୍ରମ କେଶରୀ ମହନ୍ତି, କିଶୋର ରାଉତ, ସୁବ୍ରତ କୁମାର ଜେନା, ବିନୋଦ ସାହୁ ଓ ଜାରକା ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ, କଳ୍ପନା ପରିଡ଼ା, କାଦମ୍ବିନୀ ମିଶ୍ର ସମେତ ଜାରକା ରୋଟାରୀ କ୍ଲବର ସଭାପତି ସୁକାନ୍ତ ସ୍ୱାଇଁ, ବରିଷ୍ଠ ସଦସ୍ୟ ପ୍ରଦୀପ ବରାଳ, ପ୍ରମୋଦ ସାମଲ, ଜୟନ୍ତ ସାହୁ, କଳାକର ମହାନ୍ତି, ଅମୂଲ୍ୟ ମହାରଣା, ଜୟପ୍ରକାଶ ତ୍ରିପାଠୀ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ସଫେଇ କରିଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ୱି ଫର୍ ଚେଞ୍ଜ' ଅଭିଯାନ

# ମହିଳାଙ୍କ ନେତୃତ୍ୱରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଦାନଗଦି, ୨।୧୦(ସମିସ)

ଗାନ୍ଧୀ ଜୟନ୍ତୀ ଏବଂ ଲାଲ୍ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଅବସରରେ ସାମୂହିକ ନେତୃତ୍ୱ ତଥା ଦାୟିତ୍ୱବୋଧର ନିଦର୍ଶନ ଦେଖିବାକୁ ମିଳିଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ୍)ର 'ଦିଶା' କାର୍ଯ୍ୟକ୍ରମ ସହ ଜଡ଼ିତ ମହିଳା ଅଂଶୀଦାରମାନେ 'ୱି ଫର୍ ଚେଞ୍ଜ' ପଦକ୍ଷେପ ଅଧୀନରେ କଳିଙ୍ଗନଗର ଓ ଏହାର ଆଖପାଖ ଚାରୋଟି ଗ୍ରାମରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶାଳିଜଙ୍ଗା, ଭରଦାପୋଷି, ବାରଗାଡ଼ିଆ ଏବଂ ତେଲିବାହାଳି ଗ୍ରାମରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଦିଶା' କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ସମୁଦାୟ ୧୫୦ ଜଣ ମହିଳା ଚେଞ୍ଜମେକର୍ ସ୍ୱେଚ୍ଛାକୃତ ଭାବେ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେମାନେ ସର୍ବସାଧାରଣ ସ୍ଥାନଗୁଡ଼ିକର ସଫେଇ କରିବା ସହିତ ସ୍ୱଚ୍ଛତା, ପରିମଳ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଭରଦାପୋଷି ଗ୍ରାମରେ ସୁରକ୍ଷିତ ତଥା ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସର୍ବସାଧାରଣ ନଳକୂପ ଓ ଷ୍ଟାଣ୍ଡପୋଷ୍ଟଗୁଡ଼ିକୁ ମଧ୍ୟ ସଫା କରାଯାଇଥିଲା। ଏହି ଅବସରରେ ଚାନ୍ଦିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ପାଣ୍ଡୁ ସିଂହ ଖୁଣ୍ଟିଆ, ଶାଳିଜଙ୍ଗା ସରପଞ୍ଚ ବିଜୟଲକ୍ଷ୍ମୀ ଦାସ, ଖପୁରିଆପଦା ନାଏବ ସରପଞ୍ଚ ଶୁଭଶ୍ରୀ ସାମଲ, ମାଷ୍ଟର ବୁକ୍ କିପର (ଏମବିକେ) ହିମାଦ୍ରୀ ମହାନ୍ତ ଓ ମମତା ରାଉତଙ୍କ ସମେତ ମିଶନ ଶକ୍ତି ଅଧୀନରେ ଥିବା ଓଡ଼ିଶା ଜୀବିକା ମିଶନ (ଓଏଲଏମ) ର ପ୍ରତିନିଧିମାନେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। 'ଦିଶା' କାର୍ଯ୍ୟକ୍ରମ ଜରିଆରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଗୋଷ୍ଠୀ ଉନ୍ନୟନ ତଥା ସ୍ଥାନୀୟ ଶାସନ ବ୍ୟବସ୍ଥାରେ ମହିଳାମାନଙ୍କ ନେତୃତ୍ୱ ଏବଂ ଅଂଶଗ୍ରହଣକୁ ନିରନ୍ତର ଉତ୍ସାହିତ କରିଆସୁଛି। 'ୱି ଫର୍ ଚେଞ୍ଜ' ଭଳି ପଦକ୍ଷେପ ମହିଳାମାନଙ୍କୁ ତୃଣମୂଳ ସ୍ତରର ସମସ୍ୟା ସମାଧାନରେ ଆଗଭର ହେବା, ସାମୂହିକ ଭାଗୀଦାରିତା ସୃଷ୍ଟି କରିବା ଏବଂ ଏକ ସ୍ୱଚ୍ଛ, ସୁସ୍ଥ ତଥା ସମାବେଶୀ ସମାଜ ଗଠନ ଦିଗରେ ନେତୃତ୍ୱ ନେବାକୁ ପ୍ରେରଣା ଯୋଗାଉଛି।




# ଗୋକୁଳାନନ୍ଦ ବରାଳଙ୍କ ସ୍ମୃତିସଭା



ଧର୍ମଶାଳା, ୨।୧୦(ସମିସ): ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଗୋକୁଳାନନ୍ଦ ବରାଳଙ୍କ ଏକାଦଶାହ ଅବସରରେ ତାଙ୍କ ବାସଭବନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜେପି ଉପସଭାପତି ଯତୀନ ମହାନ୍ତି, ସମାଜସେବୀ ମିନତୀ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ପ୍ରଫେସର ନରେନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ବିଜୟ କୁମାର ସାହୁ, ରମଣୀକ ଲାଲ, ସତ୍ୟାନନ୍ଦ ବରାଳ, ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା, ଇଂ.ଶରତ କୁମାର ସାମଲ, ମନୋଜ ଓଝିଆ, ଧର୍ମଶାଳା ପ୍ରେସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଇନ୍ଦ୍ରମଣି ନାୟକ, ସମ୍ପାଦକ ଅବିନେଶ୍ୱର ଶତପଥୀ, ନିଗମାନନ୍ଦ ସାହୁ, ଜୟନ୍ତ ସ୍ୱାଇଁ, ସଞ୍ଜୀବ ଜେନା, ଦେବରାଜ ମିଶ୍ର, ତୀର୍ଥରାଜ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ତ୍ରିଲୋଚନ ରାଉତ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଅଭୟ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବୋହୂ ସୁକାନ୍ତି ବରାଳ, ମିନାକ୍ଷୀ ବରାଳ, ଝିଅ କଲ୍ୟାଣୀ ଜେନା, କବିତା ସାମଲ, ଅଭିପ୍ସା ବରାଳ, ଭିରାଜ ବରାଳ ପ୍ରମୁଖ ତାଙ୍କ ସ୍ମୃତିଚରଣ କରିଥିଲେ। ବଡପୁଅ ବିଜୟ କୁମାର ବରାଳ ଓ ସାନପୁଅ ସଞ୍ଜୟ ବରାଳ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରକୃତି ସବୁବେଳେ ଉତ୍ସାହର ରଙ୍ଗ ପରିଧାନ କରେ।
-ଆର୍ ୱାଲ୍‌ଡୋ ଇମରସନ୍

## କଙ୍ଗାରୁ କୋର୍ଟର ଅନଧିକାର

ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଆମ ଦେଶର ବିଭିନ୍ନ ଅଞ୍ଚଳରେ 'କଙ୍ଗାରୁ କୋର୍ଟ', 'ସାମାଜିକ ବାସନ୍ଦ' ଭଳି କୁପ୍ରଥାମାନ ଚଳିଆସୁଛି। ଶାସନ ପ୍ରଶାସନ ସବୁ ଦେଖି ଶୁଣୁଥିଲେ ମଧ୍ୟ ପ୍ରତିକାର ହୋଇ ନ ପାରିବା ପଛରେ ରହିଛି ଏ ସମ୍ପର୍କିତ ଆଇନର ଅଭାବ। ସୁଖର କଥା ଓଡ଼ିଶା ସରକାର ଏ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। 'ସାମାଜିକ ବାସନ୍ଦ' ଓ 'କଙ୍ଗାରୁ କୋର୍ଟ' ଆଦି ଅଲିଖିତ ବ୍ୟବସ୍ଥା ଓ ମାନସିକତାକୁ ନିରୁତ୍ସାହିତ କରିବା ଲାଗି ଆଇନ ଆଣିବାକୁ ଯାଉଛନ୍ତି। 'ଓଡ଼ିଶା ସାମାଜିକ ବାସନ୍ଦ ପ୍ରତିରୋଧ ଓ ନିଷେଧ ଆଇନ-୨୦୨୬' ନାମରେ ପ୍ରସ୍ତୁତ ଏହି ଚିଠା ଆଇନଟିକୁ ରାଜ୍ୟ ଆଇନ ବିଭାଗ ସବୁଜ ସଙ୍କେତ ଦେଇଥିବା ବେଳେ ଆହୁରି କେତେକ ବିଭାଗର ବିଚାରାଧୀନ ଅଛି। ଆନ୍ତଃବିଭାଗୀୟ ଓ ଆନ୍ତଃକମିଟିର ଅନୁମୋଦନ ପରେ ଏହାକୁ ବିଧାନସଭାରେ ବିଧିବଦ୍ଧ ଭାବେ ଉପସ୍ଥାପନ କରାଯିବ। ଯଦି ଏହା ଆଇନରେ ପରିଣତ ହୁଏ ତେବେ କର୍ଣ୍ଣାଟକ ଓ ମହାରାଷ୍ଟ୍ର ପରେ ଓଡ଼ିଶା ଏ କ୍ଷେତ୍ରରେ ତୃତୀୟ ରାଜ୍ୟର ମାନ୍ୟତା ପାଇବ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନ୍ୟାୟ ପାଇବା ନାଗରିକଙ୍କ ମୌଳିକ ଅଧିକାର। କାହାକୁ ଦୋଷୀ କିମ୍ବା ନିର୍ଦ୍ଦୋଷ ଘୋଷଣା କରିବାର ଅଧିକାର କେବଳ ସମ୍ବିଧାନ ଜନ୍ମିତ ଓ ଆଇନସମ୍ମତ ନ୍ୟାୟାଳୟର। କିନ୍ତୁ କେତେକ ସ୍ଥାନରେ ଆଇନର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ଲୋକମାନେ ନିଜ ହାତକୁ ଆଇନ ନେଇ ନିଜେ ବିଚାର କରି ଦଣ୍ଡବିଧାନ କରୁଛନ୍ତି। ଏହାକୁ ସାଙ୍କେତିକ ଭାଷାରେ 'କାଙ୍ଗାରୁ କୋର୍ଟ' କୁହାଯାଉଛି। ପାରିବାରିକ ବିବାଦ, ପ୍ରେମ ସମ୍ପର୍କ, ଜମିଜମା ବିବାଦ, ସାମାଜିକ ନିୟମ ଉଲ୍ଲଂଘନ କିମ୍ବା ଅନ୍ୟ କୌଣସି ଅଭିଯୋଗରେ ଗାଁର କିଛି ଲୋକ ମିଳିତ ଭାବେ ଜଣେ ବ୍ୟକ୍ତିଙ୍କୁ ସାମାଜିକ ଭାବେ ଦଣ୍ଡିତ, ବାସନ୍ଦ, ଅପମାନିତ କିମ୍ବା ଶାରୀରିକ ନିର୍ଯାତନା ଦେବା ଭଳି ଘଟଣା ପ୍ରାୟତଃ ଗଣମାଧ୍ୟମରେ ପ୍ରକାଶ ପାଉଛି। କେତେକ କ୍ଷେତ୍ରରେ ଏହାର ପରିଣାମ ଅତ୍ୟନ୍ତ ଗମ୍ଭୀର ହେଉଛି। ସବୁଠାରୁ ବିପଜ୍ଜନକ କଥା ହେଉଛି 'କଙ୍ଗାରୁ କୋର୍ଟ'ମାନଙ୍କରେ ଅଭିଯୁକ୍ତଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ମିଳେ ନାହିଁ, ପ୍ରମାଣ ଯାଞ୍ଚ ହୁଏ ନାହିଁ, ସାକ୍ଷୀଙ୍କ ବୟାନର ଆଇନଗତ ମୂଲ୍ୟାୟନ ହୁଏ ନାହିଁ। ଏପରିକି ଅଭିଯୋଗ ସତ କି ମିଛ ତାହା ମଧ୍ୟ ଦେଖାଯାଏ ନାହିଁ। ଗୁଜବ, ସଂଖ୍ୟାଧିକ ଲୋକଙ୍କ ସ୍ୱର ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମତ ହିଁ ଅନେକ ସମୟରେ 'ରାୟ'ର ଆଧାର ହୋଇଯାଏ। ତେଣୁ 'କଙ୍ଗାରୁ କୋର୍ଟ'ରେ ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡିତ ହେଉଥିବାର ଉଦାହରଣ ଅନେକ।

'କଙ୍ଗାରୁ କୋର୍ଟ' ସମ୍ବିଧାନ ପ୍ରଦତ୍ତ ମାନବାଧିକାର ଓ ଆଇନର ଶାସନ ପ୍ରତି ଏକ ଦୃଢ଼ ଆହ୍ୱାନ। ତେଣୁ 'କଙ୍ଗାରୁ କୋର୍ଟ'ମାନଙ୍କର ସଂଖ୍ୟା ବଢ଼ିଚାଲିଲେ ଦେଶର ସମ୍ବିଧାନ, ଆଇନ କାନୁନ, ବିଚାର ବ୍ୟବସ୍ଥା ପ୍ରତି ସମାଜର ଆସ୍ଥା ଓ ବିଶ୍ୱାସ ଦୁର୍ବଳ ହେବା ସ୍ୱାଭାବିକ। କାଳକ୍ରମେ ଏହା ଅରାଜକତାକୁ ଜନ୍ମ ଦେବା ଅସମ୍ଭବ ନୁହେଁ। ପ୍ରାଚୀନ ଭାରତରୁ ଅଦ୍ୟାବଧି ଗାଁର କଳି ଗାଁରେ ତୁଟାଇବା ଲକ୍ଷ୍ୟରେ ମୁରବିସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ 'ପଞ୍ଚ' ଗଠନ ହୋଇଛି। ଅନେକାଂଶ ଛୋଟମୋଟ ଆପତ୍ତି ଅଭିଯୋଗ ଓ ସମସ୍ୟାର ସମାଧାନ ଏହିଠାରେ ହିଁ ହୁଏ। ଏହା ଏକ ଅନୌପଚାରିକ ବିଚାରବ୍ୟବସ୍ଥା ଭାବେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଆଧାରରେ ଚାଲିଆସିଛି। କିନ୍ତୁ ଯେପର୍ଯ୍ୟନ୍ତ ତାହା ସ୍ୱଚ୍ଛ ନିରପେକ୍ଷ ମଧ୍ୟସ୍ଥତା ଓ ଆଇନସମ୍ମତ ସୀମା ମଧ୍ୟରେ ରହିବ କାହାର ଆପତ୍ତି କରିବାର ନାହିଁ। ମାଡ଼ ମାରିବା, ଜରିମାନାରେ ଦଣ୍ଡିତ କରିବା, ଗାଁରୁ କିମ୍ବା ଗାଁରେ ନିଆଁ ପାଣି ବାସନ୍ଦ କରିବା, ସମ୍ମାନ ହାନି କରିବା ଓ ମୌଳିକ ଅଧିକାର ଛଡ଼ାଇ ନେବାର ଅଧିକାର କୌଣସି ଅନୌପଚାରିକ ବ୍ୟବସ୍ଥାର ନାହିଁ।

'କଙ୍ଗାରୁ କୋର୍ଟ' ଭଳି ଘଟଣାକୁ 'ଗାଁର ଭିତରକଥା' କିମ୍ବା 'ସାମାଜିକ ବିବାଦ' କହି ଶାସନ ଓ ପ୍ରଶାସନ ଅଣଦେଖା କରିବା ଉଚିତ ନୁହେଁ। ଅଭିଯୋଗ ମିଳିଲେ ନିରପେକ୍ଷ ତଦନ୍ତ, ପୀଡ଼ିତଙ୍କ ସୁରକ୍ଷା ଏବଂ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ଦରକାର। କିନ୍ତୁ ଏଥିରେ ଯେଉଁ ଆଇନଗତ ଦିଗଟିର ଅନୁପସ୍ଥିତି ରହୁଛି ତାହା ପ୍ରଥମେ ଦୂର ହେବା ଦରକାର। ଏହି ଦୃଷ୍ଟିରୁ ଓଡ଼ିଶା ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ। ଆଇନର ଭୟ ଓ ଆଇନ ଉପରେ ଆସ୍ଥା ରହିଲେ 'କଙ୍ଗାରୁ କୋର୍ଟ' ଭଳି ମାନସିକତାକୁ ନିରୁତ୍ସାହିତ କରାଯାଇପାରିବ। ଓଡ଼ିଶାର ସାମାଜିକ ପରମ୍ପରାରେ ଗଣ-ସମର୍ଥନ ଓ ଗଣ-ସହଯୋଗର ପ୍ରମୁଖ ଭୂମିକା ରହିଛି। କିନ୍ତୁ ଗଣ ଯଦି ନ୍ୟାୟ ବାଟରେ ନ ଯାଇ ଆଇନକୁ ଅଣଦେଖା କରେ, ସେତେବେଳେ ତାହା ସମାଜ ପାଇଁ ବିପଦର କାରଣ ହୁଏ। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଓ ରାୟଗଡ଼ା ଜିଲ୍ଲାରେ କିଛିମାସ ପୂର୍ବେ ଘଟିଥିବା ଭିଡ଼ ହିଂସାର ପରିଣତି ଏହାର ଉଦାହରଣ।

ଏଠାରେ ଆଉ ଏକ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। କେବଳ ଆଇନ ପ୍ରଣୟନ କରିଦେଲେ 'କଙ୍ଗାରୁ କୋର୍ଟ'କୁ ନିରୁତ୍ସାହିତ କରାଯାଇପାରିବ ନାହିଁ। ଗୁଣିଗାରେଡ଼ି ଓ ଡାହାଣୀ ହତ୍ୟା ନିଷେଧ ଆଇନକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଓଡ଼ିଶାରେ ୨୦୧୩ରେ ଏହି ଆଇନ ପ୍ରଣୟନ ସତ୍ତ୍ୱେ ଗୁଣିଗାରେଡ଼ି ବା ଡାହାଣୀ ହତ୍ୟା ନିୟନ୍ତ୍ରଣରେ ଆଶାନୁରୂପ ସଫଳତା ମିଳିପାରିନାହିଁ। ବିଶେଷ କରି ଗୁଣିଗାରେଡ଼ି ଓ ଡାହାଣୀ ଅଭିଯୋଗ ଘଟଣାମାନଙ୍କରେ 'କଙ୍ଗାରୁ କୋର୍ଟ'ର ପ୍ରାବଲ୍ୟ ଅଧିକ। ତେଣୁ ଏ କ୍ଷେତ୍ରରେ ସାମାଜିକ ସଚେତନତାର ଭୂମିକା ଆସୁଛି। ନାଗରିକମାନେ ବୁଝିବା ଦରକାର ଯେ ଅଭିଯୋଗ ଓ ଅପରାଧ ଏବଂ ସନ୍ଦେହ ଓ ଦୋଷ ଭିତରେ ଅନେକ ତଫାତ ରହିଛି। ନ୍ୟାୟ ଦେବାର ଅଧିକାର 'ଭିଡ଼' ବା 'ଗଣ'ର ନୁହେଁ, ଏହି ଅଧିକାର ଆଇନର। ତେଣୁ ଆଇନ ପ୍ରଣୟନ ସହିତ ସଚେତନତା ଅଭିଯାନ ମଧ୍ୟ ସମାନ ଗତିରେ କାର୍ଯ୍ୟାନ୍ୱୟନ ହେବା ଆବଶ୍ୟକ।

## ଦାରିଦ୍ର୍ୟମୁକ୍ତ ଭାରତ: ସହାୟତାରୁ ସଶକ୍ତୀକରଣ

**ବିଦ୍ୟାଧର ମହାରଣା**

ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉଛି। ଦ୍ରୁତ ଆର୍ଥିକ ବିକାଶ, ଡିଜିଟାଲ ବିପ୍ଳବ, ଭିତ୍ତିଭୂମିର ବିସ୍ତାର, ଶିଳ୍ପାୟନ ଓ ନୂତନ ପ୍ରଯୁକ୍ତି ଭାରତର ବିକାଶ ଯାତ୍ରାକୁ ନୂଆ ଗତି ଓ ଶକ୍ତି ଦେଇଛି। କିନ୍ତୁ ଏହି ବିକାଶର ବାସ୍ତବ ସଫଳତା ପ୍ରମାଣିତ ହେବ, ଯେତେବେଳେ ଦେଶର ସବୁଠାରୁ ଦୁର୍ବଳ ଓ ଅବହେଳିତ ନାଗରିକ ମଧ୍ୟ ଏକ ସମ୍ମାନଜନକ ଜୀବନଯାପନ କରିପାରିବ। ତେଣୁ ଦାରିଦ୍ର୍ୟ ଦୂରୀକରଣ କେବଳ ଏକ ସରକାରୀ ଯୋଜନା ନୁହେଁ; ଏହା ବିକାଶ ମଡେଲର ସବୁଠାରୁ ବଡ଼ ପରୀକ୍ଷା।

ଆମ ଦେଶରେ ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ (୧୯୭୪-୧୯୭୮) 'ଗରିବୀ ହଟାଓ' ପାଇଁ ଉଦ୍ୟମ କରାଯାଇଥିଲା। ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ 'ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ' ଗ୍ରହଣ କରାଯାଇଥିଲା। ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଆମ ଦେଶ ଦାରିଦ୍ର୍ୟ ହ୍ରାସରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ନିତି ଆୟୋଗର ଆକଳନ ଅନୁସାରେ, ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ବହୁମାତ୍ରିକ ଦାରିଦ୍ର୍ୟର ହାର ୨୯.୧୭%ରୁ ୧୧.୨୮%କୁ ହ୍ରାସ ପାଇଛି ଏବଂ ପ୍ରାୟ ୨୪.୮୨ କୋଟି ଲୋକ ବହୁମାତ୍ରିକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଦେଶର ୮୧.୩୫ କୋଟି ଲୋକ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଓ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ମାଗଣାରେ ରାସନ ପାଉଛନ୍ତି। ଏଣୁ ଏହି ସଫଳତା ଆତ୍ମସନ୍ତୁଷ୍ଟି ଦେଉଥିଲେ ମଧ୍ୟ ବାସ୍ତବବାଦୀ ହୋଇପାରୁନାହିଁ।

ଦାରିଦ୍ର୍ୟ କେବଳ ଖାଦ୍ୟ କିମ୍ବା ଆୟର ଅଭାବ ନୁହେଁ। ଗୁଣାତ୍ମକ ଶିକ୍ଷାର ଅଭାବ, ସ୍ୱାସ୍ଥ୍ୟସେବାର ଅନୁପଲବ୍ଧତା, ନିରାପଦ ଆବାସର ଅଭାବ, ପରିଷ୍କାର ପାନୀୟଜଳ ଓ ପରିମଳର ଅଭାବ, ବେକାରି, ଅନିଶ୍ଚିତ ରୋଜଗାର ଏବଂ ସାମାଜିକ ସୁରକ୍ଷାର ଅଭାବ ମଧ୍ୟ ଦାରିଦ୍ର୍ୟର ଅଂଶ। ଅର୍ଥାତ୍ ଦାରିଦ୍ର୍ୟ ଏକ ବହୁମାତ୍ରିକ ସମସ୍ୟା ଏବଂ ଏହାର ସମାଧାନ ମଧ୍ୟ ବହୁମୁଖୀ ହେବା ଆବଶ୍ୟକ। ବିଶ୍ୱବ୍ୟାଙ୍କ ନିମ୍ନ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, ନିରାପଦ ପାନୀୟ ଜଳ, ବିଜୁଳି ଓ ସ୍ୱଚ୍ଛତା ଅଭାବ ଏବଂ ଦୈହିକ ନିରାପତ୍ତା ଓ ସୁଯୋଗ ପ୍ରାପ୍ତିକୁ ଦାରିଦ୍ର୍ୟର କାରଣ ବୋଲି ପ୍ରକାଶ କରିଛନ୍ତି। ମୁଣ୍ଡପିଛା ଦୈନିକ ରୋଜଗାର ତିନି ଡଲାରରୁ କମ୍ ହେଲେ ତାହାକୁ ଚରମ ଦାରିଦ୍ର୍ୟ କୁହାଯିବ। ନିମ୍ନ-ମଧ୍ୟବିତ୍ତ କ୍ଷେତ୍ରରେ ଦୈନିକ ମୁଣ୍ଡପିଛା ରୋଜଗାର ୪.୨୦ ଡଲାର ଓ ମଧ୍ୟବିତ୍ତ କ୍ଷେତ୍ରରେ ଏହା ୮.୩ ଡଲାର ହେବା ଆବଶ୍ୟକ। ବିଶ୍ୱବ୍ୟାଙ୍କର ସାମ୍ପ୍ରତିକ ଆକଳନ ଭାରତର ଦାରିଦ୍ର୍ୟ ହ୍ରାସର ଉଲ୍ଲେଖନୀୟ ଚିତ୍ର ଦେଖାଉଛି। ୨୦୨୧ ତତ୍ତୁଲ୍ୟ କ୍ରୟଶକ୍ତି ଆଧାରିତ ନିମ୍ନ-ମଧ୍ୟମ ଆୟ ଦେଶ ପାଇଁ ପ୍ରଯୁଜ୍ୟ ଦୈନିକ ୪.୨୦ ଡଲାର ଦାରିଦ୍ର୍ୟ ସୀମାରେ ଭାରତର ଦାରିଦ୍ର୍ୟ ହାର ୨୦୧୧-୧୨ର ୫୭.୭%ରୁ ୨୦୨୩-୨୪ରେ ପ୍ରାୟ ୧୬.୧%କୁ ହ୍ରାସ ପାଇଥିବା ଆକଳନ କରାଯାଇଛି। ତଥାପି ଏହାର ଅର୍ଥ ଏନୁହେଁ ଯେ ଦାରିଦ୍ର୍ୟର ସମସ୍ୟା ଶେଷ ହୋଇଗଲା। ଏବେ ଆହ୍ୱାନ ହେଉଛି ଦାରିଦ୍ର୍ୟରୁ ବାହାରିଥିବା ପରିବାରଗୁଡ଼ିକୁ ପୁଣି ଦାରିଦ୍ର୍ୟକୁ ଫେରିଯିବାରୁ ରୋକିବା।

ଏଥିପାଇଁ ପ୍ରଥମ ଆବଶ୍ୟକତା ହେଉଛି ରୋଜଗାର ସୃଷ୍ଟି। ଦୀର୍ଘସ୍ଥାୟୀ ଦାରିଦ୍ର୍ୟ ଦୂରୀକରଣର ସବୁଠାରୁ ଶକ୍ତିଶାଳୀ ଉପାୟ ହେଉଛି ନିରନ୍ତର ଓ ସମ୍ମାନଜନକ ଆୟର ସୁଯୋଗ। ମାଗଣା ସୁବିଧା ଜଣେ ଗରିବଙ୍କୁ କିଛି ସମୟ ପାଇଁ ସୁରକ୍ଷା ଦେଇପାରେ; କିନ୍ତୁ ସ୍ଥାୟୀ ଚାକିରି କିମ୍ବା ଜୀବିକା ତାଙ୍କୁ ଆତ୍ମନିର୍ଭର କରେ। ତେଣୁ ଶ୍ରମନିର୍ଭର ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ନିର୍ମାଣ, ସେବା କ୍ଷେତ୍ର ଓ ଗ୍ରାମୀଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହନ ଦେବା ଦରକାର। ଏହି ପରିପ୍ରେକ୍ଷୀରେ ଯୁବପିଢ଼ି ସବୁଠାରୁ ବଡ଼ ସମ୍ପଦ। ଭାରତର ବିଶାଳ ଯୁବଜନସଂଖ୍ୟାକୁ ଯଦି ଆଧୁନିକ ଦକ୍ଷତା, ବୃତ୍ତିମୂଳକ ଶିକ୍ଷା ଓ ଉଦ୍ୟୋଗିତାର ସୁଯୋଗ ମିଳେ, ତେବେ ଦାରିଦ୍ର୍ୟ ହ୍ରାସ ସହିତ ଦେଶର ଉତ୍ପାଦନଶୀଳତା ମଧ୍ୟ ବଢ଼ିବ। ଏଠାରେ କେବଳ ଚାକିରି ଖୋଜୁଥିବା ଯୁବକ ନୁହେଁ, ଚାକିରି ସୃଷ୍ଟି କରୁଥିବା ଯୁବ ଉଦ୍ୟୋଗୀ ତିଆରି କରିବା ଦରକାର।

କୃଷିର ପୁନରୁତ୍ଥାନ ମଧ୍ୟ ଦାରିଦ୍ର୍ୟ ନିରାକରଣର ଅବିଚ୍ଛିନ୍ନ ଅଂଶ। ଦେଶର ଅନେକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅନିଶ୍ଚିତ ଆୟ ଉପରେ ନିର୍ଭର କରନ୍ତି। ଉତ୍ପାଦନ ବଢ଼ାଇବା ସହିତ ଚାଷୀଙ୍କୁ ବଜାର, ଗୋଦାମ, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ଓ ମୂଲ୍ୟ ସଂଯୋଜନ ସହିତ ଯୋଡ଼ିବା ଦରକାର। କୃଷିକୁ କେବଳ ଚାଷରେ ସୀମିତ ନରଖି ପଶୁପାଳନ, ମତ୍ସ୍ୟଚାଷ, ଉଦ୍ୟାନକୃଷି, ଖାଦ୍ୟ ପ୍ରକ୍ରିୟାକରଣ ଓ ଗ୍ରାମୀଣ ଉଦ୍ୟୋଗ ସହିତ ଯୋଡ଼ିଲେ ଗ୍ରାମୀଣ ଆୟ ବଢ଼ିପାରିବ। ଶିକ୍ଷା ହେଉଛି ଦାରିଦ୍ର୍ୟ-ଚକ୍ର ଭାଙ୍ଗିବାର ସବୁଠାରୁ ଦୀର୍ଘସ୍ଥାୟୀ ଅସ୍ତ୍ର। ଗରିବ ପରିବାରର ଶିଶୁ ଯଦି ଭଲ ଶିକ୍ଷା ପାଏ, ତାହାର ଭବିଷ୍ୟତ ବଦଳିଯାଇପାରେ। ତେଣୁ ଶିକ୍ଷାରେ କେବଳ ଭର୍ତ୍ତି ହାର ନୁହେଁ, ଗୁଣାତ୍ମକ ଶିକ୍ଷା, ଶିକ୍ଷକଙ୍କ ଉପଲବ୍ଧତା, ଡିଜିଟାଲ ସୁବିଧା, ପୁଷ୍ଟି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ସ୍ୱାସ୍ଥ୍ୟ ଖର୍ଚ୍ଚ ଯେପରି ଗରିବ ପରିବାରକୁ ପୁଣି ଦାରିଦ୍ର୍ୟକୁ ଠେଲି ନଦିଏ, ତାହା ନିଶ୍ଚିତ କରିବା ଆବଶ୍ୟକ। ପ୍ରାଥମିକ ସ୍ୱାସ୍ଥ୍ୟସେବା, ମାତୃ-ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି, ଶସ୍ତା ଔଷଧ ଓ ସ୍ୱାସ୍ଥ୍ୟ ବୀମାର ପ୍ରଭାବଶାଳୀ ପହଞ୍ଚ ଏଥିପାଇଁ ଜରୁରୀ। ଦାରିଦ୍ର୍ୟ ନିରାକରଣରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର। ସ୍ୱୟଂସହାୟକ ଗୋଷ୍ଠୀ, କ୍ଷୁଦ୍ର ଉଦ୍ୟୋଗ, ଦକ୍ଷତା ବିକାଶ, ସହଜ ଋଣ ଓ ବଜାର ସଂଯୋଗ ମାଧ୍ୟମରେ ମହିଳାଙ୍କ ଆୟ ବଢ଼ିଲେ ତାହାର ସିଧାସଳଖ ପ୍ରଭାବ ପରିବାରର ଶିକ୍ଷା, ପୁଷ୍ଟି ଓ ସ୍ୱାସ୍ଥ୍ୟ ଉପରେ ପଡ଼େ। ଏହାସହିତ ସାମାଜିକ ସୁରକ୍ଷାର ଭୂମିକାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ଖାଦ୍ୟ ସୁରକ୍ଷା, ରୋଜଗାର ଗ୍ୟାରେଣ୍ଟି, ପେନସନ୍, ଆବାସ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ବ୍ୟବସ୍ଥା ଅସୁରକ୍ଷିତ ପରିବାରକୁ ଆକସ୍ମିକ ଆର୍ଥିକ ଝଟକାରୁ ସୁରକ୍ଷା ଦେଇଥାଏ। ବିଶ୍ୱବ୍ୟାଙ୍କ ଦାରିଦ୍ର୍ୟରୁ ସ୍ଥାୟୀ ଭାବେ ମୁକୁଳିବା ପାଇଁ ସାମାଜିକ ସୁରକ୍ଷା ସହିତ ରୋଜଗାର ଓ ଦକ୍ଷତାକୁ ଯୋଡ଼ିବାର ଆବଶ୍ୟକତା ଉପରେ ଜୋର ଦେଇଛି।

ସରକାରୀ ଯୋଜନାର ସଂଖ୍ୟା ବଢ଼ିବା ହିଁ ସଫଳତାର ମାପକ ନୁହେଁ। ପ୍ରଶ୍ନ ହେଉଛି - ଯୋଜନାର ପ୍ରକୃତ ଲାଭ କାହା ପାଖରେ ପହଞ୍ଚୁଛି? ଯୋଗ୍ୟ ବ୍ୟକ୍ତି ଯଦି କାଗଜପତ୍ର, ସୂଚନା ଅଭାବ କିମ୍ବା ପ୍ରଶାସନିକ ଜଟିଳତା ଯୋଗୁଁ ଲାଭରୁ ବଞ୍ଚିତ ହୁଅନ୍ତି, ତେବେ ଯୋଜନାର ଉଦ୍ଦେଶ୍ୟ ବିଫଳ ହୋଇଥାଏ। ତେଣୁ ପାରଦର୍ଶିତା, ସାମାଜିକ ଅଡିଟ୍, ଡିଜିଟାଲ ନିରୀକ୍ଷଣ ଓ ଜବାବଦେହିତାକୁ ଆହୁରି ଶକ୍ତିଶାଳୀ କରିବା ଆବଶ୍ୟକ। ଆଉ ଏକ ବଡ଼ ଆହ୍ୱାନ ହେଉଛି ଜଳବାୟୁ ପରିବର୍ତ୍ତନ। ବନ୍ୟା, ବାତ୍ୟା, ମରୁଡ଼ି, ଅତ୍ୟଧିକ ତାପମାତ୍ରା ଓ ଅନିୟମିତ ବର୍ଷା ଗରିବ ପରିବାରକୁ ଅଧିକ ପ୍ରଭାବିତ କରେ। ବିଶେଷତଃ କୃଷକ, ଦିନମଜୁରିଆ ଓ ଅନୌପଚାରିକ ଶ୍ରମିକମାନେ ଏହି ଝଟକାର ସମ୍ମୁଖୀନ ହୁଅନ୍ତି। ତେଣୁ ଦାରିଦ୍ର୍ୟ ନିରାକରଣ ନୀତି ସହିତ ଜଳବାୟୁ-ସହନଶୀଳ ବିକାଶକୁ ଯୋଡ଼ିବା ଆଜିର ଅନିବାର୍ଯ୍ୟତା।

ଭାରତର ଦାରିଦ୍ର୍ୟ ଦୂରୀକରଣର ଆଗାମୀ ପର୍ଯ୍ୟାୟରେ ଆମକୁ ଏକ ମୂଳ ପରିବର୍ତ୍ତନ ଆଣିବାକୁ ହେବ। ଏହା ହେବା ଦରକାର ସହାୟତାରୁ ସଶକ୍ତୀକରଣ। ଗରିବଙ୍କୁ କେବଳ ସହାୟତା ଦେଇ ରଖିବା ନୁହେଁ; ତାଙ୍କୁ ଏପରି ସୁଯୋଗ ଦେବା ଦରକାର, ଯାହା ମାଧ୍ୟମରେ ସେ ନିଜେ ଆୟ ସୃଷ୍ଟି କରିପାରିବେ, ନିଜ ପରିବାରକୁ ଆଗକୁ ନେଇପାରିବେ ଏବଂ ଆତ୍ମନିର୍ଭର ହୋଇପାରିବେ। 'ଦାରିଦ୍ର୍ୟମୁକ୍ତ ଭାରତ' କେବଳ ଏକ ସରକାରୀ ଲକ୍ଷ୍ୟ ନୁହେଁ; ଏହା ଏକ ଜାତୀୟ ସଙ୍କଳ୍ପ। ଅର୍ଥନୀତିର ବୃଦ୍ଧି ସେତେବେଳେ ଅର୍ଥପୂର୍ଣ୍ଣ, ଯେତେବେଳେ ତାହାର ଲାଭ ସମାଜର ଶେଷଧାଡ଼ିର ଲୋକଙ୍କ ପାଖରେ ପହଞ୍ଚେ। ଭାରତକୁ ଯଦି ବାସ୍ତବରେ ଏକ ସମୃଦ୍ଧ, ସମାନତାଭିତ୍ତିକ ଓ ନ୍ୟାୟସଙ୍ଗତ ରାଷ୍ଟ୍ରରେ ପରିଣତ କରିବାକୁ ହୁଏ, ତେବେ ଦାରିଦ୍ର୍ୟ ଦୂରୀକରଣକୁ ବିକାଶ ନୀତିର କେନ୍ଦ୍ରବିନ୍ଦୁରେ ରଖିବାକୁ ହେବ। ଗରିବଙ୍କୁ କେବଳ ବଞ୍ଚିବାର ସହାୟତା ନୁହେଁ, ଆଗକୁ ବଢ଼ିବାର ସୁଯୋଗ ଦେବା - ଏହା ହେଉ ଦାରିଦ୍ର୍ୟମୁକ୍ତ ଭାରତ ଗଠନର ପ୍ରକୃତ ମନ୍ତ୍ର।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ଏବେ ଆମେ କେଉଁଠି?

**ଅନନ୍ତ ସାହୁ**

୭୯ ବର୍ଷର ସ୍ୱାଧୀନତା ପରେ ଆମେ ଯଦି ନିଜକୁ ଖୋଜିବା ତେବେ ପ୍ରଶ୍ନ ଆସିବ ଆମେ କେଉଁଥିରେ ସ୍ୱାଧୀନ? ୧୯୪୭ ମସିହାରେ ଦେଶର ଜିଡିପି ପ୍ରାୟ ୨.୭ ଲକ୍ଷ କୋଟି ଟଙ୍କାରୁ ଆସି ୨୦୨୬ ରେ ୩୪୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମୁଣ୍ଡପିଛା ଆୟ ବାର୍ଷିକ ୨୬୫ ଟଙ୍କାରୁ ଆସି ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଛି। ଦେଶର ବଜେଟ୍ ୧୯୭.୩୯ କୋଟି ଟଙ୍କାରୁ ଆସି ୫୩.୪୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏସବୁ ମଧ୍ୟରେ ଦେଶ ୫ ଟ୍ରିଲିୟନ୍ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି। ଭିନ୍ନ ଦିଗକୁ ଲକ୍ଷ୍ୟ କଲେ ଦେଶ ଋଣଗ୍ରସ୍ତ ଓ ଭାରାକ୍ରାନ୍ତ ଲାଗୁଛି। ୧୯୪୮- ୪୯ ମସିହାରେ ଦେଶର ଋଣଭାର ୧.୭୯୫ କୋଟି ଟଙ୍କା ଥିଲା। ବର୍ତ୍ତମାନ ଏହା ୨୦୦.୫୩ ଲକ୍ଷ କୋଟି ଟଙ୍କାରେ ପହଁଚିଛି। ମୁଣ୍ଡପିଛା ଋଣ ଭାର ୫୫ ଟଙ୍କାରୁ ୧.୩୭ ଲକ୍ଷ ଟଙ୍କାକୁ ଛୁଇଁଛି, ଯାହା ପ୍ରାୟ ୨୬୦୦ ଗୁଣ ଅଧିକ।

ବିଶ୍ୱ ଅସମାନତା ରିପୋର୍ଟ ଅନୁସାରେ ଭାରତରେ ଅର୍ଥନୈତିକ ଅସମାନତା ଅଧିକ। ଏହା ଦେଶରେ ଧନୀ-ଗରିବ ଭେଦଭାବକୁ ଦର୍ଶାଉଛି। ତଥ୍ୟ ଅନୁସାରେ ଦେଶର ମୋଟ ସମ୍ପତ୍ତିର ୬୫ ପ୍ରତିଶତ କେବଳ ୧୦ ପ୍ରତିଶତ ଧନୀ ବ୍ୟକ୍ତିଙ୍କ ପାଖରେ ଏବଂ ଏଥିମଧ୍ୟରୁ ସବୁଠାରୁ ଧନୀ ୧ ପ୍ରତିଶତ ଲୋକ ପ୍ରାୟ ୪୦ ପ୍ରତିଶତ ସମ୍ପତ୍ତିର ମାଲିକ। ତଳସ୍ତରରେ ଥିବା ୫୦ ପ୍ରତିଶତ ବ୍ୟକ୍ତିଙ୍କ ପାଖରେ ମାତ୍ର ୩ ରୁ ୬ ପ୍ରତିଶତ ସମ୍ପତ୍ତି। ଅନ୍ୟପଟେ ଅନ୍ତଃରାଷ୍ଟ୍ରୀୟ ମୁଦ୍ରାବଜାରକୁ ହିସାବ କଲେ ଦେଶ ସ୍ୱାଧୀନ ହେବା ବେଳେ ଯୁକ୍ତରାଷ୍ଟ୍ର ଆମେରିକାର ୧ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୩.୩୦ ଟଙ୍କା ଥିଲା, ଯାହା ବର୍ତ୍ତମାନ ୯୬ .୦୦ ଟଙ୍କା ଛୁଇଁଲାଣି। ସେହିଭଳି ୟୁନାଇଟେଡ କିଙ୍ଗଡମର ୧ ପାଉଣ୍ଡ ତୁଳନାରେ ଭାରତୀୟ ମୁଦ୍ରା ୧୩.୩୦ ଟଙ୍କା ଥିବା ବେଳେ ତାହା ଏବେ ୧୨୯.୫୮ ଟଙ୍କାରେ ପହଞ୍ଚିଲାଣି।




ସେହିପରି ଆମ ଶିକ୍ଷା ବ୍ୟବସ୍ଥାରେ କେ.ଜି ରୁ ପିଜି ପର୍ଯ୍ୟନ୍ତ କେବଳ 'ପାଠପଢ଼, ମୁଖସ୍ଥ କର, ପରୀକ୍ଷା ଦିଅ, ନମ୍ବରପାଅ' ରେ ସୀମିତ। ଏଥିରେ ସୀମିତ ନରହି ଆମକୁ 'ପାଠପଢ଼, ବୁଝ, ପ୍ରଶ୍ନ କର, ତର୍କ କର, ପ୍ରୟୋଗକର, ସମସ୍ୟାର ସମାଧାନ କର' ଦିଗରେ ବଢ଼ିବାକୁ ପଡ଼ିବ। ଦେଶରେ ଶିକ୍ଷକ ଅଭାବ। ଡ୍ରପଆଉଟ ହାର ବଢ଼ୁଛି। ଛାତ୍ରମାନେ କେବଳ ଡିଗ୍ରୀରେ ସୀମିତ। ଡିଗ୍ରୀ ଅଛି, କିନ୍ତୁ ଦକ୍ଷତା ନାହିଁ। ନିଯୁକ୍ତି ନାହିଁ। ଅନ୍ୟପଟେ ଦେଶରେ ମାଳମାଳ ପ୍ରଶ୍ନପତ୍ର ଲିକ୍। ପଢ଼ା ବହିରେ ତ୍ରୁଟି। ଛାତ୍ରମାନଙ୍କ ଉପରେ ଅମାନୁଷିକ ଭାବେ ଲାଠିମାଡ଼, ପାଣି ମାଡ଼, ବର୍ବର ନିର୍ଯାତନା, ଯାହା ଏକ ସ୍ୱାଧୀନ ରାଷ୍ଟ୍ର ପାଇଁ ନିନ୍ଦନୀୟ ଘଟଣା। ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ - 'ୟୁଡାଇଜ୍ ପ୍ଲସ୍ - ୨୦୨୪-୨୫' ତଥ୍ୟ ଅନୁସାରେ ଦେଶରେ ୧,୦୪,୧୨୫ ଟି ବିଦ୍ୟାଳୟ ମାତ୍ର ଜଣେ ଲେଖାଏଁ ଶିକ୍ଷକଙ୍କ ଉପରେ ନିର୍ଭର କରୁଛି। ଅନ୍ୟପଟେ ଦେଶରେ ୬ ରୁ ୧୭ ବର୍ଷ ବୟସର ୪.୬୦ କୋଟି ପିଲା ବିଦ୍ୟାଳୟ ବାହାରେ।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ସଂସଦରେ ଦିଆଯାଇଥିବା ତଥ୍ୟ ଅନୁସାରେ ଦେଶରେ ୮୧୧ ଜଣ ରୋଗୀ ପାଇଁ ଜଣେ ଡାକ୍ତର ଅଛନ୍ତି। ୨୦୨୫ ରେ ପ୍ରକାଶିତ 'ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ରିପୋର୍ଟ' ଅନୁସାରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତ ୧୦୦ ରୁ ୩୯ ସ୍କୋର ସହ ୧୮୨ ଦେଶ ମଧ୍ୟରେ ୯୧ ତମ ସ୍ଥାନରେ ଅଛି। ଏହାବାଦ ବୈଦେଶିକ ମନ୍ତ୍ରାଳୟ ଦ୍ୱାରା ସଂସଦରେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ବର୍ଷକୁ ପ୍ରାୟ ୨ ଲକ୍ଷରୁ ଅଧିକ ଭାରତୀୟ ଦେଶର ନାଗରିକତ୍ୱ ଛାଡ଼ି ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରୁଛନ୍ତି। ଏଥିରେ ଅଧିକାଂଶ ଭାରତୀୟ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ବ୍ରିଟେନ ଭଳି ଦେଶକୁ ପସନ୍ଦ କରୁଛନ୍ତି। ଏହାର କାରଣ ହେଉଛି - ଉନ୍ନତ ଶିକ୍ଷା, ଭଲ ଚାକିରି, ବ୍ୟବସାୟିକ ସୁଯୋଗ, ଜୀବନର ସ୍ଥାୟୀ ସୁରକ୍ଷା। ବିଶ୍ୱ କ୍ଷୁଧା ସୂଚକାଙ୍କ ୨୦୨୫ରେ ୧୨୩ ଟି ଦେଶ ମଧ୍ୟରୁ ୧୦୨ ତମ ସ୍ଥାନରେ ଆମେ ଅଛୁ। ୨୦୨୬ ରେ ପ୍ରକାଶିତ 'ବିଶ୍ୱ ଖୁସି ସୂଚକାଙ୍କ'ରେ ୧୪୭ ଦେଶ ମଧ୍ୟରୁ ୧୧୬ ତମ ସ୍ଥାନରେ ଭାରତ ରହିଛି। ସେହିଭଳି ପରିବେଶ ପ୍ରଦର୍ଶନ ସୂଚକାଙ୍କ ୨୦୨୬ ରେ ୧୭୭ ଦେଶ ମଧ୍ୟରୁ ଆମ ଦେଶ ୧୭୬ ତମ ସ୍ଥାନରେ ଅଛି। ସଦ୍ୟପ୍ରକାଶିତ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ୧୮୦ ଦେଶ ମଧ୍ୟରୁ ଭାରତ ୧୫୭ ତମ ସ୍ଥାନରେ ଅଛି। ସବୁଠାରୁ ବିଡ଼ମ୍ବନାର ବିଷୟ ଏହିସବୁ ତାଲିକାରେ ଆମ ପଡ଼ୋଶୀ ରାଷ୍ଟ୍ର - ଶ୍ରୀଲଙ୍କା, ନେପାଳ, ଭୁଟାନ୍, ମିଆଁମାର ଏବଂ ବହୁ ଛୋଟ ଛୋଟ ଦେଶ ଭାରତ ଉପରେ ଅଛନ୍ତି।

ଏବେବି ଗାଁ ଗାଁ ରେ ଜାତିଭେଦ, କଙ୍ଗାରୁ କୋର୍ଟ ପରି ଘୃଣ୍ୟ ପ୍ରଥା ପ୍ରଚଳିତ। ସମାଜରେ ସାମ୍ପ୍ରଦାୟିକ ହିଂସା ଏବେ ବି ବଳବତ୍ତର। ଏବେବି ଦେଶରେ ନାଗରିକମାନଙ୍କର ଦାୟିତ୍ୱବୋଧର ଅଭାବ। ସମୟଜ୍ଞାନର ଅଭାବ। ଚାରିଆଡ଼େ ନଦୀ, ନାଳ, ପୋଖରୀ ପ୍ରଦୂଷିତ। ଗ୍ରହଣ କରୁଥିବା ପବନ ମଧ୍ୟ ପ୍ରଦୂଷିତ। ଚାରିଆଡ଼େ ଗଛ ଜଙ୍ଗଲ କଟା ଚାଲିଛି। ଏ ସବୁ ଦେଖିଲେ କେଉଁଠି ନା କେଉଁଠି ଏକ ପ୍ରଶ୍ନ ଉଠୁଛି ଆମେ କ'ଣ ଏଥିପାଇଁ ସ୍ୱାଧୀନତା ପାଇଛେ? କ'ଣ ଆମେ ସ୍ୱାଧୀନତାର ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିଛେ? ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୪୭ ମସିହା ସୁଦ୍ଧା ଯେଉଁ ବିକଶିତ ଭାରତ ଗଢ଼ି ତୋଳିବା ଦିଗରେ ଅଗ୍ରସର ହେଉଛେ ତାହା ବାସ୍ତବରେ ପରିଣତ ହେବ ତ? ହେ ସଭ୍ୟ ସମାଜର ନାଗରିକମାନେ! ସମୟ ଥାଉ ଥାଉ ସଚେତନ ହୋଇ ସୁଧାରି ହେବାକୁ ପଡ଼ିବ। ନଚେତ୍ ସବୁଥାଇ ଆମକୁ ଗୋଲାମ ପରି ଜୀବନ ବଞ୍ଚିବାକୁ ପଡ଼ିବ।

ଇଟାମାଟି(ନୟାଗଡ଼),
ମୋ:୬୩୭୨୫୯୪୦୪୧

## କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...

କଳିଙ୍ଗ ଓ ସିଂହଳର ରାଜପରିବାରଗୁଡ଼ିକ ମଧ୍ୟରେ ଥିବା ଏହି ସମ୍ପର୍କର ପ୍ରଭାବ ନିଶ୍ଚିତ ଭାବେ ଏହି ଦୁଇ ଅଞ୍ଚଳର ସାମାଜିକ ଓ ଧାର୍ମିକ ଜୀବନ ଉପରେ ବ୍ୟାପକ ଥିଲା। ସେମାନଙ୍କ ମଧ୍ୟରେ ଥିବା ସାଂସ୍କୃତିକ ସମ୍ପର୍କ ମୁଖ୍ୟତଃ ବୌଦ୍ଧଧର୍ମୀୟ, ବିଶେଷକରି 'ହୀନଯାନୀ ବୌଦ୍ଧଧର୍ମୀୟ' ଥିବା ଜଣାଯାଏ। ଏହି 'ହୀନଯାନ ବୌଦ୍ଧ ଧର୍ମ' ବ୍ୟବସ୍ଥା ପ୍ରାୟ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗରେ ଉଲ୍ଲେଖନୀୟ ପ୍ରାଧାନ୍ୟ ବଜାୟ ରଖିଥିଲା।

କଳିଙ୍ଗ ଓ ଦକ୍ଷିଣ ଭାରତ: ଅଶୋକଙ୍କ ସମୟରୁ ଦକ୍ଷିଣ ଭାରତରେ ମହାସଂଘିକମାନେ ଏକ ଲୋକପ୍ରିୟ ବୌଦ୍ଧ ସଂପ୍ରଦାୟ ଭାବେ ପରିଚିତ ଥିଲେ। ଏହି ସଂପ୍ରଦାୟର ବିଭିନ୍ନ ଶାଖା କୃଷ୍ଣା-ଗୋଦାବରୀ ଅବବାହିକା ଅଞ୍ଚଳରେ ପ୍ରତିଷ୍ଠା ହୋଇଥିଲା। ସେମାନେ ସମ୍ମିଳିତଭାବେ 'ଆନ୍ଧକ' ନାମରେ ପରିଚିତ ଥିଲେ। ମହାସଂଘିକମାନେ ମଗଧରୁ ସ୍ଥାନାନ୍ତରିତ ହେବା ସମୟରେ କଳିଙ୍ଗ ଦେଇ ଯାଇଥିଲେ ଏବଂ ଏଠାରେ ମଧ୍ୟ କେତେକ ସ୍ଥାନରେ ବସତି ସ୍ଥାପନ କରିଥିଲେ। ଆନ୍ଧ୍ରଦେଶର ପ୍ରାଚୀନତମ ଐତିହାସିକ ସ୍ମାରକଗୁଡ଼ିକ ବୌଦ୍ଧ ଧର୍ମ ସହିତ ସଂପୃକ୍ତ। ଅମରାବତୀ, ଜଗ୍ଗୟାପେଟା, ନାଗାର୍ଜ୍ଜୁନ କୋଣ୍ଡା ଆଦି ସ୍ଥାନରୁ ଅନେକ ମୂଲ୍ୟବାନ ଅବଶେଷ ମିଳିଛି। ଏଗୁଡ଼ିକ ଖ୍ରୀଷ୍ଟୀୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ମଧ୍ୟରେ ସେଠାରେ ବିକଶିତ ହୋଇ ଏକ ଗୌରବମୟ ବୌଦ୍ଧ ସଂସ୍କୃତିର ସାକ୍ଷ୍ୟ ପ୍ରଦାନ କରନ୍ତି।

### ଓଡ଼ିଶାର ବୌଦ୍ଧ ପରମ୍ପରା



କଳିଙ୍ଗ ଅଞ୍ଚଳରେ ଶଙ୍କରମ୍, ରାମତୀର୍ଥମ୍, ସୀମାଚଳମ୍, ମୁଖଲିଙ୍ଗମ୍, ଶାଳିହୁଣ୍ଡମ୍ ଇତ୍ୟାଦି ସ୍ଥାନରେ ବୌଦ୍ଧ ଧର୍ମର ଉଲ୍ଲେଖନୀୟ ଅବଶେଷ ଦେଖିବାକୁ ମିଳିଥାଏ। ଏଠାକାର ପଥର କଟାଯାଇ ନିର୍ମିତ ଗୁମ୍ଫା, ଏକ ଶିଳା ଦାଗୋବା, ସ୍ତୂପ ଓ ଆବାସିକ ଅଟ୍ଟାଳିକାଗୁଡ଼ିକ ଖ୍ରୀଷ୍ଟୀୟ ପ୍ରାରମ୍ଭିକ ଶତାବ୍ଦୀଗୁଡ଼ିକରେ ବିକଶିତ ଏକ ଗଭୀର ହୀନଯାନୀ ବୌଦ୍ଧ ସଂସ୍କୃତି ପ୍ରମାଣ ପ୍ରଦାନ କରେ। ଜଣାଯାଏ ଯେ, ମହାସଂଘିକମାନେ ତିନୋଟି ଶୈଳ ସଂପ୍ରଦାୟରେ ବିଭକ୍ତ ଥିଲେ - ଚୈତ୍ୟଶୈଳ, ଅପରଶୈଳ ଏବଂ ଉତ୍ତର ଶୈଳ। ମହାସଂଘିକମାନଙ୍କର କେତେକ ଶାଖା ସାଧାରଣତଃ 'ଶୈଳ ସଂଘ' ନାମରେ ପରିଚିତ ଥିଲା। ତେଣୁ କଳିଙ୍ଗରେ ବସତି ସ୍ଥାପନ କରିଥିବା ମହାସଂଘିକମାନଙ୍କୁ 'ଶୈଳ ସଂଘ'ର ସଦସ୍ୟ ଏବଂ ଆନ୍ଧ୍ର ଅଞ୍ଚଳର ବୌଦ୍ଧମାନଙ୍କର ଘନିଷ୍ଠ ସହଯୋଗୀ ଭାବେ ଗ୍ରହଣ କରାଯାଇପାରେ।

ନାଗାର୍ଜୁନକୋଣ୍ଡାର ଏକ ଶିଳାଲେଖ ଭାରତର ବିଭିନ୍ନ ସ୍ଥାନ ସମେତ କଳିଙ୍ଗରେ ଥେରବାଦୀ ସଂପ୍ରଦାୟର ବସତି ସଂପର୍କରେ ଆଲୋକପାତ କରିଥାଏ। ଏହି ଶିଳାଲେଖରୁ ଜଣାଯାଏ ଯେ, ଦକ୍ଷିଣାପଥରେ ଏହି ଅଞ୍ଚଳର ଥେରବାଦୀ ଭିକ୍ଷୁମାନେ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ପୂର୍ବରୁ ଭାରତର ଅନ୍ୟାନ୍ୟ ସ୍ଥାନ ସହିତ କଳିଙ୍ଗର ତୋଷାଳୀ ଓ ପାଲୁର ଅଞ୍ଚଳରେ ମଧ୍ୟ ଧର୍ମ ପ୍ରଚାରମୂଳକ କାର୍ଯ୍ୟ କରିଥିଲେ। ସେହି ସମୟରେ ଅଶୋକଙ୍କ ଅଧୀନରେ କଳିଙ୍ଗର ରାଜଧାନୀ ତୋଷାଳୀ ଏକ ପ୍ରସିଦ୍ଧ ସ୍ଥାନ ଭାବେ ଜଣାଥିଲା ଏବଂ ବୌଦ୍ଧ ଜଗତରେ ଏହା ଖ୍ୟାତି ଓ ପ୍ରସିଦ୍ଧ ଅର୍ଜନ କରିଥିଲା। ଅନ୍ୟପକ୍ଷରେ ପାଲୁର କଳିଙ୍ଗର ଏକ ପ୍ରାଚୀନ ବାଣିଜ୍ୟିକ ବନ୍ଦର ଭାବେ ପରିଣତ ଥିଲା। ଏହା ଋଷିକୂଲ୍ୟା ନଦୀର ମୁହାଣରେ, ଗଞ୍ଜାମ ବନ୍ଦରର ଅତି ନିକଟରେ ଅବସ୍ଥିତ ଥିଲା। ଏହା ନିଶ୍ଚିତ ଭାବେ ପୋଲୋମୀଙ୍କ ଦ୍ୱାରା ଉଲ୍ଲିଖିତ 'ପାଲୌରା' ବନ୍ଦର ଥିଲା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭୂସ୍ଖଳନରେ ରେଳପଥ ଅବରୋଧ, ବହୁ ଟ୍ରେନ୍ ବାତିଲ

**କେତେକ ଟ୍ରେନ୍ କୋରାପୁଟ ପର୍ଯ୍ୟନ୍ତ ଚଳାଚଳ**

ରାୟଗଡ,୨।୧୦(ସମିସ): କୋରାପୁଟ-ଜୟପୁର-ଜଗଦଲପୁର-କିରଣ୍ଡୁଲ ରେଳପଥରେ ଭୂସ୍ଖଳନ ଯୋଗୁଁ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି। ରାୟଗଡ ରେଳମଣ୍ଡଳ ଅଧୀନ ମାଲିଗୁଡ଼ା ଷ୍ଟେସନ ନିକଟରେ କୋରାପୁଟ ଓ ଜୟପୁର ମଧ୍ୟରେ ଭୂସ୍ଖଳନ ହେବା ପରେ ରେଳ ଚଳାଚଳ ସୁରକ୍ଷା ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଏକାଧିକ ଟ୍ରେନ ବାତିଲ ଓ ଆଂଶିକ ବାତିଲ କରାଯାଇଛି। ୧୮୫୧୫ ବିଶାଖାପାଟଣା- କିରଣ୍ଡୁଲ ଏକ୍ସପ୍ରେସ ଏବଂ ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ ଅକ୍ଟୋବର ୪ରୁ ୭ ତାରିଖ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରୁ ବାତିଲ ରହିବ। ୧୮୧୦୭ ରାଉରକେଲା- ଜଗଦଲପୁର ଏକ୍ସପ୍ରେସ ଅକ୍ଟୋବର ୩ରୁ ୭ ତାରିଖ ପର୍ଯ୍ୟନ୍ତ ରାଉରକେଲାରୁ ବାତିଲ ରହିବ। ୧୮୧୦୮ ଜଗଦଲପୁର- ରାଉରକେଲା ଏକ୍ସପ୍ରେସ ଅକ୍ଟୋବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ଜଗଦଲପୁରରୁ ବାତିଲ ରହିବ। ୧୮୦୦୫ ହାୱଡ଼ା ଜଗଦଲପୁର ଏକ୍ସପ୍ରେସ ଅକ୍ଟୋବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ହାୱଡ଼ାରୁ କୋରାପୁଟ ମଧ୍ୟରେ ଚଳାଚଳ କରିବ। କୋରାପୁଟରୁ ଜଗଦଲପୁର ମଧ୍ୟରେ ଏହାର ଚଳାଚଳ ଉଭୟ ପାଶ୍ୱର୍ରୁ ବାତିଲ ରହିବ। ସେହିପରି ୧୮୦୦୬ ଜଗଦଲ- ପୁରହାୱଡ଼ା ଏକ୍ସପ୍ରେସ ଅକ୍ଟୋବର ୪ରୁ ୯ ତାରିଖ ପର୍ଯ୍ୟନ୍ତ କୋରାପୁଟରୁ ହାୱଡ଼ା ମଧ୍ୟରେ ଚଳାଚଳ କରିବ ଏବଂ ଜଗଦଲପୁରରୁ କୋରାପୁଟ ମଧ୍ୟରେ ଉଭୟ ପାଶ୍ୱର୍ରୁ ବାତିଲ ରହିବ। ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ଅକ୍ଟୋବର ୩ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରୁ କୋରାପୁଟ ମଧ୍ୟରେ ଚଳାଚଳ କରିବ। କୋରାପୁଟରୁ ଜଗଦଲପୁର ମଧ୍ୟରେ ଏହାର ଚଳାଚଳ ଉଭୟ ପାଶ୍ୱର୍ରୁ ବାତିଲ ରହିବ। ୧୮୪୪୮ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଅକ୍ଟୋବର ୪ରୁ ୮ ତାରିଖ ପର୍ଯ୍ୟନ୍ତ କୋରାପୁଟରୁ ଭୁବନେଶ୍ୱର ମଧ୍ୟରେ ଚଳାଚଳ କରିବ। ଜଗଦଲପୁରରୁ କୋରାପୁଟ ମଧ୍ୟରେ ଏହାର ଚଳାଚଳ ଉଭୟ ପାଶ୍ୱର୍ରୁ ବାତିଲ ରହିବ। ୫୮୫୦୧/୫୮୫୦୨ ବିଶାଖାପାଟଣା କିରଣ୍ଡୁଲବିଶାଖାପାଟଣା ଯାତ୍ରୀବାହୀ ଟ୍ରେନ ଅକ୍ଟୋବର ୪ରୁ ୭ ତାରିଖ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରୁ ବିଶାଖାପାଟଣା ଓ କୋରାପୁଟ ମଧ୍ୟରେ ଚଳାଚଳ କରିବ। କୋରାପୁଟରୁ କିରଣ୍ଡୁଲ ମଧ୍ୟରେ ଏହାର ଚଳାଚଳ ବାତିଲ ରହିବ। ଭୂସ୍ଖଳନ ଯୋଗୁଁ ଟ୍ରେନ ଚଳାଚଳରେ ଏହି ପରିବର୍ତ୍ତନ ହୋଇଥିବାରୁ ଯାତ୍ରୀମାନେ ସଂଶୋଧିତ ଟ୍ରେନ୍ ସେବା ସମ୍ପର୍କରେ ଜାଣି ଯାତ୍ରା ଯୋଜନା କରିବାକୁ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି। ସଂରକ୍ଷିତ ଟିକେଟ ଥିବା ଯାତ୍ରୀମାନଙ୍କୁ ଏନେଇ ବହୁଳ ବାର୍ତ୍ତା ପଠାଯାଇଛି। ଯାତ୍ରା ପୂର୍ବରୁ ନିଜ୍ ଟ୍ରେନର ଚଳାଚଳ ସ୍ଥିତି ଜାଣି ଯାତ୍ରା କରିବାକୁ ରେଳପଥ ପକ୍ଷରୁ କୁହାଯାଇଛି।

# ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଂଗ୍ରେସ ସେବାଦଳର ସତ୍ୟାଗ୍ରହ




ଭୁବନେଶ୍ୱର,୨।୧୦(ସମିସ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭାରତୀୟ ଜନତାପାର୍ଟି ଏବଂ ମୋଦୀ ସରକାରଙ୍କର ହାତବାରିସୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ସାରା ଦେଶର ୧୩ କୋଟିର ଊର୍ଦ୍ଧ୍ୱ ଭୋଟରଙ୍କୁ ଭୋଟ ଦେବାର ଅଧିକାରରୁ ବେଆଇନ ଭାବେ ସେ ବଞ୍ଚିତ କରିଛନ୍ତି। ଓଡ଼ିଶାରୁ ମଧ୍ୟ ୨୭ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଦେଶର ଲୋକଙ୍କୁ ଭୁଆଁ ବୁଲାଇ ବିଜେପିକୁ କ୍ଷମତାସୀନ କରିବାପାଇଁ ଜ୍ଞାନେଶ କୁମାର ଜଣେ ଦେଶଦ୍ରୋହୀ ଭାବେ କାର୍ଯ୍ୟ କରିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ପିସିସି ସେବାଦଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ଆୟୋଜିତ ସତ୍ୟାଗ୍ରହରେ ସାମିଲ ହୋଇ ଜ୍ଞାନେଶ କୁମାରଙ୍କ ଅପରାଧ ଅକ୍ଷମଣୀୟ, ଏଥିପାଇଁ ତାଙ୍କୁ କଡ଼ା ଦଣ୍ଡ ମିଳିବା ଉଚିତ୍ ବୋଲି ଶ୍ରୀ ଦାସ କହିଛନ୍ତି।

ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି କହିଥିଲେ ଯେ ବେଆଇନ ଭାବେ ଫର୍ମ-୬ର ପରିବର୍ତ୍ତନ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନରଙ୍କ କାରସାଦିକୁ ଅନ୍ୟ ଦୁଇ କମିଶନର ଲୋକଲୋଚନକୁ ଆଣିବା ପରେ କିଭଳି ଭାବରେ ଜ୍ଞାନେଶ କୁମାର ବିଜେପି ପାଇଁ ସାଂଘାତିକ ଅପରାଧ କରୁଥିଲେ ତାହା ପ୍ରମାଣିତ ହୋଇଯାଇଛି। ଯେତେବେଳେ ସାଧାରଣ ଲୋକ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପ୍ରଶ୍ନ କରୁଛନ୍ତି ସେତେବେଳେ ଉତ୍ତର ଦେଉଛି ବିଜେପି। ତେଣୁ ସମୁଦାୟ ଭୋଟ ଚୋରି କଣ ତାହା ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଯାଇଛି ବୋଲି ସେ କହିଛନ୍ତି। ସେବାଦଳ ପକ୍ଷରୁ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଭୁବନେଶ୍ୱରରେ ଏକ ନଗର ପରିକ୍ରମା କାର୍ଯ୍ୟ ଆୟୋଜିତ ହୋଇଥିଲା।

# ନକଲି ଆରଟିଓ ଗିରଫ

## ପଶ୍ଚିମବଙ୍ଗ ଆର୍‌ଟିଓ ଜାଲ୍ ଫାଇନ୍ ଓ ରସିଦ ସ୍ଲିପ୍ ଆଦି ଜବତ

ଜଳେଶ୍ୱର,୨।୧୦(ସମିସ): ନିଜକୁ ଆରଟିଓ ବୋଲି ପରିଚୟ ଦେଇ ଦୀର୍ଘ ଦିନ ଧରି ଲୋକଙ୍କୁ ଠକେଇ କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଜଳେଶ୍ୱର ପୁଲିସ ଗିରଫ କରିଛି। ଅଭିଯୋଗ ପରେ ତଦନ୍ତ କରି ପୁଲିସ ତାଙ୍କ ନିକଟରୁ ବହୁ ନକଲି ଆରଟିଓ



ରସିଦ, ନକଲି ନୋଟାରୀ ସିଲ୍ ଓ ନକଲି ପଶ୍ଚିମବଙ୍ଗ ସରକାରୀ ଷ୍ଟାମ୍ପ ପେପର ସମେତ ବିଭିନ୍ନ ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି।

ପୁଲିସର ପ୍ରାଥମିକ ତଦନ୍ତ ଅନୁସାରେ, ଅଭିଯୁକ୍ତ ନିଜକୁ ଆରଟିଓ ସହ ଜଡିତ ବ୍ୟକ୍ତି ବୋଲି ପରିଚୟ ଦେଇ ଲୋକଙ୍କଠାରୁ ଟଙ୍କା ନେଉଥିବା ଅଭିଯୋଗ ରହିଛି। ବିଶେଷକରି ଗାଡ଼ି ସମ୍ପର୍କିତ ଜରିମାନା, ରସିଦ ଓ ବିଭିନ୍ନ କାଗଜପତ୍ର କରାଇଦେବା ନାଁରେ ଠକେଇ କରାଯାଉଥିବା ଅଭିଯୋଗ ପୋଲିସ ନିକଟରେ ପହଞ୍ଚିଥିଲା। ଏହା ପରେ ଜଳେଶ୍ୱର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ତଦନ୍ତ ବେଳେ ଅଭିଯୁକ୍ତଙ୍କ ନିକଟରୁ ଏକ ପ୍ରିଣ୍ଟର, ଏକ ସବୁଜ ରଙ୍ଗର ଇଲେକ୍ଟ୍ରିକ୍ ବ୍ଲୋଅର, ଥର୍ମାଲ୍ ରସିଦ ପ୍ରିଣ୍ଟର, ମଲ୍ଟିପୋର୍ଟ ହବ୍ ଓ ଏକ୍ସଟେନସନ୍ ବୋର୍ଡ ଜବତ କରାଯାଇଛି। ଏକ ମୋବାଇଲ୍ ଫୋନ୍ ମଧ୍ୟ ପୁଲିସ ଜବତ କରିଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨୦ଟି ସନ୍ଦେହଜନକ ନକଲି/ଜାଲ୍ ପଶ୍ଚିମବଙ୍ଗ ଆରଟିଓ ଫାଇନ୍ ଓ ରସିଦ ସ୍ଲିପ୍, ୨ଟି ସନ୍ଦେହଜନକ ନକଲି ନୋଟାରୀ ସିଲ୍/ଷ୍ଟାମ୍ପ ଏବଂ ୧୫ଟି ସନ୍ଦେହଜନକ ଜାଲ୍ ପଶ୍ଚିମବଙ୍ଗ ସରକାରୀ ଷ୍ଟାମ୍ପ ପେପର ଜବତ କରିଛି। ଏହି ସମସ୍ତ ସାମଗ୍ରୀକୁ ଆଧାର କରି ଅଭିଯୁକ୍ତ କେତେ ଦିନ ଧରି ଏଭଳି କାରବାର କରୁଥିଲା, ତାଙ୍କ ସହ ଆଉ କେହି ଜଡିତ ଅଛନ୍ତି କି ନାହିଁ ଏବଂ ଏହି ନକଲି କାଗଜପତ୍ର କେଉଁଠାରେ ତିଆରି ହେଉଥିଲା, ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଦୀର୍ଘ ଦିନ ଧରି ପୋଲିସକୁ ଚକମା ଦେଇ ନିଜକୁ ଜଞ୍ଜଙ୍ଗ ଅଧିକାରୀ ବୋଲି ପରିଚୟ ଦେଇ ଲୋକଙ୍କୁ ଠକୁଥିବା ଅଭିଯୋଗ ଥିବା ବେଳେ ଶେଷରେ ଜଳେଶ୍ୱର ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଛି। ତେବେ ଏହି ଘଟଣା ପଛରେ ଥିବା ସମ୍ପୂର୍ଣ୍ଣ ନେଟୱର୍କ ଓ ଠକେଇର ପରିମାଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

# ଡ଼ର ନା ଚାପ! ବିଜେଡି ଜନସମ୍ପର୍କ ପଦଯାତ୍ରାକୁ ମିଳିଲାନି ଅନୁମତି

ବ୍ରହ୍ମପୁର,୨।୧୦(ସମିସ): ବର୍ଷ ବର୍ଷ ଧରି ଅକ୍ଟୋବର ୨ତାରିଖ ଠାରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକମାସ ଧରି ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ହୋଇ ଆସୁଥିବା ଜନସମ୍ପର୍କ ପଦଯାତ୍ରାରେ ବାଧକ ସାଜିଛି ବ୍ରହ୍ମପୁର ପୁଲିସ ପ୍ରଶାସନ। ଯାହାକୁ ନେଇ ପୁଲିସର ନିରପେକ୍ଷତାକୁ ନେଇ ଉଠିଛି ପ୍ରଶ୍ନ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜ୍ୟବ୍ୟାପୀ ଏହି ପଦଯାତ୍ରା ଆୟୋଜିତ ହେଉଛି। ବ୍ରହ୍ମପୁର ମହାନଗର ବିଜେଡି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦଳୀୟ କାର୍ଯ୍ୟାଳୟରେ ପ୍ରସ୍ତୁତି ଶେଷ ପରେ ବିଧିବଦ୍ଧ ଭାବେ ଅନୁମତି ପାଇଁ ଆବେଦନ କରାଯାଇଥିଲା। ସ୍ଥାନୀୟ ଗାନ୍ଧୀନଗରର ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଜୁ ପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ କେବଳ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ପାଇଁ ଦଳ ପକ୍ଷରୁ ଅନୁମତି ଲୋଡାଯାଇଥିଲା। ଯାହାକୁ ଅତିରିକ୍ତ ଏସପି ଅଗ୍ରାହ୍ୟ କରିଦେଇଥିବା ଅଭିଯୋଗ ହୋଇଛି। ଶାସକ ବିଜେପି ଦଳର ଚାପରେ ପୁଲିସ ପ୍ରଶାସନ ଚେପା ହୋଇ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ପୁଲିସର ଏଭଳି ଏକତରଫା ତଥା ପାତରଅନ୍ତର ପଦକ୍ଷେପକୁ ନେଇ ବୁଦ୍ଧିଜୀବୀ ତଥା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ବିରୋଧୀ ବିଜେଡି ପକ୍ଷରୁ ଯଦିଓ ଏହାକୁ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ ତଥାପି ସମସ୍ତଙ୍କ ମନରେ ଗଭୀର ଅସନ୍ତୋଷ ଥିବା ଜଣାପଡିଛି। ଏପରିକି ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବରିଷ୍ଠ ବିଜେଡି ନେତା ତଥା



ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ପୂର୍ବତନ ଜିଲ୍ଲା ସଭାପତି ସୁବାଷ ମହାରଣାଙ୍କ ସମେତ ବହୁ ନେତା ଓ କର୍ମୀ ଶୋଭାଯାତ୍ରାରେ ନଆସି ପୃଥକ ପୃଥକ ଭାବେ ପ୍ରତୀକାତ୍ମକ ତଥା ପ୍ରତିବାଦ ସ୍ୱରୁପ ପଦଯାତ୍ରାରେ ଗାନ୍ଧୀନଗର ଛକ ଠାରୁ ବିଜୁ ପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ ଆସିଥିବା ଦେଖିବାକୁ ମିଳିଥିଲା। ସେହିପରି କାର୍ଯ୍ୟକ୍ରମରେ ବିଜେଡିର ସମସ୍ତ କର୍ମକର୍ତ୍ତା, ପଦାଧିକାରୀ, କର୍ପୋରେଟର, ନେତା ଓ କର୍ମୀ ଉପସ୍ଥିତ ରହି ସକ୍ରିୟ ସାମିଲ ହୋଇଥିଲେ।

ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି 'ବିକ୍ରମ'ଙ୍କ ରାଜନୈତିକ ପରାକ୍ରମ ତଥା ଜନ ସମର୍ଥନକୁ ଦେଖି ଶାସକ ବିଜେପି ଛାନିଆ ହୋଇ ରାଜନୈତିକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ କରୁଛି। ବିଜେଡିର କାର୍ଯ୍ୟକ୍ରମକୁ ଅନୁମତି ନ ଦେବାକୁ ପୁଲିସ ଉପରେ ଚାପ ପ୍ରୟୋଗ କରୁଥିବା କିଛି ବିଜେଡି ନେତା ଅଭିଯୋଗ କରିଛନ୍ତି। ରାଜନୈତିକ ଆକ୍ରୋଶର ଶିକାର ହୋଇ ଏକ ହତ୍ୟା ମାମଲାରେ ଜେଲକୁ ଯାଇ ପରବର୍ତ୍ତି ସମୟରେ ସର୍ତ୍ତମୂଳକ ଜାମିନରେ ମୁକୁଳିଥିବା ଜନନେତା ବିକ୍ରମଙ୍କ ପ୍ରତି ଥିବା ସହାନୁଭୂତି, ବୃଦ୍ଧି ପାଉଥିବା ଜନ ସମର୍ଥନକୁ ଦେଖି ଶାସକ ଦଳ ସମେତ ପୁଲିସ ପ୍ରଶାସନର ମୁଣ୍ଡ ଖରାପ ହୋଇଯାଇଛି। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଶାସକ ବିଜେପି ଭିତରେ ଏକ ରକମର 'ବିକ୍ରମ' ଭୟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ଶାସକ ବିଜେପିର ଇଙ୍ଗିତରେ 'ବିକ୍ରମ' ତଥା ତାଙ୍କ ସମର୍ଥକଙ୍କ ଉପରେ ଦାଉ ସାଧିବାକୁ ଯାଇ ପୁଲିସ ଭିନ୍ନଭିନ୍ନ ପନ୍ଥା ଆଦରିବାକୁ ଯାଉଥିବା ଦେଖିବାକୁ ମିଳୁଛି। ଯାହାର ପରିଣାମ ସ୍ୱରୂପ ବିଜେଡିର ପଦଯାତ୍ରାକୁ ଅନୁମତି ଦିଆଯାଇ ନ ଥିବା କୁହାଯାଉଛି।

# ଗାନ୍ଧୀ ଜୟନ୍ତୀ ଅବସରରେ ଜ୍ଞାନେଶ କୁମାରଙ୍କର ଇସ୍ତଫା ଦାବି କଲା ଆପ୍

ଭୁବନେଶ୍ୱର,୨।୧୦(ସମିସ): ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଭୋଟ୍ ଚୋରି ବିରୋଧରେ ଏକ ଅଭିନବ ଢଙ୍ଗରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଭୋଟରଙ୍କ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଏବଂ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଶ୍ରୀ ମହାପାତ୍ର ଅଭିଯୋଗ କରିଥିଲେ ଯେ, ଭୋଟ୍ ଚୋରି ଏବଂ ନିର୍ବାଚନୀ ପ୍ରକ୍ରିୟାର ଦୁରୁପଯୋଗ ମାଧ୍ୟମରେ ବିଭିନ୍ନ ରାଜ୍ୟରେ ଅଣ-ବିଜେପି ସରକାରଗୁଡ଼ିକୁ ହଟାଇବା ପାଇଁ ଉଦ୍ୟମ କରାଯାଉଛି। ଏହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନାଗରିକଙ୍କ ମତଦାନ ଅଧିକାର ପ୍ରତି ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି ବୋଲି ସେ ମତପ୍ରକାଶ କରିଥିଲେ। ସେହିପର ଏସ୍‌ଆଇଆର୍ ପ୍ରକ୍ରିୟାରେ ପ୍ରାୟ ୧୩କୋଟି ୩୪ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇ ସେମାନଙ୍କୁ ମତଦାନ ଅଧିକାରରୁ ବଞ୍ଚିତ କରାଯାଇଛି। ଏହି ଅଭିଯୋଗର ଉଚିତ୍ ତଦନ୍ତ ଓ ଭୋଟରଙ୍କ ଅଧିକାରର ସୁରକ୍ଷା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଆମ୍ ଆଦମୀ ପାର୍ଟି ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ସେ କହିଥିଲେ। ପ୍ରତିବାଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହ ଓ ଜ୍ଞାନେଶ କୁମାରଙ୍କୁ ସଭାରେ ତିନୋଟି ମାଙ୍କଡ଼ଙ୍କ ପ୍ରତୀକାତ୍ମକ ଭାବେ ପ୍ରଦର୍ଶିତ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦୀୟ କମିଟି ସହ...

ଉଚିତ ନୁହେଁ ଏବଂ ସୁବିଧାଜନକ ମଧ୍ୟ ନୁହେଁ ବୋଲି କୋର୍ଟ ପକ୍ଷରୁ କୁହାଯାଇଛି। ଫଳରେ ପ୍ରସ୍ତାବିତ ବୈଠକ ବାତିଲ ହୋଇଛି। ସୁପ୍ରିମକୋର୍ଟର ନିଷ୍ପତ୍ତି ପରେ ବିଜେପି ସାଂସଦ ପିପି ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଥିବା ସଂସଦୀୟ କମିଟି ମଧ୍ୟ ଅକ୍ଟୋବର ୬ରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ବାତିଲ କରିଛି। 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା ଅନୁଯାୟୀ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ଏକାସାଙ୍ଗରେ କରାଇବାର ପ୍ରସ୍ତାବ ରହିଛି। ଏଥିପାଇଁ ଆବଶ୍ୟକ ସାମ୍ବିଧାନିକ ସଂଶୋଧନ ସମ୍ପର୍କିତ ଦୁଇଟି ବିଲ୍ ୨୦୨୪ ଡିସେମ୍ବରରେ ଲୋକସଭାରେ ଆଗତ ହୋଇଥିଲା ଏବଂ ପରେ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଥିଲା। ଏହି ପ୍ରସ୍ତାବକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଭିନ୍ନ ମତ ରହିଛି। ବିରୋଧୀ ଦଳଗୁଡ଼ିକ ବିଲ୍‌ର ସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥା ଉପରେ କୁପ୍ରଭାବ ନେଇ ଆପତ୍ତି ଉଠାଇଛନ୍ତି। ସେପଟେ ବିଜେପି ଓ ଏହାର ସହଯୋଗୀମାନେ ଏକାସାଙ୍ଗରେ ନିର୍ବାଚନକୁ ହେଲେ ବାରମ୍ବାର ନିର୍ବାଚନ ପ୍ରକ୍ରିୟାର ପ୍ରଭାବ କମିବ ବୋଲି ଯୁକ୍ତି ଦେଇଆସୁଛନ୍ତି।

### 'ଜ୍ଞାନୁ, ଇସ୍ତଫା...

୩,୦୦୦ରୁ ୪,୦୦୦ ଲୋକ ଯୋଗଦେଇପାରନ୍ତି ବୋଲି ପୁଲିସ ଆକଳନ କରିଛି। ଅନୁମତି ବିନା ସମାବେଶ, ଧାରଣା, ପ୍ରଦର୍ଶନ ଓ ସ୍ଲୋଗାନ ଦେବା ଉପରେ ନିଷେଧ ଜାରି ହୋଇଛି। ଯନ୍ତରମନ୍ତର ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ ସହ ବ୍ୟାରିକେଡ୍ ଲଗାଯାଇଛି। ବିକ୍ଷୋଭକୁ ଦୃଷ୍ଟିରେ ରଖି ଦିଲ୍ଲୀର ୧୧ଟି ମେଟ୍ରୋ ଷ୍ଟେସନରେ ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ବନ୍ଦ କରାଯାଇଥିବା ଜଣା ପଡ଼ିଛି। ଏଥିରେ ଜନପଥ, ପଟେଲ ଛକ, ସେଣ୍ଟ୍ରାଲ ସେକ୍ରେଟାରିଏଟ୍, ରାଜୀବ ଛକ, ମଣ୍ଡି ହାଉସ୍ ଓ ନୂଆଦିଲ୍ଲୀ ଭଳି ଷ୍ଟେସନ ସାମିଲ ଅଛି। ଯନ୍ତରମନ୍ତର, ପାର୍ଲାମେଣ୍ଟ ଷ୍ଟ୍ରିଟ୍, ଅଶୋକ ରୋଡ୍ ଏବଂ ଆଖପାଖ ଅଞ୍ଚଳରେ ଯାତାୟାତ ନିୟନ୍ତ୍ରଣ କରାଯାଇଛି। ଦିଲ୍ଲୀ ଟ୍ରାଫିକ୍ ପୁଲିସ ଲୋକଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ କହିଛି। ବିରୋଧୀ ଦଳ ଓ ଛାତ୍ର ସଂଗଠନଗୁଡ଼ିକ ଏସ୍‌ଆଇଆର୍ ପ୍ରକ୍ରିୟା ଏବଂ ଭୋଟର ତାଲିକାରୁ ନାମ ବାଦ ପଡ଼ିବା ନେଇ ପ୍ରଶ୍ନ ଉଠାଇଛନ୍ତି। ସେମାନେ ନିର୍ବାଚନ କମିସନଙ୍କଠାରୁ ଜବାବ ମାଗିବା ସହ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛନ୍ତି। ନିର୍ବାଚନ କମିସନର ଭୂମିକାକୁ ନେଇ ରାଜନୈତିକ ବିବାଦ ମଧ୍ୟ ତୀବ୍ର ହୋଇଛି। ଏହି ପ୍ରତିବାଦ ସହିତ ଇଣ୍ଡିଆ ମେଣ୍ଟ ପକ୍ଷରୁ ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ 'ସେଭ୍ ଡେମୋକ୍ରାସି' ଅଭିଯାନ ଆରମ୍ଭ କରାଯାଇଛି। ଅକ୍ଟୋବର ୬ରେ ନିର୍ବାଚନ କମିସନ କାର୍ଯ୍ୟାଳୟ ଅଭିମୁଖେ ମିଳିତ ପଦଯାତ୍ରା କରିବାକୁ ବିରୋଧୀ ଦଳଗୁଡ଼ିକ ଘୋଷଣା କରିଛନ୍ତି।

### ଶିବାଜୀ ପାର୍କରେ...

ଅହିଂସା ଓ ସରଳତା ସମ୍ପର୍କିତ ବାର୍ତ୍ତା ମଧ୍ୟ ପ୍ରଦର୍ଶିତ କରିଥିଲେ। ବିକ୍ଷୋଭର ଏକ ଅଲଗା ଦୃଶ୍ୟ ଥିଲା ଚକୋଲେଟ୍ କଭରରୁ ତିଆରି ଗହଣା। ସିଓନ୍ ଅଞ୍ଚଳର ଛାତ୍ର ମନୀଷ ମଣ୍ଡଳ ଚକୋଲେଟ୍ ମୋଡ଼ା ତଥା କଭର କାଗଜରେ ତିଆରି ଗହଣା ପିନ୍ଧି ବିକ୍ଷୋଭରେ ସାମିଲ ହୋଇଥିଲେ। ତାଙ୍କ ହାତରେ ଥିବା ଏକ ବ୍ୟାନରରେ ଦେବନାଗରୀ ଲିପିରେ 'ଫ୍ରଡ୍ ଡିଟର୍ଜେଣ୍ଟ ପାଉଡର' ଲେଖାଯାଇଥିଲା। ପୁଣେରୁ ଆସିଥିବା ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେସନ୍ (ଏଆଇଏସ୍‌ଏଫ୍) ସହ ସମ୍ପୃକ୍ତ ଗୋଷ୍ଠୀଗୁଡ଼ିକ ସଙ୍ଗୀତ ବାଦ୍ୟ ବଜାଇ ବିକ୍ଷୋଭକୁ ଅଧିକ ଉତ୍ସାହିତ କରିଥିଲେ। ପାର୍କ ନିକଟରେ 'ଚଲେ ଯାଓ', 'ଭାପସ୍ ଦୋ' ଏବଂ 'ବନ୍ଦ କରୋ' ଭଳି ସ୍ଲୋଗାନ ଦିଆଯାଇଥିଲା।

**କଡ଼ା ସୁରକ୍ଷା ବ୍ୟବସ୍ଥା**

ବିକ୍ଷୋଭ ପାଇଁ ଅପରାହ୍ଣ ୪ଟା ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଦିନ ପ୍ରାରମ୍ଭରୁ ବିକ୍ଷୋଭକାରୀ ଶିବାଜୀ ପାର୍କର ବିଭିନ୍ନ ପ୍ରବେଶ ପଥ ନିକଟରେ ଏକାଠି ହେବା ଆରମ୍ଭ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ମୁମ୍ବଇ ପୁଲିସ ବ୍ୟାରିକେଡ୍ ଲଗାଇବା ସହ ସେନା ଭବନ ନିକଟରେ ଯାନବାହନ ଚଳାଚଳ ଉପରେ କଟକଣା ଲଗାଇଥିଲା। ଦାଦର ରେଳ ଷ୍ଟେସନରେ ମଧ୍ୟ ଅତିରିକ୍ତ ସୁରକ୍ଷାକର୍ମୀ ମୁତୟନ କରାଯାଇଥିଲେ। ଯାତ୍ରୀଙ୍କ ଚଳାଚଳରେ ଯେପରି ବାଧା ନ ଉପୁଜେ, ସେଥିପାଇଁ ସରକାରୀ ରେଳ ପୁଲିସ ଏବଂ ରେଳ ସୁରକ୍ଷା ବଳ ପକ୍ଷରୁ ନଜର ରଖାଯାଇଥିଲା।

**୧୪ ଥର ଆପତ୍ତିକୁ ନେଇ ବିବାଦ**

ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ପଛରେ ନିର୍ବାଚନ କମିସନର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀ ଏବଂ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ଉଠିଥିବା ପ୍ରଶ୍ନ ରହିଛି। 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ତଦନ୍ତମୂଳକ ରିପୋର୍ଟରେ କୁହାଯାଇଥିଲା ଯେ ନିର୍ବାଚନ କମିଶନର ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀ ୧୦ ମାସ ମଧ୍ୟରେ ଅତି କମରେ ୧୪ ଥର କମିସନଙ୍କ ନିଷ୍ପତ୍ତି କିମ୍ବା ପ୍ରକ୍ରିୟା ନେଇ ଆପତ୍ତି ଉଠାଇଥିଲେ। କିଛି ନିଷ୍ପତ୍ତି ସେମାନଙ୍କ ଜ୍ଞାତସାରରେ ହୋଇନଥିବା ବୋଲି ସେମାନେ ଆପତ୍ତିରେ ଦର୍ଶାଇଥିବା ରିପୋର୍ଟରେ ଉଲ୍ଲେଖ ଥିଲା। ଏହି ରିପୋର୍ଟ ପ୍ରକାଶ ପରେ ଏସ୍‌ଆଇଆର୍, ଫର୍ମ-୬ରେ ପରିବର୍ତ୍ତନ, ଭୋଟର ତାଲିକା ତଥ୍ୟରେ ପ୍ରବେଶ ଏବଂ ନିର୍ବାଚନୀ ତଥ୍ୟ ପରିଚାଳନା ଭଳି ପ୍ରସଙ୍ଗକୁ ନେଇ ରାଜନୈତିକ ବିବାଦ ବଢ଼ିଥିଲା। ତେବେ ଏହି ଅଭିଯୋଗ ଉପରେ ନିର୍ବାଚନ କମିସନ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ଏସ୍‌ଆଇଆର୍ ସମେତ କମିଶନଙ୍କ ସମସ୍ତ ନିଷ୍ପତ୍ତି ତିନିଜଣିଆ ପୂର୍ଣ୍ଣ କମିସନଙ୍କ ସର୍ବସମ୍ମତିରେ ନିଆଯାଇଛି। ଦୁଇ ନିର୍ବାଚନ କମିସନରଙ୍କ ମତାମତ ଓ ପ୍ରଶ୍ନଗୁଡ଼ିକ ନିଷ୍ପତ୍ତି ନେବାର ସାଧାରଣ ପ୍ରଶାସନିକ ପ୍ରକ୍ରିୟାର ଅଂଶ ବୋଲି ମଧ୍ୟ ଇସି ପକ୍ଷରୁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁମ୍ବଇର ଶୁକ୍ରବାରର ବିକ୍ଷୋଭରେ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଓ ଏସ୍‌ଆଇଆର୍‌କୁ ନେଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ରାଜନୈତିକ ଦଳ ଓ ବିକ୍ଷୋଭକାରୀଙ୍କ ଅଭିଯୋଗ ମଧ୍ୟରେ ନିର୍ବାଚନ କମିସନଙ୍କ ସ୍ପଷ୍ଟୀକରଣ ମଧ୍ୟ ଏହି ବିବାଦର ଅନ୍ୟ ଏକ ପ୍ରମୁଖ ପକ୍ଷ ହୋଇଛି।

### ଚାପ ପରେ...

ଏଜେଣ୍ଟଙ୍କ ସହ ଏହି ତାଲିକା ଭାଗ କରିବାକୁ ମଧ୍ୟ କୁହାଯାଇଛି। ଏସ୍‌ଆଇଆର୍ ପ୍ରକ୍ରିୟା ସରିଥିବା ରାଜ୍ୟରେ ଏବେ ସାଧାରଣ ଆଇନସମ୍ମତ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ କରାଯିବ। ଏସ୍‌ଆଇଆର୍ ସମ୍ପର୍କିତ ଅତିରିକ୍ତ ଘୋଷଣା ଏହି ରାଜ୍ୟଗୁଡ଼ିକର ଫର୍ମ-୬ରେ ରହିବ ନାହିଁ। ଏସ୍‌ଆଇଆର୍‌ରେ ବହୁ ସଂଖ୍ୟକ ନାମ ବାଦ୍ ପଡ଼ିଥିବା ଦାବି କରି ବିରୋଧୀ ଦଳଗୁଡ଼ିକ ନିର୍ବାଚନ କମିସନଙ୍କ ଉପରେ ପ୍ରଶ୍ନ ଉଠାଇଆସୁଛନ୍ତି। ଅନ୍ୟପକ୍ଷରେ କମିସନ କହିଛନ୍ତି, ଭୋଟର ପଞ୍ଜୀକରଣ ଏକ ନିରନ୍ତର ପ୍ରକ୍ରିୟା ଏବଂ ଏସ୍‌ଆଇଆର୍ ସମୟରେ ତାଲିକାଭୁକ୍ତ ହୋଇନଥିବା କୌଣସି ଯୋଗ୍ୟ ନାଗରିକଙ୍କୁ ନାମ ପଞ୍ଜୀକରଣରୁ ବଞ୍ଚିତ କରାଯିବ ନାହିଁ।

### ଭଲ କାମ...

ବଜେଟ ବ୍ୟୟବରାଦ ଖର୍ଚ୍ଚ ହୋଇ ପାରୁନି। କିଛି କାମ ହେଉନାହିଁ; କିନ୍ତୁ ଋଣ ଭାର ବଢ଼ି ଚାଲିଛି। ଟଙ୍କା ଯାଉଛି କୁଆଡ଼େ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ବିଜୁ ଜନତା ଦଳ ବିଜୁବାବୁଙ୍କ ଆଦର୍ଶରେ ଓଡିଶା ପାଇଁ ଲଢ଼ି ଆସିଛି ଓ ଆଗାମୀ ଦିନରେ ଲଢ଼େଇକୁ ଆହୁରି ଜୋରଦାର କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି।

କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ଓ ବିଜେଡି ନେତା ମନ୍ମଥ ରାଉତରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### ବଜେଟ୍ ଅର୍ଥ ଖର୍ଚ୍ଚ...

ହୋଇ ପାରିନି। ଅନୁରୂପ ଭାବେ ୨୦୨୪-୨୫ ଶିକ୍ଷାବର୍ଷରେ ବିଭାଗକୁ ୨୭,୪୩୧.୦୭ କୋଟି ଟଙ୍କାର ଅନୁଦାନ ମିଳିଥିବାବେଳେ ୨୩,୨୯୪.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଆହୁରି ପ୍ରାୟ ୧୫ ପ୍ରତିଶତରୁ ଅଧିକ ଅର୍ଥକୁ ଗଣଶିକ୍ଷା ବିଭାଗ ଖର୍ଚ୍ଚ କରିପାରି ନଥିଲା।

ବଜେଟ୍‌ରେ ବରାଦ ହୋଇଥିବା ଅର୍ଥର ଉଦ୍ଦେଶ୍ୟ ହେଉଛି ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ପୂରଣ ଓ ଭିତ୍ତିଭୂମିର ବିକାଶ କରିବା। ଶିକ୍ଷକଶିକ୍ଷୟିତ୍ରୀଙ୍କ ଦରମା, ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସୁବିଧା, ପାଠ୍ୟପୁସ୍ତକ, ଶିକ୍ଷା ସାମଗ୍ରୀ ଓ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିବା। ବରାଦ ଅର୍ଥ ଯଥା ସମୟରେ ବ୍ୟୟ ହୋଇ ନ ପାରିଲେ, ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ବିଳମ୍ବିତ ହେବାର ଆଶଙ୍କା ରହିଥାଏ। ପିଲାଙ୍କୁ ଉପଯୁକ୍ତ ଓ ସମୟୋପଯୋଗୀ ସୁବିଧା ମିଳି ନଥାଏ। ୨୦୨୫-୨୬ ଶିକ୍ଷାବର୍ଷରେ ବହୁ ବିଳମ୍ବରେ ପୋଷାକ ବଣ୍ଟନ କରିବା ପରି ଅନେକ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ଅର୍ଥ ନୁହେଁ, ବରଂ ଗଣଶିକ୍ଷା ବିଭାଗର ଅପାରଗତା ବୋଲି ସ୍ପଷ୍ଟ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଶିକ୍ଷାବର୍ଷରେ ଭୋକେସନାଲ୍ ଶିକ୍ଷକଙ୍କୁ ଡିସେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଏଯାଏଁ ଦରମା ମିଳିନାହିଁ। ସରକାର ବଜେଟ୍ ଅର୍ଥ ବ୍ୟୟ କରିପାରୁ ନଥିବାବେଳେ ଶିକ୍ଷକଙ୍କୁ କାହିଁକି ଦରମା ଦେଉନାହାନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ପିଲାଙ୍କ ପାଠ୍ୟ ପୁସ୍ତକରେ ମାଳମାଳ ତ୍ରୁଟି ଘଟଣାରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅପାରଗତାକୁ ବିରୋଧୀ ଦଳଗୁଡ଼ିକ ଦାୟୀ କରୁଥିବାବେଳେ ଅର୍ଥ ବିନଯୋଗ କରିବାରେ ମନ୍ଥରତା ଏବଂ ବିଫଳତା ମନ୍ତ୍ରୀଙ୍କ ଆଉଏକ ପାରିବାପଣିଆକୁ ପଦାରେ ପକାଇଛି।

### ୧୦୦ ସଂସ୍ଥାର...

ସିଷ୍ଟମର ସୁରକ୍ଷା ଉଲ୍ଲଂଘନ କରି ଇଣ୍ଟରନେଟ୍ରେ ପ୍ରବେଶ କରିଥିଲା ଏବଂ ଉତ୍ତର ପାଇବା ପାଇଁ ଲୋକପ୍ରିୟ ଏଆଇ ପ୍ଲାଟଫର୍ମ ହଗିଂ ଫେସ୍ର ସିଷ୍ଟମକୁ ହ୍ୟାକ କରିଥିଲା। ହଗିଂ ଫେସ୍ ଜୁଲାଇ ୧୬ରେ ଏହି ହ୍ୟାକ ବିଷୟରେ ପ୍ରକାଶ କରିଥିଲା।

ଉପରୋକ୍ତ ଘଟଣା ପରେ ଓପନ୍‌ଏଆଇ ସଂସ୍ଥାଗୁଡ଼ିକୁ ଏ ନେଇ ଏହାର ଏଆଇ ଏଜେଣ୍ଟମାନଙ୍କ ଦ୍ୱାରା ପ୍ରଭାବିତ ୧୦୦ରୁ ଅଧିକ ପ୍ରତିଷ୍ଠାନକୁ ସତର୍କ କରାଇଛି। ତଥାପି, କମ୍ପାନୀ ଦାବି କରିଛି ଯେ ଏହି ପ୍ରତିଷ୍ଠାନଗୁଡ଼ିକର ତଥ୍ୟ ଚୋରି ହୋଇନାହିଁ। ତଦନ୍ତରୁ ଜଣାପଡିଛି ଯେ ଏହି ଏଆଇ ଏଜେଣ୍ଟମାନେ ଅନେକ ୱେବସାଇଟ୍କୁ ମନମାନି ଏବଂ ଅନଧିକୃତ ନିର୍ଦ୍ଦେଶ ପଠାଇ ଭୁଲ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଛନ୍ତି। ଏହା ବ୍ୟତୀତ, ସୁରକ୍ଷା ବ୍ୟବସ୍ଥାକୁ ଏଡ଼ାଇବା ପାଇଁ ଏହି ଏଜେଣ୍ଟମାନେ ୱେବସାଇଟ୍ଗୁଡ଼ିକୁ ଯୋଗାଯୋଗ ଚ୍ୟାନେଲ ଭାବରେ ବ୍ୟବହାର କରିଥିଲେ। ସେଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରି ପ୍ରତିଷ୍ଠିତ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ଏଡାଇଯିବାକୁ ଚେଷ୍ଟା କରିଥିଲେ। ଓପନ୍‌ଏଆଇ ସ୍ୱୀକାର କରିଛି ଯେ ଏହାର ସୁରକ୍ଷା ପଦକ୍ଷେପ ଏଆଇ ଏଜେଣ୍ଟମାନଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଜଣେ କମ୍ପାନୀ ମୁଖପାତ୍ର କହିଛନ୍ତି ଯେ ପ୍ରଭାବିତ ସଂଗଠନଗୁଡ଼ିକୁ ବୈଷୟିକ ତଥ୍ୟ ପ୍ରଦାନ କରାଯାଇଛି ଯାହା ଦ୍ୱାରା ସେମାନେ ସିଷ୍ଟମରେ ଥିବା ଉଲ୍ଲଂଘନ ଏବଂ ସୁରକ୍ଷା ତ୍ରୁଟିଗୁଡ଼ିକର ତଦନ୍ତ କରିପାରିବେ। ଏହାର ବିଫଳତା ପରେ, ଓପନ୍‌ଏଆଇ ଏବେ ଦାବି କରିଛି ଯେ ଏହା ଏଆଇ ମଡେଲର ଅସ୍ୱାଭାବିକ ଆଚରଣ ଏବଂ ସୁରକ୍ଷା ତ୍ରୁଟି ସମ୍ପର୍କରେ ଏହାର ତଥ୍ୟକୁ ସାର୍ବଜନୀନ କରିବ, ଯାହା ଦ୍ୱାରା ବିଶ୍ୱବ୍ୟାପୀ ସାଇବର ସୁରକ୍ଷା ବିଶେଷଜ୍ଞମାନେ ଏହି ବିପଦକୁ ସମାଧାନ କରିବା ପାଇଁ ସହଯୋଗ କରିପାରିବେ। ଜୁଲାଇ ମାସରେ ହଗିଂ ଫେସ୍ ଘଟଣା ପରେ ସୁରକ୍ଷା ନିୟମ କଡ଼ାକଡ଼ି କରାଯାଇଛି। ଏହି ମାମଲା ଏଆଇ ଦୁନିଆର ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ମଧ୍ୟରୁ ଗୋଟିଏ।

### ୪ ଟଙ୍କା ବଢ଼ିବ...

ଦେବାକୁ ହେବ। ଗୋଲ୍ଡ ପ୍ଲସ୍ ଦୁଗ୍ଧ ଲିଟର ପ୍ରତି ୨ଟଙ୍କା ବୃଦ୍ଧି ପାଇବ। ଏବେ ଏହା ଲିଟର ପିଛା ୬୪ ଟଙ୍କାରେ ମିଳୁଥିବା ବେଳେ ଆଉ ଦୁଇ ଦିନ ପରେ ୬୬ ଟଙ୍କା ହୋଇଯିବ। ଅର୍ଥାତ୍ ଗୋଲ୍ଡ ପ୍ଲସ୍ ଦୁଗ୍ଧ ୫୦୦ ମିଲି ଲିଟର ପ୍ୟାକେଟ୍ ପିଛା ୧ ଟଙ୍କା ବୃଦ୍ଧି ପାଇବ ବୋଲି ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି।


ଓଡ଼ିଶା ସରକାର 3001/57/2627
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ବିଜ୍ଞାପନ
୩୭ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୫ ପାଇଁ ଦରଖାସ୍ତ ଆହ୍ୱାନ

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୭ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୫ ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) ୩୧.୧୦.୨୦୨୬ ସୁଦ୍ଧା Registered / Speed Post /Parcel ମାଧ୍ୟମରେ ଦାଖଲ କରିପାରିବେ ଶ୍ରେଷ୍ଠ ଲେଖା (Book/ Monograph) ପାଇଁ ଲେଖକମାନେ ନିର୍ଦ୍ଧାରିତ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) ୩୧.୧୦.୨୦୨୬ ସୁଦ୍ଧା ଦାଖଲ କରିବେ।

ଆବେଦନ ସମ୍ବନ୍ଧୀୟ ବିଷଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ: culture.odisha.gov.in ରେ ଉପଲବ୍ଧ କରାଯାଇଅଛି।

ନିର୍ଦ୍ଦେଶକ
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଭୁବନେଶ୍ୱର
OIPR-3001/3029/1/26-27/0018



**AFFIDAVIT**

I, Sk Aflaque Ali, S/o Sk Afroz Ali, resident of Village – Samanga, P.S./Dist. – Jagatsinghpur, PIN – 754132, do hereby declare that in my Passport, my name is wrongly mentioned as "Shaikh Aflaque Ali", my father's name as "Shaikh Afroz Ali", and my wife's name as "Sanazsamim Jaha". The correct names as per my Aadhaar Card are "Sk Aflaque Ali", S/o "Sk Afroz Ali", and wife "Sahnaj Samim Jahan".I have sworn an affidavit for correction of the above particulars in my Passport vide Affidavit No. 14828 dated 25-09-2026.

**AFFIDAVIT**

By virtue of an affidavit no 12688, sworn before the Executive Magistrate Jajpur on dtd-01/10/2026. I Subrata Mahakul, S/o- Laxmidhar Mahakul, permanent resident of Vill/p.o-Fatepur, P.s- Binjharpur, Dist-Jajpur, Odisha Pin -755012, declared that I have changed my name from PRIYABRAT MAHAKUL (Old Name) to SUBRATA MAHAKUL(NEW NAME). Henceforth I shall be known as **SUBRATA MAHAKUL** for all future purposes.

SUBRATA MAHAKUL

**AFFIDAVIT**

By virtue of an affidavit (CF No. 40, dtd- 30.09.2026) sworn before The Executive Magistrate, Bhubaneswar. I, **A Kumar,** S/o A Ghanashyam, resident of QTR No.735, Block-58, Type-2, GC CRPF Camp, Bhubaneswar, Dist-Khordha, State: Odisha, PIN-761011 declare that I have changed my son's name from **Ala Kalap** to **Ala Jashank** in his school records at Kendriya Vidyalaya No.2 Bhubaneswar. Henceforth, my son shall be known as **Ala Jashank,** Date of Birth: **06/09/2014,** for all purposes and in all records.

**A Kumar**

# ବନ୍ୟାରେ ଗ୍ରାମ୍ୟରାସ୍ତା ଅବସ୍ଥା ଶୋଚନୀୟ

ଆରଡ଼ି,୨।୧୦(ସମିସ)



ବୈତରଣୀ ଓ ସାଳନ୍ଦୀ ନଦୀରେ ବାରମ୍ବାର ବନ୍ୟା ଆସିବା ଫଳରେ ଆରଡ଼ି ଅଞ୍ଚଳରେ ଥିବା ଚାରିଟି ପଞ୍ଚାୟତର ୨୪ଟି ଗ୍ରାମର ଗ୍ରାମ୍ୟ ରାସ୍ତା ଓ କୁଆଖିଆ ଆରଡ଼ି ଜାତୀୟ ରାଜପଥ ସମେତ ଗାଁଗୁଡିକୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ, ଆର.ଡି ରାସ୍ତା, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଭଳି ରାସ୍ତାଗୁଡିକ ନଷ୍ଟ ହୋଇଯାଇଛି । ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁରଠାରୁ ଖଟୁଆପାଟଣା ରାସ୍ତା, କୁଳେଇପଦାଠାରୁ ଚମ୍ପାସାହି ପାରିଡିହା ରାସ୍ତା, ଆରଡ଼ିଠାରୁ ମୁଆଁ ସନ୍ତରା ରାସ୍ତା, ଆରଡ଼ିଠାରୁ ବାଙ୍କମୁହାଣ ରାସ୍ତା ଭାୟା ନାନ୍ଦପୁର, ଆରଡ଼ିଠାରୁ ଧାନଖଣିଆ ଆର.ଡି ରାସ୍ତା, ଆରଡ଼ିଠାରୁ ଭାୟା ଶୀତଳପୁର ଦେଇଯାଇଥିବା ପାଳଟପୁର ରାସ୍ତା, ଆରଡ଼ି ତିନତର ରାସ୍ତାରୁ ସାନପଙ୍କି ଗ୍ରାମକୁ ସଂଯୋଗ ହୋଇଥିବା ଗ୍ରାମ୍ୟରାସ୍ତା, ବାଓ୍ୱୋଲ ଗ୍ରାମ୍ୟରାସ୍ତା, ସିଙ୍ଗିପୁର ଗ୍ରାମ୍ୟରାସ୍ତା, ଭଦ୍ରକ ଆରଡ଼ି ରାସ୍ତାରୁ ପହଣା ଗ୍ରାମକୁ ସଂଯୋଗ ହୋଇ ଥିବା ଉଭୟ ପାର୍ଶ୍ୱ ରାସ୍ତା, କୋଇଲେଖା ଗ୍ରାମ୍ୟ ରାସ୍ତା, ନାନ୍ଦପୁର ଗ୍ରାମ୍ୟ ରାସ୍ତା, ବାଙ୍କମୁହାଣ ଗ୍ରାମ୍ୟ ରାସ୍ତା, ବଡତଳ ଗ୍ରାମ୍ୟ ରାସ୍ତା, ବୋଡ଼କ ଗ୍ରାମ୍ୟ ରାସ୍ତା, ଦୋହରା ଗ୍ରାମ୍ୟ ରାସ୍ତା ଓ ସାଠିବାଙ୍କୁଡ଼ା ଗ୍ରାମ୍ୟ ରାସ୍ତାଗୁଡିକରେ ବନ୍ୟା ପାଣି ପ୍ରାୟତଃ ଦୁଇ ମାସରୁ ଉର୍ଦ୍ଧ ସମୟ ଧରି ରହିବାରୁ ଓ ପାଣିର ସୁଅ ଚାଲୁ ଥିବାରୁ ରାସ୍ତା ଗୁଡିକ ନଷ୍ଟ ହୋଇ ଯାଇଛି । ବିଶେଷ କରି ମତୋ ଆରଡ଼ି ରାସ୍ତାରେ ଯେଉଁ ମେଟାଲ ଓ ଡଷ୍ଟ ପଡିଥିଲା ତାହା ବନ୍ୟାରେ ଧୋଇ ଗଲା ପରେ ରାସ୍ତାର ଅବସ୍ଥା ଦୟନୀୟ ହୋଇ ପଡିଛି । କୁଆଖିଆ ଆରଡ଼ି ଜାତୀୟ ରାଜପଥ ୨୦ର ସ୍ଥିତି ଆହୁରି ଭୟଙ୍କର ହୋଇ ପଡିଛି । ସାଠିବାଙ୍କୁଡ଼ା ଠାରୁ ବୋଡ଼କ ପର୍ଯ୍ୟନ୍ତ ରାସ୍ତାର ପ୍ରାୟ କଂକ୍ରିଟଗୁଡିକ ଭାଙ୍ଗି ଗଲି ପଡିଛି । ବର୍ତ୍ତମାନ ସୁଦ୍ଧା କୌଣସି ବସ କିମ୍ବା ଟ୍ରକ ଯାଇ ପାରୁ ନାହିଁ । ଆରଡ଼ିଠାରୁ ବାଙ୍କାମୁହାଁ ରାସ୍ତାର ସ୍ଥିତି ବି ସଂଗୀନ । ସେହିଭଳି ଆରଡ଼ିଠାରୁ ପାଲଟପୁର ରାସ୍ତାର ଅବସ୍ଥା ବି ଅତି କଦର୍ଯ୍ୟ । ମୋଟା ମୋଟି ଦେଖିଲେ ଆରଡ଼ି ଅଞ୍ଚଳର ସମସ୍ତ ଗ୍ରାମ ରାସ୍ତା ସହିତ ବିଭିନ୍ନ ଅଞ୍ଚଳରୁ ଆରଡ଼ି କି ସଂଯୋଗ କରୁଥିବା ରାସ୍ତାଗୁଡିକ ବି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଯାତାୟାତ ପାଇଁ ଲୋକଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ । ଏ ସମସ୍ତ ରାସ୍ତାଗୁଡିକର ଯାଞ୍ଚ କରି ଏହାର ଦୁରବସ୍ଥା ଉପଲବ୍ଧି କରି ମରାମତି କରିବା ପାଇଁ ଦାବି ହେଉଛି ।

# ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ; ପଦଯାତ୍ରା ପ୍ରସ୍ତୁତି



ଭଦ୍ରକ,୨।୧୦(ସମିସ): ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀରେ ଭଦ୍ରକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଆଜି ଐତିହାସିକ ଭଦ୍ରକ ଗାନ୍ଧୀ ପଡ଼ିଆରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀ ଏକ ଶୋଭାଯାତ୍ରାରେ ଯାଇସକଳେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରିଥିଲେ । ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଜିଲ୍ଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଦେବିଦତ୍ତା ମହାନ୍ତି, ବ୍ଲକ ବିଜେଡି ସଭନେତ୍ରୀ ମମତା ନାୟକ, ଟାଉନ ବିଜେଡି ସଭାପତି ପଙ୍କଜ ବଳ, କାଉନସିଲର ପ୍ରତିନିଧି ତଥା ଟାଉନ ବିଜେଡି ଉପ ସଭାପତି ସୂର୍ଯ୍ୟ କୁମାର ଦାସ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି, ରାକେଶ ପଣ୍ଡା, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ଭାସ୍କର ମଲ୍ଲିକ, ସଚ୍ଚିଦାନନ୍ଦ ମହାନ୍ତି, ରାଜେଶ ଦାସ, ନଳିନୀ ପଣ୍ଡା ପ୍ରମୁଖ ବହୁ ନେତୃମଣ୍ଡଳୀ ତୃଣମୂଳ ସ୍ତରର କର୍ମକର୍ତ୍ତା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ପରେ ଏକ ଶୋଭାଯାତ୍ରା ଜିଲ୍ଲା ବିଜେଡ଼ି କାର୍ଯ୍ୟାଳୟରେ ପହଞ୍ଚି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲା । ଆଗାମୀ ଦିନରେ ପ୍ରତ୍ୟେକ ବ୍ଲକ୍‌ରେ ବିଜେଡି ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ପଦଯାତ୍ରା ଓ କଲେଜ ନିର୍ବାଚନ ପାଇଁ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ଧାମନଗର ବ୍ଲକ ବିଜେଡି

ବେତାଳିଗାଁ: ଧାମନଗର ବ୍ଲକ ପାଳସାହି ଗାନ୍ଧୀଘାଟସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ଧାମନଗର ବ୍ଲକ ବିଜେଡି ତରଫରୁ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ, ଧୁଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଅସୁରାଳି ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ଧୂସୁରୀ ଏନଏସି ବିଜେଡି ସଭାପତି ସମ୍ବିତ ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । କଟସାହି ସମିତିସଭ୍ୟ ଭାରତ ବିଜୟ ଦଳେଇ, ହସନାବାଦ ସରପଞ୍ଚ ଅଜୟ ମଳିକ,



ରଇପୁର ସରପଞ୍ଚ ଜଗତାନନ୍ଦ ସେଠୀ, ପାଳସାହି ପଞ୍ଚାୟତ ବିଜେଡି ସଭାପତି ବ୍ରଜେନ୍ଦ୍ର ମହାନ୍ତି, ପାଳସାହି ପୂର୍ବତନ ସରପଞ୍ଚ ଅନିଲ ଦାସ, କୃଷକ ନେତା ଭବରଞ୍ଜନ ମହାନ୍ତି, ଆଲୋକ ରାଉତ, ସୁକାନ୍ତ ମଳିକ, ଅଞ୍ଜନ ମହାଲିକ ଓ ଜିତେନ୍ଦ୍ର ଦାଶଙ୍କ ସମେତ ପାଳସାହି ଓ ରଇପୁର ଗ୍ରାମପଞ୍ଚାୟତର ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ ।

# ସ୍ୱତନ୍ତ୍ର ଡିଏଲ୍‌ଟିଏଫ୍ ବୈଠକ

ଭଦ୍ରକ,୨।୧୦(ସମିସ): ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସମ୍ପର୍କିତ ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଗୁରବାର ଭଦ୍ରକ କଲେକ୍ଟୋରେଟ୍‌ର ସଦ୍‌ଭାବନା ଗୃହରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭିନ୍ନ ଲାଇନ୍ ବିଭାଗିୟ ଅଧିକାରୀ, ଡିଏସ୍‌ପି, ସିଡବ୍ଲ୍ୟୁସି, ଡିସିପିୟୁ, ମିଶନ୍ ଶକ୍ତି, ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ, ଏଡିଇଓ, ଚାଇଲ୍ଡଲାଇନ୍, ଏନ୍‌ଜିଓ ଓ ଶ୍ରମ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଶିଶୁ ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର, ପୁନର୍ବାସ ଓ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ଆଲୋଚନା ସହ ୪୪ ଦିନିଆ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଅଭିଯାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅଭିଯାନର ପ୍ରସ୍ତୁତି ଓ ସମନ୍ୱିତ କାର୍ଯ୍ୟାନ୍ୱୟନ ପାଇଁ ସିଡିଓ, ଭଦ୍ରକଙ୍କ ଅଧ୍ୟକ୍ଷତାରେ ସମସ୍ତବିଡିଓଓଶ୍ରମଅଧିକାରୀଙ୍କୁନେଇଆଭାସିବୈଠକମଧ୍ୟଅନୁଷ୍ଠିତହୋଇଥିଲା ।

# ନୂତନ ବିଇଓଙ୍କ କାର୍ଯ୍ୟଭାର ଗ୍ରହଣ



ବାରିକପୁର, ୨।୧୦ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଅଭିଜିତ ବାରିକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଭାରପ୍ରାପ୍ତ ବିଇଓ କୈଳାସଚନ୍ଦ୍ର ଜେନା ଶ୍ରୀ ବାରିକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ନୂତନ ବିଇଓ ପୂର୍ବରୁ କୋରେଇ ବ୍ଲକ ଶଙ୍ଖଚିଲାସ୍ଥିତ ମା ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ । ପଦୋନ୍ନତି ପରେ ସେ ଏଠାକୁ ବଦଳି ହୋଇ ଆସିଛନ୍ତି । ନୂତନ ଶିକ୍ଷା ଅଧିକାରୀଙ୍କୁ ଏବିଇଓ ମଞ୍ଜୁଳା ନାୟକ, ମନୋଜ ଜେନା, ସୁନାକର ଧଳ, ନିଖିଲ ଦେ, ଶଶିଭୂଷଣ ଜେନା, ମୋନାଲିସା ବିଶ୍ୱାଳ, ଆଶୁତୋଷ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି । ଦୀର୍ଘ ଦିନ ହେବ ଏଠାରେ କେହି ନିୟମିତ ଅଧିକାରୀ ନଥିବା ବେଳେ ପାଖାପାଖି ଦେଢ଼ ବର୍ଷ ପରେ ବିଇଓ ପଦ ପୂରଣ ହୋଇଛି ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀ




ଭଦ୍ରକ, ୨।୧୦ (ସମିସ): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ଇଚ୍ଛାପୁରସ୍ଥିତ କାର୍ମେଲ ସ୍କୁଲରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରତିଷ୍ଠାନର ସଭାପତି ଅଖିଳ କୁମାର ପାଢୀ ଏବଂ ସମ୍ପାଦକ ପବନ ଶର୍ମାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ମେଲ ସ୍କୁଲର ଅଧ୍ୟକ୍ଷା ସିଷ୍ଟ ଜୋସ୍ମିନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ସମାଜସେବୀ ଏସ୍. ଏମ୍. ଫାରୁକଙ୍କୁ "ଗାନ୍ଧୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଭଦ୍ରକର ବିଭିନ୍ନ ସ୍କୁଲରେ କୁଇଜ୍ ଓ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଏବଂ ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ମେଲ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ଏଥିସହ ଗାନ୍ଧୀ ବେଶ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଦିବ୍ୟସିଂହ ନାୟକ, ଲଲାଟେନ୍ଦୁ ମହାନ୍ତି, ଅଜୟ ଧଳ ପ୍ରମୁଖ ଗାନ୍ଧୀ ଜୟନ୍ତୀ ପାଳନର ଯଥାର୍ଥତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ରବିନାରାୟଣ ପାଣିଗ୍ରାହୀ, ସୀତାକାନ୍ତ ଦାସ, ହରି ନନ୍ଦୀ, ସରୋଜ ଦାସ, ଉତ୍ପଳ କାନ୍ତି ଦାସ, ବିଶାଲ ଲଖାନି, ହରି ଧଳ, ସନ୍ତୋଷ ଦିଦୱାନିଆ, ଲକ୍ଷ୍ମୀକାନ୍ତବାରିକ, ବିଦ୍ୟାଧରବାରିକ, ଭୂପେନ୍ଦ୍ର ବେହେରା, ସୋନୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଏନଆରଆଇ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଗାନ୍ଧୀ-ଶାସ୍ତ୍ରୀ ଜୟନ୍ତୀ

ଭଦ୍ରକ,୨।୧୦(ସମିସ): ଭଦ୍ରକ ଆରଡ଼ି ଛକସ୍ଥିତ ଏନଆର ଆଇ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ତତ୍ତ୍ୱାବଧାନରେ ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, କମଳା ସାହୁ, ଅଶ୍ୱିନୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ମହାପୁରୁଷମାନେ ଯୁଗେ ଯୁଗେ ଆମ ପ୍ରେରଣାର ଉତ୍ସ ଅଟନ୍ତି ବୋଲି ସେମାନେ ମତବ୍ୟକ୍ତ କରିଥଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ରାମଧୁନ ପରିବେଷଣ କରିଥିଲେ । ଶେଷରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଯୁବତୀଙ୍କୁ ଅସଦାଚରଣ; ଅଭିଯୁକ୍ତ ଫେରାର

ଧାମନଗର,୨।୧୦(ସମିସ): ଧାମନଗର ଥାନାଞ୍ଚଳରେ ସେପ୍ଟେମ୍ବର ୨୮ ରାତିରେ ଘରେ ଏକାକୀ ଶୋଇଥିବା ଜଣେ ଯୁବତୀଙ୍କ ଘରେ ପଶି ଅସଦାଚରଣ କରିଥିବା ନେଇ ଜଣେ ଯୁବକଙ୍କ ବିରୋଧରେ ଧାମନଗର ଥାନାରେ ସଙ୍ଗିନ ଅଭିଯୋଗ ହୋଇଛି । ସେହି ଗ୍ରାମର ହରେକୃଷ୍ଣ ଜେନା ଓରଫ ବାବୁଲୁ (୨୫) ଘରେପଶିଅସଦାଚରଣକରିଥିବା ଯୁବତୀ ଅଭିଯୋଗ କରିଛନ୍ତି । ଯୁବତୀ ଭୟଭୀତ ହୋଇ ଚିତ୍କାର କରିବାରୁ ପାଖପଡ଼ୋଶୀ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ । ଲୋକଙ୍କ ଉପସ୍ଥିତି ଜାଣି ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏହାକୁ ଆଧାର କରି ଥାନା ଅଧିକାରୀ ଶୁଭଜିତ ଦାଶଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ଶିବଶଙ୍କର ଖିଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି ।

# ମହାତ୍ମାଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ

ଭଦ୍ରକ, ୨।୧୦(ସମିସ): ମହାତ୍ମାଗାନ୍ଧୀ ବିଚାରମଞ୍ଚ ଆନୁକୂଲ୍ୟରେ ମହାମାନବ ମହାତ୍ମାଗାନ୍ଧୀଙ୍କ ୧୫୭ତମ ଓ ଲାଲବାହାଦୁର ଶାସ୍ତ୍ରୀଙ୍କର ୧୨୨ତମ ଜୟନ୍ତୀ ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଶାନ୍ତନୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ଆରମ୍ଭରେ ଯୁଗ୍ମ ସଂପାଦକ ମଦନ ମୋହନ ନାୟକ ଅତିଥିଙ୍କ ସ୍ୱାଗତ କରିଥିଲେ । ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀଗଣ ଗାନ କରିଥିଲେ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଡ଼. ରାମଚନ୍ଦ୍ର ପଣ୍ଡା ଦେବାପରେ ସଂପାଦକ ସୁଧାକର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥିଭାବେ ପାରାଦୀପ ମହାବିଦ୍ୟାଳୟର ସେବାନିବୃତ୍ତ ଅଧ୍ୟକ୍ଷ ଡ଼. ସୁରେନ୍ଦ୍ର ମୋହନ ମିଶ୍ର ଓ ଅନ୍ୟତମ ଅତିଥିଭାବେ ସମ୍ବର୍ଦ୍ଧିତ ପ୍ରତିଭା ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଡ଼. ପ୍ରଭାସ ଆଚାର୍ଯ୍ୟ ଯୋଗଦାନ କରିଥିଲେ । ସଭାରେ ଡ଼. ପ୍ରଭାସ ଆଚାର୍ଯ୍ୟ, ବିଶିଷ୍ଟ ଶିକ୍ଷାବିତ୍ ତଥା ସେବାନିବୃତ୍ତ ପ୍ରାଧ୍ୟାପକ ଡ଼. ଗୋଲକ ପ୍ରସାଦ ସାହୁ ଓ ସମାଜସେବୀ ଡ଼. ଭଗବାନ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ ବୈଲୋଚନ ବେହୁରିଆ, ଜାନକୀ ପାଢ଼ୀ, ଦିପ୍ତିମୟୀ ସାହୁ । ସମ୍ବର୍ଦ୍ଧିତ ପ୍ରତିଭା ଡ଼. ଗୋଲକ ବିହାରୀ ସାହୁଙ୍କ ଉଦ୍ଦେଶ୍ୟରେ ତାଙ୍କ ପୁରାତନ ଛାତ୍ରୀ, ପ୍ରାଧ୍ୟାପିକା ଉତ୍ପଳା ନାୟକ ଏକ ସଂକ୍ଷିପ୍ତ ଜୀବନ ଇତିହାସ ବର୍ଣ୍ଣନା କରିଥିଲେ । ସକାଳ ୮ଟା ସମୟରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଗାନ୍ଧୀ ପଡ଼ିଆଠାରେ ବିଚାରମଞ୍ଚର ସଭ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଯୁଗ୍ମ ସଂପାଦକ ମୁକ୍ତିକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ହରମୋହନ କୁଅଁର, ଭାସ୍କରଚନ୍ଦ୍ର ନାୟକ, ରମାକାନ୍ତ ନାୟକ, ଆଦିତ୍ୟ ନାୟକ, ଆଦିତ୍ୟ ଗୋସ୍ୱାମୀ, ପ୍ରତାପଚନ୍ଦ୍ର ନାୟକ, ପଦ୍ମନାଭ ନାୟକ, ପରମାନନ୍ଦ ସାହୁ, ଅଜିତ ନାୟକ, କରୁଣାକର ଉପାଧ୍ୟାୟ, ଡ଼. ବ୍ରଜମୋହନ ମିଶ୍ର, ବାସୁଦେବ ବାରିକ୍, ଇନ୍ଦ୍ରମଣି ପଣ୍ଡା, ଶଶଧର ନାୟକ, ଚନ୍ଦ୍ରଶେଖର ନାୟକ, ବିଚିତ୍ରାନନ୍ଦ ମହାନ୍ତି, ଶାନ୍ତିଲତା ବାରିକ୍, ସଂଯୁକ୍ତା ଯାଦବ, ମନୋରମା ରାୟ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଯୋଗ ଦେଇଥିଲେ ।




# ଦିବଂଗତ ବିଧାୟକ ମାନସ ମଲ୍ଲିକଙ୍କ ସ୍ମୃତିରେ ଚକ୍ଷୁ ଚିକିତ୍ସା ଶିବିର ପ୍ରସ୍ତୁତି



ଅସୁରାଳି, ୨।୧୦(ସମିସ): ଦିବଂଗତ ବିଧାୟକ ମାନସ ମଲ୍ଲିକଙ୍କ ନବମ ଶ୍ରାଦ୍ଧ ଦିବସ ଅବସରରେ ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦସ୍ଥିତ ହୃଦାନନ୍ଦ କଲ୍ୟାଣ ମଣ୍ଡପରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯିବ । ଏହି ଶିବିରକୁ ସୁଚାରୁରୂପେ ଆୟୋଜନ କରିବା ନିମନ୍ତେ ସ୍ମୃତି କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି କମିଟିର ସଭାପତି ତଥା ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲଙ୍କ ନେତୃତ୍ୱରେ ପାଳସାହିସ୍ଥିତ ଗାନ୍ଧୀଘାଟ ଏବଂ ହସନାବାଦସ୍ଥିତ ହୃଦାନନ୍ଦ କଲ୍ୟାଣ ମଣ୍ଡପ ପରିସରରେ ଏହି ବୈଠକ ଦୁଇଟି ଆୟୋଜିତ ହୋଇଥିଲା । ବୈଠକରେ ଶିବିରର ସୁପରିଚାଳନା, ରୋଗୀଙ୍କ ପଞ୍ଜୀକରଣ, ଚିକିତ୍ସା ବ୍ୟବସ୍ଥା ଏବଂ ଆବଶ୍ୟକୀୟ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଧୂଷୁରୀ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ନିର୍ବାଚନମଣ୍ଡଳୀ ନେତା ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଧୂଷୁରୀ ସେବା ସମବାୟ ସମିତିର ସଭାପତି ସନ୍ଦୀପ ସ୍ୱାଇଁ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ରାଇପୁର ସରପଞ୍ଚ ଜଗତାନନ୍ଦ ସେଠୀ, ବରିଷ୍ଠ ନେତା ଉମେଶ ତ୍ରିପାଠୀ, ସନ୍ତୋଷ ରାୟ, ଅନନ୍ତ ନାୟକ, ଦଶରଥ ମଲ୍ଲିକ ଏବଂ ନେତ୍ରସାଥୀ କଳ୍ପନା ନାୟକଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ଗାନ୍ଧୀ-ଶାସ୍ତ୍ରୀ ଜୟନ୍ତୀ, ୮ରେ ଓଡ଼ିଶା ବନ୍ଦ ପ୍ରସ୍ତୁତି

ଭଦ୍ରକ,୨।୧୦(ସମିସ): ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀରେ ଭଦ୍ରକ ଗାନ୍ଧୀ ପଡିଆଠାରେ ପ୍ରତିଷ୍ଠିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଏକ ସାଧାରଣ ବୈଠକରେ ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ମୁଖ୍ୟ ନିର୍ବାଚନ କମିସନର ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ସାମିଲ କରିବା, ଏସ୍‌ଆଇଆର୍ ବାତିଲ, ଇଭିଏମ ହଟାଇବା, ବାଲାଟ ପେପରରେ ଭୋଟ କରାଇବା, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଦାବି ସହ ଏମଏମ୍‌ଡିଆର ସଂଶୋଧନ ଆଇନ ବାତିଲ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ବନ୍ୟାରେ ମୃତ୍ୟୁ ବରଣ କରିଥିବା ସାଧାରଣ ଜନତା ଓ ବନ୍ୟା ପ୍ରପୀଡିତଙ୍କୁ ଉପଯୁକ୍ତ କ୍ଷତିପୂରଣ ଆଦି ଦାବିନେଇ ଇଣ୍ଡିଆ ମେଣ୍ଟ ତରଫରୁ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇଏମ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇ(ଏମଏଲ) ଲିବରେସନ ଜିଲ୍ଲା ସଂପାଦକ ସମର ବଳଙ୍କ ମିଳିତ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଗୁଡିକୁ ସଫଳ ରୂପାୟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ୩ ଅକ୍ଟୋବରରୁ ୫ ଅକ୍ଟୋବର ପର୍ଯ୍ୟନ୍ତ ବ୍ଲକସ୍ତରୀୟ ପ୍ରତିବାଦ ଓ ପଥପ୍ରାନ୍ତ ସଭା, ୬ ଅକ୍ଟୋବରରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ବିକ୍ଷୋଭ, ଅକ୍ଟୋବର ୭ରେ ଭଦ୍ରକ ସହର ସହିତ ୭ଟି ବ୍ଲକ ସଦର ମହକୁମାରେ ମଟର ସାଇକଲ ରାଲି ସହ ଗାଡି ପ୍ରଚାର କାର୍ଯ୍ୟକ୍ରମ, ଅକ୍ଟୋବର ୮ ତାରିଖରେ ଓଡିଶା ବନ୍ଦକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

# ଧାନ ଚାଷକୁ ଝୁଣି ଦେଉଛନ୍ତି ମାଟିଆ ଗୁଣ୍ଡି

ବାରିକପୁର, ୨।୧୦(ସମିସ): ଲଗାଣ ବର୍ଷା ଓ ବନ୍ୟା ପରେ ଏବେ ଖରିଫ ଧାନ ଫସଲକୁ ବିଭିନ୍ନ କୀଟ ପୋକ ଆକ୍ରମଣ କରୁଛନ୍ତି । ବିଶେଷ କରି ମାଟିଆ ଗୁଣ୍ଡି ପୋକ ଧାନ ଗଛ ଗୁଡ଼ିକୁ ଝୁଣିଦେଉଛନ୍ତି । ପୋକ ଲାଗିବାରୁ ଧାନ ଗଛଗୁଡ଼ିକ ଧଳା ପଡି ଯାଉଛି । ଆବଶ୍ୟକ ରାସାୟନିକ ସାର ପ୍ରୟୋଗ ପରେ ମଧ୍ୟ ରୁଆ ଧାନ ହୃଷ୍ଟପୃଷ୍ଟ ହେଉନାହିଁ । ପତ୍ର ପୋଡି ଯିବା ଭଳି ହେଉଛି । ଏପରିକି କେତେକ ଜମିରେ ପତ୍ର ଛିଣ୍ଡି ପାଣିରେ ଭାସୁଥିବା ଚାଷୀ ମାନେ ଜଣାଇଛନ୍ତି । ବିଷ ପ୍ରୟୋଗ ପରେ କିଛି ଦିନ ପାଇଁ ପୋକ କମୁଥିବା ବେଳେ କୀଟ ନାଶକ ପ୍ରଭାବ ହ୍ରାସ ହେଲେ ପୁଣି ମାଟିଆ ଗୁଣ୍ଡି ଜମିରେ ମାଡି ଯାଉଛି । ଚାଷୀମାନେ ବାରମ୍ବାର ବିଷ ପ୍ରୟୋଗ କରି ନୟାନ୍ତ ହେଉଛନ୍ତି । ଏପରିସ୍ଥଳେ ଜିଲ୍ଲା କିମ୍ବା ଉପଖଣ୍ଡ କୃଷି କାର୍ଯ୍ୟାଳୟଠାରେ ଥିବା କୀଟ ପୋକ ବିଶେଷଜ୍ଞ କ୍ଷେତ୍ରକୁ ଆସି ସ୍ଥିତି ଅନୁଧ୍ୟାନ କରୁ ନାହାନ୍ତି । ଫଳରେ ଚାଷୀମାନେ ଚାଷ କରି ନିରୁତ୍ସାହିତ ହେଉଛନ୍ତି । ବ୍ଲକ ଅଧୀନସ୍ଥ ଜଳମଣ୍ଡୁଆ, ବିଷ୍ଣୁପୁର, ରହଣିଆ, ନିର୍ଗୁଣ୍ଡି, ମାଳଦା, ନପଙ୍ଗ, କୋରି ଗାଁ, ଝୁଟଣା ପ୍ରମୁଖ ବନ୍ୟା ପ୍ରଭାବିତ ଅଞ୍ଚଳରେ ପୋକ ଉପଦ୍ରବ ବୃଦ୍ଧି ପାଉଛି । ଏହାଛଡା ସରସଦା, ତେସିଙ୍ଗା, ରଣଜିତ, ରାଜେନ୍ଦ୍ରପୁର, ପାଟୁଳୀ, ରାମଚନ୍ଦ୍ରପୁର, ନେରଡା ପ୍ରମୁଖ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଜମିରେ ମଧ୍ୟ କୀଟ ପୋକ ବୃଦ୍ଧି ପାଉଥିବା ସୂଚନା ମିଳିଛି ।

# ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

ଭଦ୍ରକ,୨।୧୦(ସମିସ)

ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଜିଲ୍ଲାର ୩୦ଟି ଆଞ୍ଚଳିକ ସଂଘର କର୍ମକର୍ତ୍ତା ସମେତ ଜିଲ୍ଲା ସଦରମହକୁମାର ବ୍ଲକ ଓ ମୁନସିପାଲିଟିର ପାଖାପାଖି ୨୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ଉପସ୍ଥିତରେ ପାଳନ କରାଯାଇଛି । ସକାଳ ୭ରୁ ୯ଟା ଯୋଗ, ସ୍ୱାସ୍ଥ୍ୟପରୀକ୍ଷା ଓ ଜଳଖିଆ କାର୍ଯ୍ୟକ୍ରମ ପରେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ସମେତ ବରେଣ୍ୟ ବୃନ୍ଦ ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ,



ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ କୈଳାଶଚନ୍ଦ୍ର ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ମିତା ମାଝୀ, ଡାଲସାର ଉର୍ମିଳା ପାଣିଗ୍ରାହୀ ଯୋଗ ଦେଇଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଗୋବିନ୍ଦ ପୃଷ୍ଟି, ଶାନ୍ତନୁ ରାଉତ, ଡ଼.ଉତ୍ପଳା ନାୟକ, ଦୟାନିଧି ପୁହାଣ, ବେଣୁଧର ନାୟକ, ଶାନ୍ତିଲତା ବାରିକ, ନାରାୟଣଚନ୍ଦ୍ର ଦାଶ, ପ୍ରଫୁଲ୍ଲ ପରିଡା, କୟୁମ ଅଲି ସାହା, ଲକ୍ଷ୍ମୀଧର ମହାପାତ୍ର, ରତିକାନ୍ତ ପତି, ଚନ୍ଦ୍ରମଣି ଜେନା, ବଳରାମ ପାଢ଼ୀ, ଉମେଶ ମହାପାତ୍ର, ଅମୁଲ୍ୟ ମହାପାତ୍ର, ବଂଶୀଧର ବାରିକ, ନୃସିଂହ ପତି, ଡା.ପୂର୍ଣ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ମଲ୍ଲିକଙ୍କ ସମେତ ସମସ୍ତ ୩୫ ଜଣଙ୍କୁ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ସଂଗୀତ କାର୍ଯ୍ୟକ୍ରମ ସହ ଚରମ୍ପା ସଂଘର ବରିଷ୍ଠଙ୍କ ସହଯୋଗରେ ବୃକ୍ଷରୋପଣ କରାଯାଇଥିଲା । ମହାସଂଘର ବରିଷ୍ଠ ସଦସ୍ୟା ଡ଼. ରାଧାରାଣୀ ମହାପାତ୍ର ଅତିଥି ପରିଚୟ ଓ କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟ ଧନ୍ୟବାଦ ପ୍ରଦାନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ବରିଷ୍ଠ କର୍ମଚାରୀ ଅରୁଣ ବସନ୍ତିଆ, ଚିତ୍ତରଞ୍ଜନ ସିଂ, ଓମଶକ୍ତି ଦାସ, ସୌମ୍ୟା ମହାରଣା, ପଦ୍ମିନୀ ସିଂ, ସୁଜାତା ମଲ୍ଲିକ, ସୌମ୍ୟଜିତ ବେହେରା, ପ୍ରକାଶ ସାହୁ, ବିଦୁଶଙ୍କର ନାୟକ, ଜ୍ଞାନଞ୍ଜୟ ସାହୁ, ବୁଦ୍ଧଦେବ ବାରିକ ସହଯୋଗ କରିଥିଲେ ।

## ଆଠ ଫୁଟ୍‌ର ଅଜଗର ଉଦ୍ଧାର

ବାରିକପୁର, ୨।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ବଳୀପୁର ଗାଁର ଶାସନଠାରୁ ଏକ ଆଠ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି । ଗତ ଗୁରୁବାର ରାତି ପ୍ରାୟ ୯.୩୦ ମିନିଟ ସମୟରେ ଗାଁର ଜଣେ ନାବଳ ଶୌଚ ହେବାକୁ ବାହାରକୁ ଯାଇଥିଲେ । ଏହି ସମୟରେ ବୈତରଣୀ କୂଳ ଅନତି ଦୂରରେ ଏକ ଅମରି ବୁଦାରେ ଅଜଗର ବିଚରଣ କରୁଥିବା ପିଲାଟି ଦେଖିବାକୁ ପାଇଥିଲା । ଏନେଇ ଗାଁ ଲୋକଙ୍କୁ କହିବା ପରେ ଘଟଣାସ୍ଥଳରେ ସ୍ଥାନୀୟ ବାସିନ୍ଦାମାନେ ଅକ୍ଷତ ଅବସ୍ଥାରେ ସାପକୁ ଉଦ୍ଧାର କରି ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଥିଲେ । ଆଜି ଫରେଷ୍ଟର ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଅଜଗରକୁ ନେଇ ହଦଗଡ଼ ଜଙ୍ଗଲରେ ଛାଡିଥିବା ଜଣାପଡିଛି । ଏହା ପୂର୍ବରୁ ବଳିପୁର ନିକଟସ୍ଥ ବନ୍ଧାଳ ମଢିଆଳୀ ନଦୀ ବନ୍ଧ ଉପରୁ ମଧ୍ୟ ଏକ ପନ୍ଦର ଫୁଟ ଲମ୍ବ ଅଜଗର ଉଦ୍ଧାର ହୋଇଥିଲା । ଚଳିତ ବର୍ଷ ବାରମ୍ବାର ବନ୍ୟା ଆସିବା କାରଣରୁ ନଦୀ କୂଳିଆ ସ୍ଥାନରେ ଭିନ୍ନ ଜାତିର ସାପଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡିଛି ।

## ସଫେଇ ନାମରେ ଅର୍ଥ ହଡ଼ପ ଅଭିଯୋଗ, ନିରପେକ୍ଷ ତଦନ୍ତ ଦାବି

ଅସୁରାଳି, ୨।୧୦(ସମିସ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସାରା ଦେଶରେ ସ୍ୱଚ୍ଛତା ହିଁ ସେବା ନାରା ଦିଆଯାଉଥିବା ବେଳେ ଧାମନଗର ବ୍ଲକ ନଦୀଗାଁ ପଞ୍ଚାୟତରୁ ସାଂଘାତିକ ଅଭିଯୋଗ ଆସିଛି । ଗୁରୁବାର ନଦୀଗାଁ ପଞ୍ଚାୟତ ପକ୍ଷରୁ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମାତ୍ର ବାସ୍ତବରେ କୌଣସି ପ୍ରକୃତ ସଫେଇ କାମ ନକରି କେବଳ ଦେଖାଇବା ପାଇଁ ଔପଚାରିକତା ପାଳନ କରାଯାଇଥିବା ଅଭିଯୋଗ ହେଉଛି । କାର୍ଯ୍ୟକ୍ରମ ନାମରେ ବଡ଼ ଆକାରର ସରକାରୀ ଅର୍ଥ ଖର୍ଚ୍ଚ ଦର୍ଶାଯାଇ ଏହାକୁ ଆତ୍ମସାତ୍ କରିବାକୁ ଯୋଜନା କରାଯାଇଥିବା ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ସରକାରୀ ଅର୍ଥର ଏଭଳି ବାଟମାରଣା ଯଦି ସତ୍ୟ ହୋଇଥାଏ, ତେବେ ଏହା ସ୍ୱଚ୍ଛତା ଅଭିଯାନ ଭଳି ମହତ୍ ଉଦ୍ଦେଶ୍ୟକୁ କେବଳ ପ୍ରହସନରେ ପରିଣତ କରୁନାହିଁ, ବରଂ ପ୍ରଶାସନିକ ସ୍ୱଚ୍ଛତା ଉପରେ ବିରାଟ ପ୍ରଶ୍ନବାଚୀ ଲଗାଉଛି । ସଫେଇ ନାମରେ କେତେ ଅର୍ଥ ବରାଦ ହୋଇଥିଲା, ବାସ୍ତବରେ କେତେ ଖର୍ଚ୍ଚ ହୋଇଛି ଏବଂ ସଫେଇର ଅସଲ ସ୍ଥିତି କ'ଣ ତାହାର ନିରପେକ୍ଷ ତଦନ୍ତ କରିବାକୁ ଦାବି ହୋଇଛି । ଯଦି ଅର୍ଥର ହେରଫେର ହୋଇଥାଏ, ତେବେ ଘଟଣାରେ ସମ୍ପୃକ୍ତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ମଦ ଦୋକାନ ସ୍ଥାନାନ୍ତର ପାଇଁ ତେଜୁଛି ଜନଅସନ୍ତୋଷ

ଦୋଳସାହି,୨।୧୦(ସମିସ): ତିହିଡି ସଦର ବଜାରସ୍ଥିତ ସରକାରୀ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରିବା ଲାଗି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି । ସାମାଜିକ କର୍ମୀ ନାରାୟଣଚନ୍ଦ୍ର ବାରିକଙ୍କ ଅଭିଯୋଗମୂଳେ ହାଇକୋର୍ଟରେ ଖୁବ୍‌ଶିଘ୍ର ଏହାର ଶୁଣାଣି ହେବାକୁ ଯାଉଛି ବୋଲି ସୂଚନା ମିଳିଛି । ହଜାର ହଜାର ଲୋକଙ୍କ ସମାଗମରେ ସଦର ବଜାର ଫାଟି ପଡୁଥିବା ବେଳେ ମଦ ଦୋକାନ ସ୍ଥାନାନ୍ତର ଏହାର ଏକମାତ୍ର ବିକଳ୍ପ ବୋଲି ଶ୍ରୀ ବାରିକ ଗତ ୦୫.୦୨.୨୬ରେ ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ, ଜିଲ୍ଲା ଅବକାରୀ ବିଭାଗର ଅଧିକାରୀଙ୍କୁ ଅବଗତ କରିଥିଲେ । ସେହିପରି ୧୯.୦୩.୨୬ରେ ଓଡିଶା ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିଥିଲେ ଏବଂ ରାଜ୍ୟପାଳଙ୍କ ଦପ୍ତରରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଲାଗି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ହୋଇଥିଲା ହେଲେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବାରୁ ବାଧ୍ୟ ହୋଇ ଶ୍ରୀ ବାରିକ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି । ସେହିପରି ଦୋଳସାହି ସରକାରୀ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ଦୀର୍ଘବର୍ଷ ଧରି ଅଭିଯୋଗ ହୋଇଥିଲା ବେଳେ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ନଥିବା ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଗଣପତି ସାମଲଙ୍କ ବିୟୋଗ



ତିହିଡି,୨।୧୦(ସମିସ): ସମାଜସେବୀ ଗଣପତି ସାମଲଙ୍କ ୮୪ ବର୍ଷରେ ମୃତ୍ୟୁ ଘଟିଛି । ତଳଗୋପବିନ୍ଧା ପଞ୍ଚାୟତର ସେ ଅଧିବାସୀ ଓ ତାଙ୍କର ବାର୍ଦ୍ଧକ୍ୟଜନିତ ମୃତ୍ୟୁ ହୋଇଛି । ମୃତ୍ୟୁ ପର୍ଯ୍ୟନ୍ତ ବିଜୁ ବାବୁଙ୍କ ଆଦର୍ଶ ଅନୁପ୍ରାଣିତ ହେବା ସହ ପୂର୍ବତନ ବିଧାୟକ ବିଜୟ ନାୟକ, ରାଜେନ୍ଦ୍ର କୁମାର ଦାସଙ୍କ ସେ ଅତି ପ୍ରିୟ ଲୋକ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ବିଜୁ ଜନତା ଦଳର ଭଦ୍ରକ ଜିଲ୍ଲା ଉପସଭାପତି ବାବୁଲା ରାଉତ, ତିହିଡ଼ି ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାୟକ ବିଜୁ ଜନତା ଦଳର ଉପସଭାପତି ଗଣେଶ ନାୟକ, ତଳଗୋପବିନ୍ଧା ପଞ୍ଚାୟତର ପୂର୍ବତନ ସରପଞ୍ଚ ଆଦିତ୍ୟ ଜେନା ଶବାଧର ଶୋଭାଯାତ୍ରାରେ ଉପସ୍ଥିତ ଥିଲେ । ବିଭିନ୍ନ ଗାଁରୁ ବୁଦ୍ଧିଜୀବୀ, ଶୁଭେଚ୍ଛୁ ଏବଂ ବନ୍ଧୁ ପରିଜନ ଉପସ୍ଥିତ ହୋଇଥିବାରୁ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ତାଙ୍କର ଜ୍ୟୋଷ୍ଠପୁତ୍ର ମୃତ୍ୟୁଞ୍ଜୟ ସାମଲ (ଚନ୍ଦନ) ମୁଖାଗ୍ନି ଦେଇଥିଲେ ।

## ୬୮ ଦିନରେ ପହଞ୍ଚିଲା ଧାରଣା

# ଅକ୍ଟୋବର ୯ରେ ପୁଣି ରେଳରୋକ

### ଭଦ୍ରକ ଜିଲ୍ଲା ବିକାଶ ପରିଷଦ, ଜିଲ୍ଲା ଟିପର ଓ ବିଶ୍ୱକର୍ମା ମାଲିକ ସଂଘର ନିଷ୍ପତ୍ତି

ଭଦ୍ରକ, ୨।୧୦(ସମିସ)




ଧାମରା ବନ୍ଦରରେ ସ୍ଥାନୀୟଯୁବକଯୁବତୀଙ୍କୁ ନିଯୁକ୍ତି, ଗାଡ଼ି ମାଲିକଙ୍କ ସମସ୍ୟାର ସମାଧାନ ଓ ବନ୍ଦର କର୍ତୃପକ୍ଷଙ୍କ କଥିତ ମନମୁଖୀ କାର୍ଯ୍ୟକଳାପର ପ୍ରତିବାଦରେ ଦୀର୍ଘ ଦେଢ଼ ବର୍ଷ ଧରି ଚାଲିଆସୁଥିବା ଆନ୍ଦୋଳନ ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬୮ଦିନ ଧରି ପ୍ରତୀକାତ୍ମକ ଧାରଣାରେ ପହଞ୍ଚିଛି । ଆଜି ଗାନ୍ଧୀ ଜୟନ୍ତୀରେ ଧାରଣାସ୍ଥଳରେ ବସିଥିବା ଭଦ୍ରକ ଜିଲ୍ଲା ବିକାଶ ପରିଷଦ, ଜିଲ୍ଲା ଟିପର ଓ ବିଶ୍ୱକର୍ମା ମାଲିକ ସଂଘର କର୍ମକର୍ତ୍ତା ପୁଣି ଏକ ନିଷ୍ପତ୍ତି ନେଇଛନ୍ତି । ଭଦ୍ରକ ଜିଲ୍ଲା ବିକାଶ ପରିଷଦ ତଥା ଜିଲ୍ଲା ଟିପର ଡମ୍ପର ଟ୍ରକ୍ ମାଲିକ ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର ଓ ସାଧାରଣ ସଂପାଦକ ଜ୍ୟୋତିପ୍ରକାଶ ମହାନ୍ତିଙ୍କ କହିଛନ୍ତି ଯେ ଗତ ଦେଢ଼ ବର୍ଷ ମଧ୍ୟରେ ସେମାନଙ୍କ ସଂଘ ପକ୍ଷରୁ ଦୁଇଥର ରେଳରୋକ କରାଯାଇଛି । ଏଥିସହ ଜାତୀୟ ରାଜପଥ-୧୬ରେ ମଧ୍ୟ ଗାଡ଼ି ଅଟକାଇ ପ୍ରତିବାଦ କରାଯାଇଥିଲା । ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟୋକନ ଷ୍ଟ୍ରାଇକ୍ କରାଯାଇଥିବାବେଳେ ପ୍ରାୟ ୬୮ ଦିନ ଧରି ରିଲେ ଷ୍ଟ୍ରାଇକ୍ ମଧ୍ୟ ଚାଲିଛି । ତେବେ ଏହି ଧାରଣା ପରେ ମଧ୍ୟ କୌଣସି ସମାଧାନର ପନ୍ଥା ହୋଇପାରିନାହିଁ । ଆନ୍ଦୋଳନକାରୀମାନେ ଆହୁରି କହିଛନ୍ତି ଯେ ଧାମରା ବନ୍ଦରର ବିକାଶ ଓ ପ୍ରତିଷ୍ଠାରେ ଭଦ୍ରକ ଜିଲ୍ଲା ତଥା ଓଡ଼ିଶାର ମୂଳବାସୀ ଲୋକଙ୍କ ଅବଦାନ ରହିଛି । ବିଶେଷକରି ଧାମରା ଅଞ୍ଚଳର ସ୍ଥାନୀୟ ଲୋକଙ୍କ ମଧ୍ୟରୁ କେତେକଙ୍କୁ ଚାକିରି ଓ ବ୍ୟବସାୟର ସୁଯୋଗ ମିଳୁଥିବାବେଳେ ବ୍ୟାପକ ଭଦ୍ରକ ଜିଲ୍ଲାର ଶିକ୍ଷିତ ବେକାର ଯୁବକଯୁବତୀ ଏବଂ ଗାଡ଼ି ମାଲିକମାନେ ଆବଶ୍ୟକ ସୁଯୋଗ ପାଉନାହାଁନ୍ତି । ଏଥିପାଇଁ ସେପ୍‌ଟେମ୍ବର ୯ ତାରିଖରେ ରେଳରୋକ ପାଇଁ ଆହ୍ୱାନ ଦିଆଯାଇଛି । ଏହି ରେଳରୋକରେ ଗାଡ଼ି ସମସ୍ୟା ସହିତ ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗକୁ ମଧ୍ୟ ପ୍ରମୁଖ ଭାବେ ଉଠାଯିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି । ଆଗାମୀ ଦିନରେ ବନ୍ଦର କର୍ତୃପକ୍ଷଙ୍କ ପକ୍ଷରୁ ସ୍ଥାନୀୟ ଲୋକଙ୍କ ଦାବିକୁ ଅଣଦେଖା କରାଗଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଆନ୍ଦୋଳନକାରୀମାନେ ସତର୍କ କରିଛନ୍ତି । ଏଥିସହ ଭଦ୍ରକ ଜିଲ୍ଲାର ଯୁବକଯୁବତୀ, ଗାଡ଼ି ମାଲିକ ଓ ସାଧାରଣ ଜିଲ୍ଲାବାସୀଙ୍କୁ ଅକ୍ଟୋବର ୯ର ରେଳରୋକରେ ସାମିଲ ହୋଇ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି । ସ୍ଥାନୀୟ ଶିକ୍ଷିତ ଯୁବକ-ଯୁବତୀଙ୍କୁ ଧାମରା ବନ୍ଦରରେ ନିଯୁକ୍ତି, ଗାଡ଼ି ମାଲିକଙ୍କ ସମସ୍ୟାର ସମାଧାନ ଏବଂ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଭାପତି ଶ୍ରୀ ରାୟମହାପାତ୍ର ପ୍ରକାଶ କରିଛନ୍ତି ।

## ଧାମନଗରରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କୁ ଶ୍ରଦ୍ଧାଞ୍ଜଳି



ଧାମନଗର, ୨।୧୦(ସମିସ): ଧାମନଗର ଅଞ୍ଚଳରେ ପବିତ୍ର ଗାନ୍ଧୀଜୟନ୍ତୀ ଅବସରରେ ଗାନ୍ଧୀଜୀ ଓ ଲାଲବାହାଦୁର ଶାସ୍ତ୍ରୀଜୀଙ୍କ ଜୟନ୍ତୀ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ପାଳିତ ହୋଇଯାଇଛି । ଧାମନଗର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ଉପସଭାପତି ସୁରଥଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଅନିଲ କୁମାର ବାରିକ, ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା, ଉପସଭାପତି ସେକ ଅବଦୁଲ ହାକିମ, ଉପଦେଷ୍ଟା ମହେଶ୍ୱର ସ୍ୱାଇଁ, ନିରାକାର ଧଳ, ରାମଚନ୍ଦ୍ର ସାହୁ, ସନ୍ତୋଷ ପାଢ଼ୀ, ବୁଦ୍ଧିରାମ ବେହେରା, ବିପିନ ଦାଶ, ପ୍ରଭଞ୍ଜନ ରାଉଳ, ଲମ୍ବୋଦର ମହାନ୍ତି, ଭିକାରୀ ବେହେରା, ବିଶ୍ୱନାଥ ବେହେରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମନୋଜ ଜେନା, ହେମେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ପରିଷଦର ସଦସ୍ୟ ତଥା ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଧାମନଗର ବ୍ଲକ ଅନ୍ତର୍ଗତ ଗାନ୍ଧୀଘାଟଠାରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ତତ୍ତ୍ୱାବଧାନରେ ଏଥିରେ ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ,ପ୍ରଦୀପ ମଲ୍ଲିକ,ସାରଦା ପ୍ରସନ୍ନ ସାହୁ,ଅଜୟ ମଲ୍ଲିକ,ନରେନ୍ଦ୍ର ନାରାୟଣ ନାୟକ,ସୀତାକାନ୍ତ ମିଶ୍ର,ଗଜେନ୍ଦ୍ର ମହାନ୍ତି,ବିଜୁ ମିଶ୍ର,ଭାରତ ବିଜୟ ଦଳାଇ, ସନ୍ଦୀପ ସ୍ୱାଇଁ,ବିଜୟକେତନ ସାହୁ, ରମେଶ ଜେନା,ଏମଡି ଜୟନୁଲ ହକ୍,ମୀର ମୁରତୁଜା,ଏମଡି ଫକିରୁଦ୍ଦିନ,ଅରୁଣ ସାହୁଙ୍କ ସମେତ ବହୁ ବିଜେଡି ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଗାନ୍ଧୀଘାଟଠାରେ ଯୋଗ ଦେଇଥିଲେ । ସମସ୍ତେ ମିଳି ଦେଶର ଉନ୍ନତି ଓ ଜନସେବା ପାଇଁ ନିଜ ନିଜ ସ୍ତରରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ । ନଗର ବିଜେଡି ସଭାପତି ବିଜୟକେତନ ସାହୁ ଧନ୍ୟବାଦ ଦେଇଥିଲେ ।

## ଯୁବ ସେବାବାହିନୀ ପକ୍ଷରୁ କୁନି ପ୍ରତିଭାଙ୍କୁ ସମ୍ମାନ



ବନ୍ତ/ଆଗରପଡ଼ା,୨।୧୦(ସମିସ): ବନ୍ତ ବ୍ଲକରେ ନୂତନଭାବେ ଗଢ଼ି ଉଠିଥିବା ସାମାଜିକ ସଂଗଠନ 'ଯୁବ ସେବା ବାହିନୀ' ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସଂଗଠନ ସଭାପତି ସରୋଜ କୁମାର ଜେନା ଓ ଉପସଭାପତି ରଞ୍ଜିତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଛୟାଳସିଂହ ପଂଚାୟତ ପଳସାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ କୁନି ପ୍ରତିଭାଙ୍କୁ ନେଇ ଏକ ପ୍ରତିଯୋଗିତା ଓ ସମ୍ମାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରତିଯୋଗିତାରୁ ମୋଟ ୬ ଜଣ ଛାତ୍ରଛାତ୍ରୀ ସଫଳ ହୋଇଥିବା ବେଳେ ସଫଳ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥିମାନେ ସାର୍ଟିଫିକେଟ୍, ଟ୍ରଫି ଓ ପାଠ୍ୟପୁସ୍ତକ ପ୍ରଦାନ କରି ସମ୍ମାନିତ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଗୁରୁଜୀ ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ସନ୍ତୋଷ ନାୟକ, ମୁଖ୍ୟବକ୍ତା ଭାବେ ଖଗେଶ୍ୱର ବେହେରା, ସଂଗଠନ ଉପଦେଷ୍ଟା ସନ୍ଦୀପ ଜେନା ଏବଂ ଅତିଥି ଭାବେ ଶିଶୁ ମନ୍ଦିର ସମ୍ପାଦକ ରବୀନ୍ଦ୍ର ପୃଷ୍ଟି ଯୋଗଦେଇଥିଲେ । ରମେଶଚନ୍ଦ୍ର ପାଢ଼ୀ ମଞ୍ଚ ସଂଚାଳନ କରିଥିବା ବେଳେ ସଂଗଠନ ବରିଷ୍ଠ ସଦସ୍ୟ ଖଗେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଦସ୍ୟ ସୁଜିତ ମାଝୀ, ସୌମ୍ୟରଞ୍ଜନ ଜେନା, ପ୍ରଶାନ୍ତ ବାରିକ, ମାର୍କଣ୍ଡ ଧଡ଼ା, ପଦ୍ମଲୋଚନ ବେହେରା, ଗୁରୁମା ସୁଜାତା ପଣ୍ଡା, ପୁଷ୍ପିତା ନାୟକ, ଗୀତାରାଣୀ ନାୟକ, ଜ୍ୟୋସ୍ନାରାଣୀ ସାହୁ ଓ ସେବିକା ତୁଳସୀ ଜେନା ସହଯୋଗ କରିଥିଲେ ।

## କାର୍ଯ୍ୟକ୍ଷମ ହେଲା ଗୋଷ୍ଠୀ ପରିମଳ କେନ୍ଦ୍ର



ବନ୍ତ/ଆଗରପଡ଼ା,୨।୧୦ (ସମିସ): ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସହ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବିଟିପୁର ପଞ୍ଚାୟତ ପକ୍ଷରୁ ଆଗରପଡ଼ା ମୁଖ୍ୟ ବଜାରଠାରେ ଶୌଚାଳୟ ଓ ଶୀତଳ ପାନୀୟ ଜଳ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି । ସପଞ୍ଚାୟତ କାର୍ଯ୍ୟାଳୟରୁ ଶତାଧିକ ମହିଳାଙ୍କ ସହ ଶୋଭାଯାତ୍ରାରେ ଆସି ବିଟିପୁର ସରପଞ୍ଚ ସୁଭଦ୍ରା ସିଂହ ଏହି ୨ଟି ପ୍ରକଳ୍ପକୁ ଉଦଘାଟନ କରିଥିଲେ । ବଡ଼ମହିଁଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ପିଇଓ ବୀରକିଶୋର ନାୟକ, ଯୁବନେତା ସପନ ସିଂହ ପ୍ରମୁଖଙ୍କ ସହ ୱାର୍ଡ଼ ମେମ୍ବରମାନେ ଏଥିରେ ଉପସ୍ଥିତ ଥିଲେ ।

## ମାଟିରେ ଲାଗିଛି ବିଦ୍ୟୁତ ସରଞ୍ଜାମ



ବାରିକପୁର, ୨।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ନେରଡା ବୈତରଣୀ ବନ୍ଧ ଉପରେ ଅତି ବିପଦ ସଙ୍କୁଳ ଭାବେ ରହିଛି ବିଦ୍ୟୁତ ଯୋଗାଣ ବ୍ୟବସ୍ଥା । ଖୋଲା ମେଲାରେ ଟ୍ରାନ୍ସଫର୍ମର ବସିଥିବା ବେଳେ ଉଚ୍ଚ କ୍ଷମତା ସଂପନ୍ନ ବିଦ୍ୟୁତ ତାର ମଧ୍ୟ ଓହଳି ରହିଛି । ଏପରିକି ଟ୍ରାନ୍ସଫର୍ମର ସହିତ ସଂଯୋଗ ଥିବା କିଛି ଯନ୍ତ୍ରାଂଶ ମଧ୍ୟ ମାଟିରେ ଲାଗିଛି । ରାତି ପାହିଲେ ଗ୍ରାମବାସୀ ଏହି ବାଟରେ ଯାତାୟାତ କରୁଥିବା ବେଳେ କେତେବେଳେ ଯେ କିଛି ଅଘଟଣ ନ ଘଟିବ କହି ହେଉନାହିଁ । ପାଖାପାଖି ଶହେ ପରିବାର ପାଇଁ ଏଠାରେ ବିଦ୍ୟୁତ ଭିତିଭୂମି ତିଆରି ହୋଇଥିବା ବେଳେ ଅନେକ ଦିନ ଧରି ବିପଦପୂର୍ଣ୍ଣ ଭାବେ ଏହା ରହିଛି । ତେଣୁ ଏଠାରେ ସୁରକ୍ଷା ପାଚେରି ନିର୍ମାଣ ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି । କେବଳ ନେରଡା ନୁହେଁ ବ୍ଲକର ବିଭିନ୍ନ ସ୍ଥାନରେ ଆଜି ବି ସୁଦ୍ଧା ବିପଦସଙ୍କୁଳ ଭାବେ ବିଦ୍ୟୁତ ଯୋଗାଣ ହେଉଥିବା ଦେଖାଯାଇଛି । ତେଣୁ ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ହୋଇଛି ।

## ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା ଅଭିଯାନ

ବାସୁଦେବପୁର, ୨।୧୦ (ସମିସ): ଓଡିଶା ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାସୁଦେବପୁର ଶ୍ରମ ବିଭାଗ ପକ୍ଷରୁ ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ଲୁଙ୍ଗା ଓ ଏଡତାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାର ୨୦୨୭ ସୁଦ୍ଧା ଶିଶୁ ଶ୍ରମିକ ମୁକ୍ତ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଏଡତାଳ ପଞ୍ଚାୟତର ପିଇଓ ସାବିତ୍ରୀ ସେଠୀ, ଅମରେନ୍ଦ୍ର ପଲାଇ, ବିଭିନ୍ନ ୱାର୍ଡମେମ୍ବର, ଅଙ୍ଗନବାଡି କର୍ମୀ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ଆମେ ଶିଶୁ ଶ୍ରମିକ ରଖିବୁ ନାହିଁ କି ଶିଶୁ ଶ୍ରମିକ ରଖିବାକୁ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ସହଯୋଗ କରିବୁ ନାହିଁ ବୋଲି ଉପସ୍ଥିତ ବ୍ୟକ୍ତି ବିଶେଷ ଶପଥପାଠ କରିଥିଲ । ଅକ୍ଟୋବର ଦୁଇ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୧୪ ତାରିଖରେ ଶେଷ ହେବ ବୋଲି ସହକାରୀ ଶ୍ରମ ଅଧିକାରୀ ସୂଚନା ପ୍ରଦାନ କରିଥିଲେ ।

## ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ସ୍ୱଚ୍ଛତା ଓ ବୃକ୍ଷରୋପଣ

ଦୋଵଲ,୨।୧୦(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଖଡ଼ିପଦା ନୋଡାଲ ହାଇସ୍କୁଲ ପରିସରରେ ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ସ୍ୱଚ୍ଛତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ସେଠୀ, ବରିଷ୍ଠ ଶିକ୍ଷକ ପ୍ରଦୋଷ ଦାଶ, ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତ୍ରୀ ପ୍ରିୟମ୍ବଦା ବାରିକ ଓ କ୍ରୀଡ଼ା ଶିକ୍ଷକ ଚିନ୍ମୟ ବିଭୁକଲ୍ୟାଣ ପରିଡ଼ାଙ୍କ ନେତୃତ୍ୱରେ ଜୁନିୟର ରେଡ୍‌କ୍ରସ୍‌ର ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ସଫେଇ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଅଳିଆ-ଆବର୍ଜନା ସଫା କରିବା ସହ ସ୍ୱଚ୍ଛତାର ମହତ୍ତ୍ୱ ନେଇ ଲୋକଙ୍କୁ ସଚେତନ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା । ଏଥିସହ ପରିବେଶ ସୁରକ୍ଷା, ବୃକ୍ଷର ଉପକାରିତା ଓ ସବୁଜ ପରିବେଶର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ଗାନ୍ଧୀଙ୍କ ସ୍ୱଚ୍ଛତାର ବାର୍ତ୍ତା ଓ ଶାସ୍ତ୍ରୀଙ୍କ ଦେଶପ୍ରେମ ଓ ଶୃଙ୍ଖଳାବୋଧକୁ ଅନୁସରଣ କରି ସମାଜ ଓ ପରିବେଶ ପ୍ରତି ନିଜ ଦାୟିତ୍ୱ ପାଳନ କରିବାକୁ ଉପସ୍ଥିତ ସମସ୍ତେ ସଙ୍କଳ୍ପ ନେଇଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ନେଇ ଦାୟିତ୍ୱବୋଧ ସୃଷ୍ଟି ହୋଇଥିଲା ।

# କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି




### ଡ. ନରହରି ବେହେରା ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ

ଭଦ୍ରକ,୨।୧୦(ସମିସ)

କେବଳ ଆଶାୟୀ ହେଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହୁଏ ନାହିଁ; କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଭଦ୍ରକ ସହର ନୂଆ ବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ଡ. ନରହରି ବେହେରା ଟ୍ରଷ୍ଟର ବାର୍ଷିକ ଉତ୍ସବ-୨୦୨୬କୁ ଉଦଘାଟନ କରି ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଛନ୍ତି । ଛବିଲତା ବିଶ୍ୱାଳଙ୍କ ଦ୍ୱାରା ପ୍ରତିଷ୍ଠିତ ଡ. ନରହରି ବେହେରା ଟ୍ରଷ୍ଟର ଉକ୍ତ ଷଷ୍ଠ ବାର୍ଷିକ ଉତ୍ସବରେ ଟ୍ରଷ୍ଟର ସଭାପତି ଇଂ ଅଭୟ ସୂତାର ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ କହିଲେ ଯେ ସ୍ୱର୍ଗତ ବେହେରା, ଯାହାଙ୍କ ସ୍ମୃତିରେ ଏହି ଟ୍ରଷ୍ଟ ଗଠିତ, ସେ ଯେପରି ଜଣେ ସମ୍ପୂର୍ଣ୍ଣ ସାରସ୍ୱତ ବ୍ୟକ୍ତିତ୍ୱ ଥିଲେ ସେପରି, ସେ କର୍ତ୍ତବ୍ୟ ନିଷ୍ଠ ପ୍ରଶାସନିକ ଅଧିକାରୀ ଥିଲେ । ଉକ୍ତ ସମାରୋହରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ବିଶେଷ ଅତିଥି, ବେଦବିତ୍ ତଥା 'ବେଦ ପୀୟୁଷ'ର ସମ୍ପାଦକ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା, ଡ୍ରିମ୍ ଇଣ୍ଡିଆ ସ୍କୁଲର ଅଧ୍ୟକ୍ଷ ପ୍ରତାପ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମାରୋହରେ ଅଧ୍ୟାପକ ନିହାର ରଞ୍ଜନ କର ସମ୍ପାଦକୀୟ ବକ୍ତବ୍ୟ, କାର୍ଯ୍ୟକାରୀ ସଭାପତି ରବି ନାରାୟଣ ଖିଲାର ସ୍ୱାଗତ ଭାଷଣ,ସଂଗଠନ ସମ୍ପାଦକ ତପନ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବେଦଦତ୍ତା ବେଦାନ୍ତ ଅତିଥିମାନଙ୍କୁ ମଞ୍ଚ ଆବାହନ ଓ ଦେବୀଦତ୍ତା ବେଦାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଭଦ୍ରକର ଆରକ୍ଷୀ ଅଧୀକ୍ଷକ ମନୋଜରାଉତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ଭାଗୀରଥି ନାୟକ, ସମାଜ ସେବୀ ବିଜୟ ଭୂଷଣ ନାୟକ ଓ ମେଧାବୀ ଛାତ୍ର ପାର୍ଥ ପ୍ରତୀମ ବାରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢୀ, ସିଆର୍‌ସିସି ଶ୍ରଦ୍ଧାଞ୍ଜଳି କର, ପ୍ରଧାନଶିକ୍ଷୟିତ୍ରୀ ପ୍ରଣତି ମଲ୍ଲିକ୍ ଓ ଶିକ୍ଷୟିତ୍ରୀ ମନୋରମା ରାୟ ମାନପତ୍ର ପାଠ କରିଥିଲେ । ଅଧ୍ୟାପକ ମହେଶ୍ୱର ନାୟକ ଓ ତପନ ପଣ୍ଡା ସମ୍ବର୍ଦ୍ଧନା ସମାରୋହକୁ ପରିଚାଳନା କରିଥିଲେ । ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ପ୍ରଫୁଲ୍ଲ ନାୟକ ଓ ଡା. ଅନିଲ ଦାଶ ସ୍ୱାଗତ ସଂଗୀତ ଓ ସ୍ମୃତି ସଂଗୀତ, ଶିଶୁ ନୃତ୍ୟଶିଳ୍ପୀ ସୁଶ୍ରୀ ବି. ହର୍ଷିତା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ଏବଂ ସରୋଜ ବିଶ୍ୱାଳ ଓ ବିମଳ ବିଶ୍ୱାଳ ଉତ୍ସବ ପରିଚାଳନା କରିଥିଲେ ।

## କିରଣବାଳାଙ୍କ ୧୧ତମ ବାର୍ଷିକ ସ୍ମୃତି ସମାରୋହ

ଭଦ୍ରକ, ୨।୧୦(ସମିସ): ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ଜଣେ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା ସମାଜସେବୀ ଘରର ବୋହୂ ହୋଇ ଦିନ ଦରିଦ୍ର ଲୋକଙ୍କ ସେବାକରିବା ମଧ୍ୟରେ ବହୁ ଧର୍ମକାର୍ଯ୍ୟ କରିଥିବା କିରଣବାଳାଙ୍କ କର୍ମ ତାଙ୍କୁ ଚିରକାଳ ସ୍ମରଣୀୟ କରି ରଖିବ ବୋଲି ମହିୟସୀ ଧର୍ମପରାୟଣା ମହିଳା କିରଣବାଳା ବେହେରାଙ୍କ ୧୧ତମ ଶ୍ରାଦ୍ଧବାର୍ଷିକ ସ୍ମୃତି ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ତୁଳସୀ ଦୁଇପତ୍ରରୁ ବାସିଲା ଭଳି କିରଣବାଳା ଅବିଭକ୍ତ ବାଲେଶ୍ୱର ଜିଲାର ନୀଳଗିରି ବାଉଁଶବଣିଆ ଗ୍ରାମରେ ଜନ୍ମହୋଇ ସମୟକ୍ରମେ ଭଦ୍ରକର ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ବେହେରାଙ୍କ ଧର୍ମପତ୍ନୀ ଭାବେ ତାଙ୍କର ସମସ୍ତ କର୍ମରେ ସହଯୋଗ କରିବା ମଧ୍ୟରେ ଯେଭଳି ଗରିବ ଲୋକଙ୍କ ଦୁଃଖ ବୁଝୁଥିଲେ, ତାହା ସଦାସର୍ବଦା ବନ୍ଦନୀୟ । କିରଣବାଳାଙ୍କ ୧୧ତମ ସ୍ମୃତି ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ତାଙ୍କର ଆବକ୍ଷ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହି ଉତ୍ସବରେ ଭଦ୍ରକର ବହୁ ବୁଦ୍ଧିଜୀବୀଙ୍କ ସମେତ ତାଙ୍କର ସ୍ୱାମୀ ତଥା ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ବେହେରା, ଦୁଇ ସନ୍ତାନ ପୁତ୍ର ସୌମ୍ୟରଂଜନ ଓ କନ୍ୟା ଦୀପିକା ଉପସ୍ଥିତ ଥିଲେ । ଏହି ଅବସରରେ ତାଙ୍କ ବାସଭବନ ପରିସରରେ ନାମ ସଂକୀର୍ତନ ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସକାଳ THE SAKALA



# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

# ଏସ୍‌ପିଙ୍କୁ ଭେଟିଲା ଓଜେୟୁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ଗିରଫ କରା ନ ଗଲେ ଆନ୍ଦୋଳନ ଚେତାବନୀ

ବାରିପଦା,୨।୧୦ (ସମିସ)

ମୟୂରଭଞ୍ଜ ଜିଲ୍ଲା ଜାମଶୋଳାଠାରେ ବରିଷ୍ଠ ସାମ୍ବାଦିକ କ୍ଷୀରୋଦ ଚନ୍ଦ୍ର ଦାସଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାର ତଦନ୍ତ ଲାଗି ଓଡ଼ିଶା ଜର୍ଣ୍ଣାଲିଷ୍ଟ ୟୁନିଅନ (ଓଜେୟୁ) ପକ୍ଷରୁ ଗଠିତ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସକ୍ରିୟ ହୋଇଛି। ଟିମ୍‌ର ସଦସ୍ୟ ତଥା ରାଜ୍ୟ ଉପସଭାପତି ଦୀପକ ନାୟକ, ମୟୂରଭଞ୍ଜ ଜିଲ୍ଲା ସଭାପତି ଅଭିଜିତ ମହାନ୍ତି ଓ ସମ୍ପାଦକ ସାରଦା ପ୍ରସାଦ ବାରିକ ବୁଧବାର ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ସାକ୍ଷାତ କରି ଘଟଣାର



ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରା ନ ଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ସରସକଣା ବ୍ଲକର ଦୈନିକ ଓଡ଼ିଆ ଖବରକାଗଜର ବ୍ଲକ ପ୍ରତିନିଧି ତଥା ଓଜେୟୁ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ଗତ ସେପ୍ଟେମ୍ବର ୨୭ ତାରିଖ ରାତିରେ ଜାମଶୋଳାଠାରେ କିଛି ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନିଆଯାଇଥିଲା। ଏ ନେଇ ଝାରପୋଖରିଆ ଥାନାରେ ମାମଲା ରୁଜୁ ହୋଇଛି। ଘଟଣା ସମ୍ପର୍କରେ ଓଜେୟୁ ରାଜ୍ୟ ସଂଘ ପକ୍ଷରୁ ଗତ ୩୦ ସେପ୍ଟେମ୍ବରରେ ଡିଜିପିଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯାଇ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଥିଲା। ଏସ୍‌ପିଙ୍କ ସହ ଆଲୋଚନା ବେଳେ ଟିମ୍ ପକ୍ଷରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଓ ଛଡ଼ାଇ ନିଆଯାଇଥିବା ମୋବାଇଲ ଫୋନକୁ ଉଦ୍ଧାର କରିବାକୁ ଦାବି କରାଯାଇଥିଲା। ଏସପି ଶ୍ରୀ ଗୁଣ୍ଟୁପାଲ୍ଲୀ ଘଟଣାକୁ ଗୁରୁତର ସହ ଗ୍ରହଣ କରି ବାରିପଦା ଏସଡିପିଓ ଓ ଝାରପୋଖରିଆ ଆଇଆଇସିଙ୍କୁ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବା ସହ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଡାକ୍ତର ଓ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଗଣ୍ଡଗୋଳ ଅଭିଯୋଗ

ବଡ଼ସାହି,୨।୧୦(ସମିସ): ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ସୁକାନ୍ତ ପାତ୍ରଙ୍କ ବାସଭବନକୁ ବଡ଼ସାହି ଗ୍ରାମର ସିପୁନ ସେଠୀ ତାଙ୍କ ସ୍ତ୍ରୀଙ୍କୁ ନେଇ ଯାଇଥିବାବେଳେ ଉଭୟଙ୍କ ମଧ୍ୟରେ କଥା କଟାକଟି ଓ ଗଣ୍ଡଗୋଳ ହୋଇଥିଲା। ଫଳରେ ଉଭୟଙ୍କ ଏତଲାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସିପୁନ ନିଜ ସ୍ତ୍ରୀଙ୍କ ଅଲଟ୍ରାସାଉଣ୍ଡ କରିବା ପାଇଁ ଡାକ୍ତରଙ୍କ ନିକଟକୁ ଯାଇଥିବାବେଳେ ତାଙ୍କ ବିଭାଗ ବନ୍ଦ ଥିବାରୁ ସେ ଡାକ୍ତରଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ଡାକ୍ତର ତାଙ୍କ ସରକାରୀ ବାସଭବନରେ ରୋଗୀ ଦେଖୁଥିବା କଥା କହିବାରୁ, ସେ ତାଙ୍କ ସ୍ତ୍ରୀକୁ ନେଇ ସେଠାକୁ ଯାଇଥିଲେ। ସ୍ତ୍ରୀଙ୍କୁ ଭିତରକୁ ଆଣିବି ନା ବୋଲି ପଚାରିବାରୁ ଡାକ୍ତର ହଠାତ୍ ଉତ୍ତ୍ୟକ୍ତ ହୋଇ ନିଜ ଚେୟାରରୁ ଉଠି ଆସି ତାଙ୍କୁ ଜାତି ଉଠାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ବାସଭବନରେ ରୋଗୀ ପିଛା ୫ଶହ ଟଙ୍କା ନେଇ ରୋଗୀ ଦେଖୁଥିବାରୁ ଏବେ ନୁହେଁ ତୁମ ସ୍ତ୍ରୀକୁ ଅପରାହ୍ନ ୩ଟାରେ ଓପିଡିରେ ଦେଖିବି ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକୁଟ ହେବା ସହିତ ଡାକ୍ତର ତାଙ୍କୁ ଧକ୍କା ମାରି ବାସଭବନରୁ କାଢି ଦେଇଥିବାର ଅଭିଯୋଗରୁ ଜଣାଯାଇଛି। ସେହିପରି ଡାକ୍ତର ସୁକାନ୍ତ କୁମାର ପାତ୍ରଙ୍କୁ ସିପୁନ କୁମାର ସେଠୀ ତାଙ୍କ ବାସଭବନରେ ପଶି ଗାଳିଗୁଲଜ କରିବା ସହିତ ବିଭିନ୍ନ ପ୍ରକାର ଧମକ ଦେଇଥିବା ଅଭିଯୋଗରୁ ଜଣାଯାଇଛି। ପୁଲିସ ଉଭୟ ଅଭିଯୋଗ ଗ୍ରହଣ କରି ମାମଲା ରୁଜୁ କରିଛି।

# କଂଗ୍ରେସ ପକ୍ଷରୁ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ

କେନ୍ଦୁଝର, ୨।୧୦(ସମିସ): ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ସ୍ୱାଧୀନ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଦୁଇ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ କରିଥିଲେ। ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ପୂର୍ବତନ ବିଧାୟକ ଇଂ ସୁବର୍ଣ୍ଣ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା କଂଗ୍ରେସ ଉପସଭାପତି ଲଳିତ ମୋହନ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ସୁଢଳ ସେଠୀ, ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଟାଉନ କଂଗ୍ରେସ ସଭାପତି ଲୋକନାଥ ଟୁଡୁ, ସଦର ବ୍ଲକ



କଂଗ୍ରେସ ସଭାପତି ଉତ୍ତମ ସାହୁ, ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା, କ୍ଷୀରୋଦ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଯୁବ କଂଗ୍ରେସ ନେତା ସୌମ୍ୟରଞ୍ଜନ ରାଉତ, ଅମିତ ରାଉତ, ମାନସ ବେହେରା, ଛାତ୍ର କଂଗ୍ରେସ ନେତା ସୌମ୍ୟସଚିନ ମିଶ୍ର, କଂଗ୍ରେସ ନେତା ରଞ୍ଜନ ଜେନା, ରଞ୍ଜିତ ଜେନା, ସୁଧାଂଶୁ ଜେନା ଓ ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଘୁଲୁଘୁଲିଆରେ ନବନିର୍ମିତ ଶିବ ମନ୍ଦିରର ରତ୍ନମୁଦ



ମହୁଲଡିହା,୨।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତ ଅନ୍ତର୍ଗତ ଘୁଲୁଘୁଲିଆ ଗ୍ରାମରେ ନବନିର୍ମିତ ଶିବ ମନ୍ଦିରର ରତ୍ନମୁଦ କର୍ମ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। କର୍ତ୍ତା ପ୍ରହ୍ଲାଦ ପଣ୍ଡା ଓ କର୍ତ୍ତୀ ପ୍ରଗତି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପୂଜା କାର୍ଯ୍ୟକୁ ମୁଖ୍ୟ ପୂଜକ ବସନ୍ତ ପଣ୍ଡା ଓ ସହପୂଜକ ଗଜେନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ। ବାଲିଘାଟ ଆଶ୍ରମର ଭୈରବାନନ୍ଦ ସରସ୍ୱତୀ, ବାବା ସୁରେନ୍ଦ୍ର ମହାନ୍ତ, ବାବା ଯଦୁନାଥ ମହାନ୍ତ, ସମାଜସେବୀ ପଦ୍ମଲୋଚନ ନନ୍ଦ ଓ ହନୁମାନ ଟ୍ରଷ୍ଟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

■ କରଞ୍ଜିଆ ମହାବିଦ୍ୟାଳୟରେ ବହୁବିଧ ସମସ୍ୟା

## ଏବିଭିପି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

କରଞ୍ଜିଆ,୨।୧୦(ସମିସ): କରଞ୍ଜିଆ ମହାବିଦ୍ୟାଳୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଶହଶହ ଛାତ୍ରଛାତ୍ରୀ ରାସ୍ତାକୁ ଓହ୍ଲାଇବା ସହ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ର ନେତା ସତ୍ୟବ୍ରତ ମାଝୀ, ମୋନାଲିସା ମହାନ୍ତ, ଦଶରଥ ଟୁଡୁ, ସୁଜିତ୍ ପ୍ରଧାନ, ଓମ୍ ପ୍ରକାଶ ସେଠୀ ଓ କିଶୋର ଜେନାଙ୍କ




ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ନବନିର୍ମିତ ଛାତ୍ରାବାସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, କ୍ୟାମ୍ପସକୁ ଅଣଛାତ୍ରମୁକ୍ତ କରିବା, କଲେଜ ପରିସର ଦୋକାନରେ ଅସାମାଜିକ ଯୁବକଙ୍କ ଆଡ୍ଡା ଓ ଛାତ୍ରୀଙ୍କୁ ଅଶ୍ଳୀଳ ମନ୍ତବ୍ୟ ଉପରେ ରୋକ ଲଗାଇବା, ନୂତନ ଶୌଚାଳୟ ନିର୍ମାଣ ଓ ପୁରୁଣାର ସଫେଇ ସହ ପୃଥକ କମନ ରୁମ୍ ବ୍ୟବସ୍ଥା ପାଇଁ ଛାତ୍ରଛାତ୍ରୀ ଦାବି କରିଛନ୍ତି। ପୂର୍ବରୁ ଅଧ୍ୟକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଏହି ପଦକ୍ଷେପ ନିଆଯାଇଥିବା ସେମାନେ କହିଛନ୍ତି। ଦାବିପତ୍ର ଗ୍ରହଣ କରି ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ତୁରନ୍ତ ହଷ୍ଟେଲ କାର୍ଯ୍ୟକ୍ଷମ, ଅସାମାଜିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଓ କଲେଜ ଭିତ୍ତିଭୂମି ସମସ୍ୟା ସମାଧାନ ପାଇଁ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ନିଜେ କଲେଜ ଓ ହଷ୍ଟେଲ ପରିଦର୍ଶନ କରି ସ୍ଥିତି ତଦାରଖ କରିବେ ବୋଲି ସୂଚନା ଦେଇଛନ୍ତି।

## ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନ: ଦ୍ୱିତୀୟ ଦିନରେ ୯ ପ୍ରାର୍ଥୀଙ୍କ ନାମାଙ୍କନ

ଯୋଡ଼ା, ୨।୧୦(ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଅଞ୍ଚଳରେ ଆସନ୍ତା ଅକ୍ଟୋବର ୧୨ରେ ହେବାକୁ ଥିବା ଯୋଡ଼ା ଟ୍ରକ୍ ମାଲିକ ସଂଘର ନିର୍ବାଚନକୁ ନେଇ ରାଜନୈତିକ ଓ ସାଂଗଠନିକ ତତ୍ପରତା ବୃଦ୍ଧି ପାଇଛି। ନାମାଙ୍କନ ଦାଖଲର ଦ୍ୱିତୀୟ ଦିନରେ ମୋଟ ୯ ଜଣ ପ୍ରାର୍ଥୀ ନିଜ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସଭାପତି ପଦ ପାଇଁ ରାଜେଶ ରୋଶନ, ଉପସଭାପତି ପଦ ନିମନ୍ତେ ଦୀପକ ମହାନ୍ତ, ସମ୍ପାଦକ ପଦ ପାଇଁ ରବି ନାରାୟଣ ଦାସ, ସହସମ୍ପାଦକ ପଦ ପାଇଁ ମହେଶ କୁମାର ସିଂ ଏବଂ କୋଷାଧ୍ୟକ୍ଷ ପଦ ପାଇଁ ଲକ୍ଷ୍ମଣ ବାରିକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ସ୍ୱାଧୀନ ଭାବେ ଯୁଗ୍ମ ସମ୍ପାଦକ ପଦ ପାଇଁ ମାୟାଧର ପାତ୍ର ଏବଂ କୋଷାଧ୍ୟକ୍ଷ ପଦ ପାଇଁ ନିର୍ମଳ ସିଂ ଓ ବବଲୁ ତ୍ରିୟା ମଧ୍ୟ ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ବିଧାୟକ ସନାତନ ମହାକୁଡ଼ଙ୍କ ସମର୍ଥିତ ପ୍ରାର୍ଥୀମାନେ ଶୁକ୍ରବାର ଅପରାହ୍ନ ପ୍ରାୟ ୧୨ଟା ୩୦ ମିନିଟ୍‌ରେ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ନାମାଙ୍କନ ଦାଖଲ ପାଇଁ ଶୋଭାଯାତ୍ରାରେ ବାହାରିଥିଲେ। ସଂଘରେ ମାତ୍ର ୧୦୭୭ ଜଣ ସଦସ୍ୟ ଥିବାବେଳେ ଶୋଭାଯାତ୍ରାରେ ଯୋଗଦେଇଥିବା ୧୦୦୦ରୁ ଅଧିକ ଲୋକଙ୍କ ମଧ୍ୟରୁ କେତେଜଣ ପ୍ରକୃତ ସଦସ୍ୟ ଓ କେତେଜଣ ବାହାରୁ ଆସିଥିଲେ, ସେନେଇ ଆଲୋଚନା ହେଉଛି। ତେବେ ଏହି ଜନସମାଗମକୁ ନିର୍ବାଚନୀ ସମର୍ଥନର ମାପକାଠି ଭାବେ ଗ୍ରହଣ କରାଯାଇପାରିବ କି ନାହିଁ, ତାହା ନିର୍ବାଚନ ଫଳାଫଳ ପରେ ସ୍ପଷ୍ଟ ହେବ।



## ଚୋରା ମୋରମ ବୋଝେଇ ଟିପର ଜବତ

ବେତନଟୀ, ୨।୧୦(ସମିସ): ସ୍ଥାନୀୟ ବେତନଟୀ-ବଡ଼ସାହି ରାସ୍ତାର ପୁରୁଣା କୋର୍ଟ ଛକ ନିକଟରୁ ପୁଲିସ ଏକ ଚୋରା ମୋରମ ବୋଝେଇ ଟିପର ଜବତ କରିଛି। ତେବେ ଖଣିଜ ସମ୍ପଦ ଲୁଟ୍‌କୁ ରୋକିବା ପାଇଁ ଦାୟିତ୍ୱରେ ଥିବା ତହସିଲ ପ୍ରଶାସନ ଓ ଜିଲ୍ଲା ଖଣି ବିଭାଗ ନିଦାବିଷ୍ଟୁ ସାଜିଥିବାବେଳେ ପୁଲିସ ହାତରେ ଗାଡ଼ି ଧରାପଡ଼ିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଟ୍ରୋଲିଂ ବେଳେ ବେତନଟୀ ପୁଲିସ ବେଆଇନ ଭାବେ ମୋରମ ପରିବହନ କରୁଥିବା ଏକ ଟିପରକୁ ଅଟକାଇ ଯାଞ୍ଚ କରିଥିଲା। ବୈଧ କାଗଜପତ୍ର ନ ଥିବାରୁ ଗାଡ଼ିକୁ ଜବତ କରାଯାଇ ଥାନାକୁ ଆଣି ମାମଲା ରୁଜୁ କରିଛି। ଗାଡ଼ି ଚାଳକ ଜନ୍ମଜୟ ମହାନ୍ତଙ୍କୁ ଗିରଫ କରାଯାଇଥିଲେ ହେଁ ପରେ ଥାନାରୁ ଜାମିନ ଦିଆଯାଇଛି।

### ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମା

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ



ବଡ଼ସାହି,୨।୧୦(ସମିସ): ବଡ଼ସାହି ବ୍ଲକ୍ ଅଧୀନ ଭୀମଦା ପଞ୍ଚାୟତର ଚେଙ୍ଗୁଆମଙ୍ଗଳପୁର, ପେରକୁଲି, ଦାସୀପୁର, ରତନପୁର, ଟିକାୟତପୁର ଓ ଅର୍ଜ୍ଜୁନବାରିଆ ଗ୍ରାମର ଚାଷୀ ଗତ ୨୦୨୫-୨୬ ଖରିଫ୍ ଧାନ ପାଇଁ ଫସଲ ବୀମା କରିଥିଲେ। ମାତ୍ର ଫସଲ ବୀମା ସମୟ ଅତିକ୍ରାନ୍ତ ହୋଇ ସାରିଥିବାବେଳେ ଏହି ଅଞ୍ଚଳର ଚାଷୀ ଫସଲ ବୀମା ପାଇବାରୁ ଅଦ୍ୟାବଧି ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଫଳରେ ଚାଷୀ ଗତ ସେପ୍ଟେମ୍ବର ୭ ତାରିଖରେ ବାରିପଦା ଜନଶୁଣାଣି ଶିବିରରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ଡେପୁଟୀ ଡାଇରେକ୍ଟର ପ୍ଲାନିଂକୁ ଏହାର ତଦନ୍ତ ରିପୋର୍ଟ ମାଗିଥିଲେ। ସେମାନଙ୍କ ନିକଟରୁ ଗତ ସେପ୍ଟେମ୍ବର ୨୮ରୁ ରିପୋର୍ଟ ଜିଲ୍ଲାପାଳଙ୍କୁ ପଠାଯାଇଥିଲେ ହେଁ ଅଦ୍ୟାବଧି ଚାଷୀ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ପୁଣିଥରେ ସେମାନେ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କର ଆପତ୍ତି ଅଭିଯୋଗ ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଅଭିଯୋଗର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଚାଷୀ ଗୁଣାକର ସାମଲ, ପ୍ରତାପ ଗାୟା, ସନ୍ତୋଷ ଦାସ, କାର୍ତ୍ତିକ ମାଟିଆ, ଅତୂଲ୍ୟ ମହାର୍ଣ୍ଣା, ଶତ୍ରୁଘ୍ନ ମଣ୍ଡଳ, ପ୍ରଭାକର ସାହୁ, ହରିହର ବେହେରା ଓ ରଞ୍ଜନ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ଉକ୍ତ ଗ୍ରାମଗୁଡିକ ଗଙ୍ଗାହାର ନଦୀ କୂଳରେ ଅବସ୍ଥିତ ହୋଇଥିବାବେଳେ ଗତବର୍ଷ ବନ୍ୟାରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଫଳରେ ସରକାରୀ ଅଧିକାରୀଙ୍କ ଦ୍ୱାରା କ୍ରପ କଟିଂ ମଧ୍ୟ କରାଯାଇଥିଲା। ଫଟୋ କପି ଆପଲୋଡ ସହିତ ସମସ୍ତ ବିଭାଗୀୟ କାର୍ଯ୍ୟ ଚାଷୀଙ୍କୁ ନେଇ ସମାପ୍ତ ହୋଇଥିଲେ ମଧ୍ୟ ବିଭାଗୀୟ ଅବହେଳା ପାଇଁ ସେମାନେ ଏହି ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଜଣାଯାଇଛି।

## ଗୋପବନ୍ଧୁ ନଗର ପ୍ରେସ କ୍ଲବର ବୈଠକ

କୁଆମରା, ୨।୧୦(ସମିସ): ଆସନ୍ତା ୯ ତାରିଖ ଶୁକ୍ରବାର ଗୋପବନ୍ଧୁନଗର ପ୍ରେସ କ୍ଲବର ପ୍ରତିଷ୍ଠା ଦିବସ ତଥା ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ କରାଯିବ। ଏଥିନିମନ୍ତେ ପ୍ରେସ କ୍ଲବ ପକ୍ଷରୁ ଆଜି ଏକ ପ୍ରସ୍ତୁତି ବୈଠକ କୁଆମରାଠାରେ ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ପୂର୍ବରୁ ପଞ୍ଚମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ତତ୍‌ସହିତ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସଂଘର ଉପସଭାପତି ଚିତ୍ତରଞ୍ଜନ ଦଳେଇ, ସମ୍ପାଦକ ଡଃ କୁମାର ବାବୁଲି, ଶାନ୍ତନୁ ମହୁଆଳ, ଯୋଗେଶ୍ୱର ସାହୁ, ବିଶ୍ୱଜିତ ଦାଶ, ଦୀପକ ଚୌଧୁରୀ, ରଞ୍ଜନ ମହୁଆଳ, ଜୟନ୍ତ ସ, ସମ୍ବିତ ରାଉତ, ସୂର୍ଯ୍ୟକାନ୍ତୀ ପୁହାଣ, ମାଣିକ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

### ଚାଷଜମିରୁ ଖାଦ୍ୟ ଥାଳି ଯୋଡ଼ିବାକୁ ଉଦ୍ୟମ

# ମୟୂରଭଞ୍ଜରେ ଅଧିକ ଜିଙ୍କ୍ ଓ କମ୍ ଜିଆଇ ଧାନର ପ୍ରସାର

ବାରିପଦା, ୨।୧୦(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ପୁଷ୍ଟି ସମୃଦ୍ଧ ଓ ସ୍ୱାସ୍ଥ୍ୟକର ଧାନ ଚାଷକୁ ପ୍ରୋତ୍ସାହିତ କରିବା ସହ ଉତ୍ପାଦନରୁ ଉପଭୋକ୍ତା ଯାଏଁ ଏକ ସୁଦୃଢ଼ ମୂଲ୍ୟ ଶୃଙ୍ଖଳା ଗଠନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ପରିପ୍ରେକ୍ଷୀରେ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଇରି)-ଭାରତର ପ୍ରତିନିଧି ଡକ୍ଟର ସ୍ୱାତୀ ନାୟକ ଓ ମୟୂରଭଞ୍ଜର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର



ଧାନ ପ୍ରଦର୍ଶନୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଇରି ଓ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ସହଯୋଗରେ ଜିଲ୍ଲାର ପ୍ରାୟ ୪୦୦ ହେକ୍ଟର ଜମିରେ ଅଧିକ ଜିଙ୍କ୍ ଓ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ (ଜିଆଇ) ତଥା ଶର୍କରା ମାତ୍ରା କମ୍ ବଢ଼ାଉଥିବା ଧାନ କିସମର ପ୍ରଦର୍ଶନୀ କରାଯାଇଛି। ପରିଦର୍ଶନ ଅବସରରେ ଅଧିକାରୀ ଚାଷୀଙ୍କ ସହ ଉନ୍ନତ ବିହନ, ଫସଲ ପରିଚାଳନା ଓ ଉତ୍ପାଦିତ ଧାନର ବଜାର ସଂଯୋଗ ଉପରେ ଆଲୋଚନା କରିଥିଲେ। ପରେ ପ୍ରତିନିଧି ଦଳ ମହାଲକ୍ଷ୍ମୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ବାରିପଦା ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। "କ୍ଷେତ୍ରରୁ ଖାଦ୍ୟ ଥାଳି' ଆଭିମୁଖ୍ୟ ଅଧୀନରେ ବନଭୂମି କୃଷକ ଉତ୍ପାଦକ ସଂଗଠନ ଚାଷୀଙ୍କଠାରୁ ସିଧାସଳଖ ପୁନଃକ୍ରୟ ବ୍ୟବସ୍ଥାରେ ଏହି ସ୍ୱତନ୍ତ୍ର ଧାନ ସଂଗ୍ରହ ଓ ପ୍ରକ୍ରିୟାକରଣ କରି ଆହାର କେନ୍ଦ୍ରକୁ ଯୋଗାଇବ। ଫଳରେ ସାଧାରଣ ଲୋକଙ୍କୁ ସୁଲଭରେ ପୁଷ୍ଟିକର ତଥା ମଧୁମେହ ନିୟନ୍ତ୍ରଣକାରୀ ଚାଉଳ ଖାଦ୍ୟ ମିଳିପାରିବ। ଏହି କାର୍ଯ୍ୟକ୍ରମକୁ ଇରି ବିଶେଷଜ୍ଞ ଗିରିଜା ପ୍ରସାଦ ସ୍ୱାଇଁ ଓ ବନଭୂମି ଏଫ୍‌ପିଓର ପରିଚାଳନା ନିର୍ଦ୍ଦେଶକ ଗତିକୃଷ୍ଣ ତ୍ରିପାଠୀ ସଂଯୋଜନା କରିଥିଲେ।

■ ଆବାସଗୃହ କାର୍ଯ୍ୟ ଅଧାପନ୍ତରିଆ

## ୨୧୯ ହିତାଧିକାରୀଙ୍କୁ ରେଡ୍ ନୋଟିସ୍

ବାଲିବନ୍ଧ, ୨।୧୦ (ସମିସ): ଗ୍ରାମୀଣ ଆବାସ ଯୋଜନା ଅଧୀନରେ ଗୃହ ନିର୍ମାଣ ଆରମ୍ଭ କରି ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ରଖିଥିବା ହିତାଧିକାରୀଙ୍କ ବିରୋଧରେ ବ୍ଲକ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ଝୁମ୍ପୁରା ବ୍ଲକ୍ ଅଧୀନସ୍ଥ ୨୨ଟି ଗ୍ରାମପଞ୍ଚାୟତରେ ଏଭଳି ୨୧୯ ଜଣ ଅସମ୍ପୂର୍ଣ୍ଣ ଗୃହ ହିତାଧିକାରୀଙ୍କୁ ରେଡ୍ ନୋଟିସ୍ ଜାରି କରାଯାଇଛି। ଗ୍ରାମୀଣ ଆବାସ ଯୋଜନାର ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ଗରିବ ପରିବାରଙ୍କୁ ପକ୍କା ଘର ଯୋଗାଇବା। ସରକାରୀ ସହାୟତା ସଠିକ ସମୟରେ ପାଇବା ପରେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ନଥିବାରୁ ହିତାଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ନୋଟିସ୍ ମାଧ୍ୟମରେ ସମ୍ପୃକ୍ତ ହିତାଧିକାରୀମାନଙ୍କୁ ଶୀଘ୍ର ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ନହେଲେ ଯୋଜନାର ନିୟମ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମଦ ଦୋକାନରେ ଶିକ୍ଷକଙ୍କ ଉପସ୍ଥିତି ଚର୍ଚ୍ଚା

ଆନନ୍ଦପୁର, ୨।୧୦ (ସମିସ): ଘସିପୁରା ବ୍ଲକ ସାଇଁକୁଳ ବାନାରସେନା ସରକାରୀ ବିଦ୍ୟାଳୟର ଦୁଇ ଜଣ ଶିକ୍ଷକ ବିନା ଅନୁମତିରେ ବିଦ୍ୟାଳୟ ଛାଡି ମଦଦୋକାନରେ ମଦ କିଣୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଥିବା ଘଟଣା ସର୍ବତ୍ର ଚର୍ଚ୍ଚାର ବିଷୟ ହୋଇଛି। ବିଦ୍ୟାଳୟ ସମୟ ଭିତରେ ପ୍ରଧାନଶିକ୍ଷକଙ୍କ ଅଗୋଚରରେ ଏପରି ହୋଇଥିବା ଜଣାଯାଇଛି। ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଚାଲୁଥିବା ବେଳେ ସାଇଁକୁଳ ମାର୍କେଟରେ ଥିବା ମଦ ଦୋକାନରୁ ମଦ କିଣୁଥିବାର ଦେଖି ଜଣେ ଅଭିଭାବକ ଗ୍ରାମବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଶିକ୍ଷକ ଏମିତି ବାରମ୍ବାର କରୁଥିବା ଅଭିଯୋଗ ହୋଇଛି। ଏପରିକି ସାଇଁକୁଳର ଜଣେ ଛାତ୍ରୀ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କୁ ମଦ କିଣୁଥିବା ଦେଖିଥିବା ପ୍ରକାଶ କରିଛନ୍ତି। ସ୍କୁଲ ସମୟରେ ଏପରି କାର୍ଯ୍ୟ କରିବା ଓ ଆହୁରି ଅନେକ ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ଉପରେ କୁପ୍ରଭାବ ପଡିବ ବୋଲି ମତ ପ୍ରକାଶ ପାଇଛି। ସାଇଁକୁଳର ବୁଦ୍ଧିଜୀବୀମାନେ ଏନେଇ ବିଭାଗୀୟ ଶିକ୍ଷାଧିକାରୀଙ୍କୁ ଅବଗତ କରିବା ସହ କାର୍ଯ୍ୟାନୁଷ୍ଠାନ କରିବାକୁ କେତେକ ଅଭିଭାବକ ଦାବି କରିଛନ୍ତି।

## କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅନ୍ତର୍ଗତ କଣ୍ଟିଆପଡା ବୃନ୍ଦାବଣ ସାହି ନିକଟ କେନାଲରୁ ଜଣେ ଯୁବକଙ୍କ ମୃତ୍ୟୁଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ବସନ୍ତ ନାଏକ। ସେ କୌଣସି କାମରେ ପାଖ ଗ୍ରାମ ଛେମଡିବିଲକୁ ଯାଇ ଫେରୁଥିବା ସମୟରେ କେନାଲରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କେନ୍ଦୁଝର ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଖଣି ଯାନ୍ତ୍ରିକ ବିଦ୍ୟାଳୟ ଛାତ୍ରାବାସ ପାଲଟିଲା ରଣକ୍ଷେତ୍ର; ଛାତ୍ର ଆହତ

କେନ୍ଦୁଝର, ୨।୧୦(ସମିସ): କେନ୍ଦୁଝରସ୍ଥିତ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ଛାତ୍ରାବାସରେ ସିନିୟର ଓ ଜୁନିୟର ଛାତ୍ରଙ୍କ ମଧ୍ୟରେ ଭୟଙ୍କର ଗୋଷ୍ଠୀ ସଂଘର୍ଷ ଘଟିଛି। ମଦ୍ୟପାନକୁ ନେଇ ହୋଇଥିବା ବଚସା ଉଗ୍ରରୂପ ନେବାରୁ ଆକ୍ରମଣରେ ଜଣେ ଦ୍ୱିତୀୟ ବର୍ଷର ଛାତ୍ର ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଛାତ୍ରାବାସରେ ଛାତ୍ର ଅଶାନ୍ତିକୁ ନେଇ ଉତ୍ତେଜନା ଲାଗି ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଗତକାଲି ଦ୍ୱିତୀୟ ବର୍ଷର କିଛି ଛାତ୍ରଙ୍କ ସହ ତୃତୀୟ ବର୍ଷର ଛାତ୍ରଙ୍କ ମଧ୍ୟରେ ମଦ୍ୟପାନକୁ ନେଇ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ମାରପିଟର ରୂପ ନେଇଥିବା ଅଭିଯୋଗ ହୋଇଛି। ତେବେ, ଘଟଣାର ପ୍ରକୃତ କାରଣ, ମାରପିଟରେ କେତେଜଣ ଛାତ୍ର ସାମିଲ ଥିଲେ ଓ ଘଟଣା ପଛରେ ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଏଥିସହ ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଘଟଣାକୁ ନେଇ ତଥ୍ୟ ସଂଗ୍ରହ କରୁଥିବା ଜଣାପଡିଛି।

## ନଗଦ ଟଙ୍କା ସହ ସାମଗ୍ରୀ ଜବତ, ୫ ଜୁଆଡି ଗିରଫ

ଆନନ୍ଦପୁର, ୨।୧୦ (ସମିସ): ଆନନ୍ଦପୁର ପୁଲିସ କୋଲ୍‌ହ୍ନଡିହା ହାଟରେ ଚଢ଼ଉ କରି ଏକ ଜୁଆ ଆଡ୍ଡା ଠାବ କରିଛି। ଘଟଣାସ୍ଥଳରୁ ୧୧ ହଜାର ୨୭୫ ଟଙ୍କା ଏବଂ ଗୋଟିଏ ଜୁଆ ମ୍ୟାଟ୍ ସହ ଗୋଟି ଜବତ କରି ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଆନନ୍ଦପୁର ଥାନା ଜଞ୍ଜାଳି ଗ୍ରାମର ଧନଞ୍ଜୟ ମହାନ୍ତ (୪୫), ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଘୁଲେଘୁଲିଆ ଗ୍ରାମର ବଳରାମ ପେଣ୍ଟି (୩୦), ରଙ୍ଗଲାଲ ଜାମଦା (୨୫), ସୁରେନ୍ଦ୍ର ଦେହୁରୀ (୪୦) ଏବଂ ଦାମୁ ହାଇବୁରୁ (୩୨)। ଆନନ୍ଦପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

## ମୋନା ପକ୍ଷରୁ ଗାନ୍ଧୀ ଜୟନ୍ତୀ

ତେଲକୋଇ, ୨।୧୦(ସମିସ): ମିଳିତ ଓଡ଼ିଶା ନିଶା ନିବାରଣ (ମୋନା) ତେଲକୋଇ ଶାଖା ପକ୍ଷରୁ ଆଜି ସ୍ଥାନୀୟ ଚସା ସମାଜ ଗୃହରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ମୋନାର ତେଲକୋଇ ବ୍ଲକ ସଂଯୋଜକ ସନାତନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନ୍‌ଜୀବୀ ନାରାୟଣ ପ୍ରଧାନ, ଶିକ୍ଷାବିତ୍ ବିଜୟ ପ୍ରଧାନ ଯୋଗ ଦେଇଥିଲେ। ଏହି ନିଶା ମୁକ୍ତ ଅଭିଯାନକୁ ଆହୁରି ବ୍ୟାପକ କରାଯିବା ପାଇଁ ଅତିଥିଗଣ ମତବ୍ୟକ୍ତ କରିଥିଲେ। ୱାର୍ଡସଭ୍ୟ ଜିତେନ୍ଦ୍ର ବାରିକ, ଚୈତନ୍ୟ ନାୟକ, ଯୁବ ସଦସ୍ୟ ରମଣି ରଞ୍ଜନ ପ୍ରଧାନଙ୍କ ସମେତ ସ୍ଥାନୀୟ ଏସଏଚଜି ସଦସ୍ୟ ଯୋଗ ଦେଇଥିଲେ।





## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ରୁହନ୍ତୁ। ଧୈର୍ଯ୍ୟର ସହ କାମ କରନ୍ତୁ। ସନ୍ତାନଙ୍କ ସହ ମଜାମସ୍ତିରେ ଦିନ ବିତିବ।

**ବୃଷ:** ଅଟକି ରହିଥିବା କାମକୁ ପୂରା କରିବେ। କର୍ମକ୍ଷେତ୍ରରେ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦିଅନ୍ତୁ। ପରିଶ୍ରମର ଫଳ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମିଥୁନ:** ପୁରୁଣା ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ। ଛାତ୍ରଛାତ୍ରୀମାନେ ପଢ଼ାରେ ଭଲ ପ୍ରଦର୍ଶନ କରିବେ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଧୈର୍ଯ୍ୟର ସହ କାମ କରନ୍ତୁ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ। ଦୂରସ୍ଥାନ ଯାତ୍ରା କରିପାରନ୍ତି।

**ସିଂହ:** କାମଚାପ ଅଧିକ ରହିବ। ବପିଡ଼ିଙ୍କ ପାଇଁ ସମୟ ଅନୁକୂଳ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଗୁରୁଜନଙ୍କ କଥା ମାନି ଚଳନ୍ତୁ। ଅଭିଭାବକ ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତା କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବେ। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଘର କାମରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ଥକ୍କାପଣ ଅନୁଭବ କରିପାରନ୍ତି। ଉଧାର ଦେଇପାରନ୍ତି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଶତ୍ରୁଠାରୁ ଦୂରେଇ ରୁହନ୍ତୁ।

**ମକର:** ମହିଳା ସହକର୍ମୀଙ୍କ ସହଯୋଗ ମିଳିବ। ଚିନ୍ତା କରି ସେୟାର ମାର୍କେଟରେ ଟଙ୍କା ଲଗାନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ।

**ମୀନ:** ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ହେବ। ସାବଧାନତା ସହିତ କାର୍ଯ୍ୟ କରନ୍ତୁ।

## ଆଜିର ଇତିହାସ

- ୧୮୬୩- ଆମେରିକାର ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ 'ଥ୍ୟାଙ୍କସ୍ ଗିଭିଂ ଡେ' ପାଳନ ପାଇଁ ଘୋଷଣା କଲେ।
- ୧୯୭୮ - କଲିକତାରେ ବିଶ୍ୱର ଦ୍ୱିତୀୟ ଟେଷ୍ଟ ଟ୍ୟୁବ୍ ବେବି ଜନ୍ମ ନେଲା।
- ୧୯୯୬- ପାକିସ୍ତାନୀ କ୍ରିକେଟର୍ ସାହିଦ ଆଫ୍ରିଦି ୩୭ଟି ବଲ୍‌ରେ ଶତକ କରି ଇତିହାସ ରଚିଲେ।
- ୨୦୦୮ - ଟାଟା ମୋଟର୍ସର ଚେୟାରମ୍ୟାନ୍ ରତନ୍ ଟାଟା ସିଙ୍ଗୁର୍‌ରୁ ନାନୋ କାର୍ ପରିଯୋଜନାକୁ ଅନ୍ୟତ୍ର ନେବା ପାଇଁ ଘୋଷଣା କଲେ।

## ଘୁଞ୍ଚିପାରେ 'ଶକ୍ତି ଶାଳିନୀ'ର ରିଲିଜ୍

ବଲିଉଡ୍‌ର ଚର୍ଚ୍ଚିତ ହରର୍-କମେଡି ୟୁନିଭର୍ସ 'ମ୍ୟାଡକକ୍ ହରର୍ କମେଡି ୟୁନିଭର୍ସ' ବର୍ତ୍ତମାନ ଏକ ନୂଆ ମୋଡ଼ରେ ପହଞ୍ଚିଛି। 'ସ୍ତ୍ରୀ', 'ଭେଡ଼ିଆ' ଏବଂ 'ମୁଞ୍ଜ୍ୟା'ର ବଡ଼ ସଫଳତା ପରେ, ପ୍ରଶଂସକମାନେ ଏହି ସିରିଜ୍‌ର ଷଷ୍ଠ ଫିଲ୍ମ 'ଶକ୍ତି ଶାଳିନୀ'କୁ ଅପେକ୍ଷା କରିଛନ୍ତି। 'ସୈୟାରା' ଫେମ୍ ଅନୀତ ପଡ୍ଡା ଏବଂ ଅଭିନେତା ବିଶାଳ ଜେଠୱାଙ୍କ ଅଭିନୀତ ଏହି ଫିଲ୍ମକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। 'ଶକ୍ତି ଶାଳିନୀ' ଆସନ୍ତା ୨୪ ଡିସେମ୍ବରରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ହେଲେ ଏହି ସମୟରେ ବଲିଉଡ୍ ବାଦଶାହା ଶାହାରୁଖ ଖାନ୍‌ଙ୍କ ବହୁପ୍ରତୀକ୍ଷିତ ଆକ୍ସନ୍ ଫିଲ୍ମ 'କିଙ୍ଗ୍' ମଧ୍ୟ ରିଲିଜ୍ ହେବା ପାଇଁ ପ୍ରସ୍ତୁତି ଚାଲିଛି। ଏହି ଦୁଇଟି ଯାକ ସିନେମା ଏକାସାଙ୍ଗେ ରିଲିଜ୍ ହେଲେ ବ୍ୟବସାୟ ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ସେଥିପାଇଁ ସୋସିଆଲ ମିଡିଆରେ ଗୁଜବ ଉଠୁଛି ଯେ, ଫିଲ୍ମ ନିର୍ମାତା ବକ୍ସ ଅଫିସ୍ ଲଢ଼େଇରୁ ବଞ୍ଚିବା ପାଇଁ 'ଶକ୍ତି ଶାଳିନୀ'ର ରିଲିଜ୍ ଡେଟ୍ ଆଗକୁ ଘୁଞ୍ଚାଇ ପାରନ୍ତି। ଚର୍ଚ୍ଚା ହେଉଛି କି, ଏହା ୨୦୨୭ ଜାନୁଆରୀ ପ୍ରଥମ ଭାଗରେ ମୁକ୍ତିଲାଭ କରିପାରେ। ନିକଟରେ ଏକ ସାକ୍ଷାତକାର ସମୟରେ ବିଶାଳଙ୍କୁ ଫିଲ୍ମର ରିଲିଜ୍ ଡେଟ୍ ଘୁଞ୍ଚିବା ନେଇ ପ୍ରଶ୍ନ କରାଯିବାରୁ ସେ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ନ ଥିଲେ। ବିଶାଳ କହିଥିଲେ,, "ମୁଁ ମଧ୍ୟ ଏହି ଗୁଜବ ବିଷୟରେ ଶୁଣିଛି।" ତାଙ୍କର ଏଭଳି ମନ୍ତବ୍ୟ ପ୍ରଶଂସକ ଏବଂ ଚଳଚ୍ଚିତ୍ର ସମୀକ୍ଷକଙ୍କ ସନ୍ଦେହକୁ ଆହୁରି ଦ୍ୱିଗୁଣିତ କରିଦେଇଛି। ତେବେ ପ୍ରଯୋଜନା ସଂସ୍ଥା କିମ୍ବା ନିର୍ମାତାଙ୍କ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ଭାବେ କୌଣସି ସୂଚନା ମିଳିନାହିଁ। ବିଶାଳ ଓ ଅନୀତ ଏହାପୂର୍ବରୁ ୨୦୨୨ର ଫିଲ୍ମ 'ସଲାମ ଭେଙ୍କି'ରେ ଏକାଠି କାମ କରିଥିଲେ। ସେଥିପାଇଁ ପରଦାରେ ସେମାନଙ୍କର କେମିଷ୍ଟ୍ରି ଦେଖିବାକୁ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। କିଙ୍ଗ୍ ଖାନଙ୍କ ଭଳି ମେଗାଷ୍ଟାର୍‌ଙ୍କ ସହ ସିଧାସଳଖ ମୁହାଁମୁହିଁ ହେବା ବଦଳରେ ରିଲିଜ୍ ତାରିଖକୁ ଘୁଞ୍ଚାଇ ଦେବା ଏକ ବୁଦ୍ଧିମାନର ନିଷ୍ପତ୍ତି ହୋଇପାରେ ବୋଲି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ତେବେ 'ଶକ୍ତି ଶାଳିନୀ' ନିଜ ନିର୍ଦ୍ଧାରିତ ସମୟରେ ଆସୁଛି ନା ନୂଆ ବର୍ଷର ନୂଆ ଉପହାର ସାଜି ଆସିବ ତାହା ଦେଖିବାକୁ ବାକି ରହିଲା।



## ପଢ଼ିଲେ ଟଙ୍କା



ସୋସିଆଲ ମିଡିଆ ଯୁଗରେ ଅଧିକାଂଶ ଲୋକ ବହି ପଢ଼ା ଅଭ୍ୟାସକୁ ବିଦାୟ ଦେଇସାରିଛନ୍ତି। ହେଲେ ସିଙ୍ଗାପୁର ସରକାର ଲୋକଙ୍କୁ ମୋବାଇଲ୍ ସ୍କ୍ରିନ୍‌ଠାରୁ ଦୂରେଇ ରଖିବା ଏବଂ ବହି ପଢ଼ିବା ଅଭ୍ୟାସକୁ ବଢ଼ାଇବା ପାଇଁ ଏକ ନୂତନ ଜାତୀୟ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଯେଉଁମାନେ ବହି ପଢୁଛନ୍ତି, ସେମାନଙ୍କୁ କିଛି ଆକର୍ଷଣୀୟ ଉପହାର ବା ଆର୍ଥିକ ପ୍ରୋତ୍ସାହନ ମିଳୁଛି। ଏହା ପଛର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଲୋକଙ୍କୁ ବହିପଢ଼ା ପ୍ରତି ଉତ୍ସାହିତ କରିବା। ଏହି ଅଭିଯାନର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ଏହାର ଶୈଳୀ। ସରକାର ପାଠପଢ଼ାକୁ ଏକ ମୋବାଇଲ୍ ଗେମ୍ ଭଳି ମଜାଦାର କରିଦେଇଛନ୍ତି। ଏଥିପାଇଁ ସିଙ୍ଗାପୁରର ନାଗରିକମାନଙ୍କୁ ପ୍ରତିଦିନ ଅତିକମ୍‌ରେ ୧୫ ମିନିଟ୍ କୌଣସି ବହି କିମ୍ବା ଦୀର୍ଘ ପ୍ରବନ୍ଧ ପଢ଼ିବାକୁ ପଡୁଛି। ପଢ଼ିସାରିବା ପରେ ସେମାନେ ସରକାରଙ୍କ ସ୍ୱତନ୍ତ୍ର ପ୍ଲାଟଫର୍ମ 'କ୍ରାଉଡ୍‌ଟାସ୍କଏସ୍‌ଜି' ୱେବସାଇଟ୍‌ରେ ନିଜର ପଠନ ସମୟକୁ ଉଲ୍ଲେଖ କରିଥାନ୍ତି। ପ୍ରତିଦିନ ବହି ପଢ଼ିବା ଦ୍ୱାରା ସେମାନଙ୍କୁ ୨୦ଟି ଭର୍ଚୁଆଲ୍ କଏନ୍ ମିଳିଥାଏ। ଯେତେବେଳେ ଏହି କଏନ୍ ସଂଖ୍ୟା ୧,୦୦୦ରେ ପହଞ୍ଚିଯିବ, ପାଠକଙ୍କୁ ଏଥିପାଇଁ ୧ ସିଙ୍ଗାପୁର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୭୫ଟଙ୍କା ମିଳିବ। କେବଳ ସେତିକି ନୁହେଁ, ଏହି ଚ୍ୟାଲେଞ୍ଜରେ 'ରିଡିଂ ଷ୍ଟ୍ରିକ୍ସ' ଏବଂ ବ୍ରୋଞ୍ଜ, ସିଲଭର ଭଳି ବିଭିନ୍ନ ସ୍ତର ମଧ୍ୟ ରହିଛି, ଯାହା ଲୋକଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି କରୁଛି। ଏହି ଅଭିଯାନକୁ ଏଭଳି ଏକ ସମୟରେ ଆରମ୍ଭ କରାଯାଇଛି, ଯେତେବେଳେ ଲୋକଙ୍କର ଏକାଗ୍ରତା ସମୟ ବହୁତ କମିଯାଇଛି। ଏହାର ମୁଖ୍ୟ କାରଣ ହେଉଛି ସର୍ଟ-ଫର୍ମ ଭିଡିଓ ଯାହାକୁ ଲୋକମାନେ ମାତ୍ର କିଛି ସେକେଣ୍ଡ ଦେଖନ୍ତି ଏବଂ ତା'ପରେ ବିରକ୍ତ ହୋଇ ଆଗକୁ ସ୍କ୍ରୋଲ୍ କରିଦିଅନ୍ତି। ଏହାର ପ୍ରଭାବ ସେମାନଙ୍କ ମସ୍ତିଷ୍କ ଉପରେ ପଡୁଛି ଏବଂ ସେମାନଙ୍କ ମନ ପଢ଼ିବା, ଖାଇବା, ବାହାରକୁ ଯିବା, କଥାବାର୍ତ୍ତା କରିବା ଏବଂ ଏପରିକି କାମ କରିବାରେ ମଧ୍ୟ ଲାଗିପାରୁ ନାହିଁ। ଏଭଳି ପରିସ୍ଥିତିରେ ଦେଖିବାକୁ ବାକି ରହିଲା ଯେ, ଏହି ସମସ୍ୟାର ମୁକାବିଲା କରିବାରେ ଏହି ଅଭିଯାନ କେତେଦୂର ସଫଳ ହେଉଛି। ଅପରପକ୍ଷରେ ୟୁରୋପର କିଛି ଦେଶ ପୂର୍ବରୁ ବହି କିଣିବା ପାଇଁ ଭାଉଚର ଦେଉଥିବା ବେଳେ, ସିଙ୍ଗାପୁରର ଏହି 'ପଢ଼ିଲେ ଟଙ୍କା' ଯୋଜନା ସାରା ବିଶ୍ୱରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ପାଣି ଉପରେ ଜୀବନ

ମାଟିର ସ୍ପର୍ଶ ବିନା କେବଳ ପାଣି ଉପରେ ଏକ ସମ୍ପୂର୍ଣ୍ଣ ଗାଁ ବସିପାରେ ଏହାଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ଏମିତି ଏକ ଅଦ୍ଭୁତ ଗାଁ ରହିଛି ଦକ୍ଷିଣ ଥାଇଲ୍ୟାଣ୍ଡରେ। ଗାଁଟିର ନାଁ 'କୋ ପନ୍ୟାଇ'। ପ୍ରାୟ ୨୦୦ ବର୍ଷ ପୂର୍ବେ ଇଣ୍ଡୋନେସିଆରୁ ମାଛ ଧରିବାକୁ ବାହାରିଥିବା ତିନୋଟି ମତ୍ସ୍ୟଜୀବୀ ପରିବାର ଏହି ସ୍ଥାନରେ ପହଞ୍ଚିଥିଲେ। ସେ ସମୟର ଆଇନ ଅନୁଯାୟୀ, ଅଣ-ଥାଇ ନାଗରିକମାନଙ୍କୁ ଥାଇଲ୍ୟାଣ୍ଡରେ ଜମି କିଣିବାକୁ ଅନୁମତି ନ ଥିଲା। ହେଲେ ପେଟର ବିକଳ ଓ ବଞ୍ଚିବାର ଜିଦ୍ ଆଗରେ ହାର୍ ମାନିଥିଲା ସବୁ ପ୍ରତିବନ୍ଧକ। ମତ୍ସ୍ୟଜୀବୀମାନେ ଫାଙ୍ଗ ଗା ଉପସାଗରର ଏହି ଶାନ୍ତ ପାଣିକୁ ନିଜର ନୂଆ ଠିକଣା ଭାବେ ବାଛିନେଲେ। ମାଟି ଉପରେ ଘର ନ କରି ସେମାନେ ପାଣି ଭିତରେ ଶକ୍ତ ଖମ୍ବ ପୋତି ନିଜ ପାଇଁ କାଠର ଆଶ୍ରୟସ୍ଥଳୀ ତିଆରି କଲେ। ଆଜି କୋ ପନ୍ୟାଇ କେବଳ ୩ଟି ପରିବାରର କୁଡ଼ିଆ ହୋଇ ରହିନାହିଁ, ବରଂ ଏହା ୩୦୦ରୁ ଅଧିକ ପରିବାର ଏବଂ ପ୍ରାୟ ୧,୬୦୦ରୁ ଅଧିକ ଲୋକଙ୍କୁ ନେଇ ଏକ ସମୃଦ୍ଧ ଗାଁ। ସମୁଦ୍ର ଭିତରେ ପୋତାଯାଇଥିବା ହଜାର ହଜାର ମଜବୁତ ପିଲାର୍ ଉପରେ ଏହି ସମ୍ପୂର୍ଣ୍ଣ ଗାଁ ଠିଆ ହୋଇଛି। ଏଠାରେ କେବଳ ଘର ନାହିଁ, ବରଂ ଏକ ସାଧାରଣ ଗାଁ ଭଳି ଦୋକାନ ବଜାର, ଏକ ମସଜିଦ୍, ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍କୁଲ ରହିଛି। ଏହି ଗାଁର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର ଭାସମାନ ଫୁଟବଲ ପଡ଼ିଆ। ଗାଁର ଛୋଟ ପିଲାମାନେ ଫୁଟବଲ ଖେଳିବା ପାଇଁ କାଠ ଏବଂ ଭେଳା ସାହାଯ୍ୟରେ ପାଣି ଉପରେ ଏହି ପଡ଼ିଆଟି ତିଆରି କରିଥିଲେ, ଯାହା ଆଜି ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ। ଗାଁର ଗୋଟିଏ ଘରୁ ଅନ୍ୟ ଘରକୁ ଯିବା ପାଇଁ କାଠର ସଂକୀର୍ଣ୍ଣ ପୋଲ ତିଆରି ହୋଇଛି। ଏଠାକାର ଲୋକମାନଙ୍କର ମୁଖ୍ୟ ଜୀବିକା ହେଉଛି ମାଛ ଧରିବା। ପୁରୁଷମାନେ ସକାଳୁ ସମୁଦ୍ରକୁ ଯାଆନ୍ତି ଏବଂ ମାଛ ଧରି ନିଜ ଗୁଜୁରାଣ ମେଣ୍ଟାନ୍ତି। ତେବେ ସମୟ ବଦଳିବା ସହ ଏହି ଅଦ୍ଭୁତ ଗାଁ ବିଷୟରେ ଦୁନିଆ ଜାଣିବାକୁ ପାଇଲା। ଏବେ ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ପାଲଟିଛି। ଦୁନିଆର କୋଣଅନୁକୋଣରୁ ପର୍ଯ୍ୟଟକମାନେ ଏଠାକୁ ଏହି ଭାସମାନ ଜୀବନଶୈଳୀକୁ ଦେଖିବାକୁ ଆସନ୍ତି। ଗାଁର ଲୋକମାନେ ଏବେ ପର୍ଯ୍ୟଟକମାନଙ୍କ ପାଇଁ ସାମୁଦ୍ରିକ ଖାଦ୍ୟ ରେଷ୍ଟୁରାଣ୍ଟ ଏବଂ ହସ୍ତତନ୍ତ ସାମଗ୍ରୀର ଦୋକାନ ମଧ୍ୟ ଖୋଲିଛନ୍ତି। ମାଟିଠାରୁ ଦୂରରେ, ପାଣି ଉପରେ ଭାସମାନ ଏହି ଗାଁ ସତରେ ଆଶ୍ଚର୍ଯ୍ୟଜନକ ଏବଂ ଅନନ୍ୟ।

## ପ୍ରହେଳିକା



- ଓସାଟିଏ ଆସେ ଭୋଦୁଅ ଅନ୍ତେ
ପର୍ବପର୍ବାଣିରେ ସମୟ ବିତେ
ସ୍ୱର୍ଗରୁ ଆସନ୍ତି ସିଂହବାହିନୀ
ଆଶିଷ ଢାଳନ୍ତି ସାଜି ଜନନୀ
ଶୁକ୍ଳ ପକ୍ଷ ତା'ର ଭାରି ପବିତ୍ର
ନଅଦିନ ଧରି ପାଳନ୍ତି ସରବେ
କୁହ'ତ ସେ ମାସ ନାମଟି ମିତ।

ଉତ୍ତର-ଆଶ୍ୱିନ ମାସ

- ମୂଳାଷ୍ଟମୀ ବ୍ରତ ପର ଦିନରେ
ତିଅଣଟେ ବନେ ସଭିଙ୍କ ଘରେ
ନାନା ଜାତି ପନିପରିବା କାଟି
ରାନ୍ଧନ୍ତି ତାହାକୁ ଯତନେ ଅତି
ସୁଆଦରେ ଅନୁପମ
ଗଜାମୁଗ, ବୁଟ, ମଟର ପଡ଼ଇ
କୁହ'ତ ତାହାର ନାମ।

ଉତ୍ତର-ଦୂତୀୟା ଘାଣ୍ଟ

- ଶରତ କାଳରେ ସେ ଫୁଲ ଫୁଟେ
ସୂରୁଜ ଉଇଁଲେ ଧରାରେ ଲୋଟେ
ସଞ୍ଜ ନଇଁଗଲେ ସିଏ ଫୁଟଇ
ଆଖପାଖେ ତା'ର ବାସ ଛୁଟଇ
ଧଳା ପାଖୁଡ଼ା ତା'ନାରଙ୍ଗୀ ବୃନ୍ତ
କୁହ ତ ସେ ଫୁଲ ନାମଟି ମିତ।

ଉତ୍ତର-ଗଙ୍ଗଶିଉଳି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ଗାନ୍ଧୀ ମହାତ୍ମା





ସୁଜିତ କୁମାର ମିଶ୍ର

ଅଣ୍ଟାରେ ଘଡ଼ି ହାତରେ ବାଡ଼ି
ଥିଲା ତାଙ୍କର ଭେକ,
ଖଦଡ଼ ପିନ୍ଧା ବେଶଭୂଷାରେ
ରଖିଲେ ଦେଶ ଟେକ।
ଅହିଂସା ବଳେ ଗୋରାଜାତିକୁ
ଚଖାଇଥିଲେ ପାନେ,
ଅସହଯୋଗ କରିବା ପାଇଁ
ପଣ କରିଲେ ମନେ।
ବନ୍ଧୁକ ଗୁଳି ଲାଠି ମାଡ଼ରେ
ହେଲେନି ବିଚଳିତ,
ଅନଶନ ଓ ସତ୍ୟାଗ୍ରହରେ
ଆଣିଲେ ମୁକ୍ତିପଥ।
ଡାକ ଦେଲେ ସେ କର ବା ମର
ଭାରତ ଛାଡ଼ି ଯାଅ,
ଗିରଫ ହେଲେ ତୁଣ୍ଡ ଖୋଲିକି
ନ ଥିଲା ମନେ ଭୟ।
ଏକାଠି କଲେ ଏକତା ମନ୍ତ୍ରେ
ଦେଶର ଜନତାଙ୍କୁ,
ବାହୁଡ଼ି ଗଲେ ବିଦେଶୀ ସବୁ
ଦେଖି ସେ ବୀରତ୍ୱକୁ।
ସତ୍ୟ ଅହିଂସା ପଥରେ ଯାଇ
ଆଣିଲେ ସ୍ୱାଧୀନତା,
ଦେଶଭକ୍ତିରେ ବୁଣିଲେ ହୃଦେ
ଅମର ପ୍ରୀତି ଗାଥା।
ଜାଣିଛ ପିଲେ ସେଥିଲେ କିଏ
କରିଲେ ଏତେ କାମ,
ସେ ପରା ଥିଲେ ଜାତିର ପିତା
ଗାନ୍ଧୀ ମହାତ୍ମା ଆମ। ■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର

## ଚଢ଼େଇଟିଏ



ଭୁବନାନନ୍ଦ ପାଣିଗ୍ରାହୀ

ଚଢ଼େଇଟିଏ ମୁଁ ଚଢ଼େଇଟିଏ
ନୀଳ ଆକାଶର ଚଢ଼େଇଟିଏ
ଟିକି ଟିକି ଡେଣା ଝାଡ଼ି ମୁଁ ଦିଏ
ମନ ମୋର ଯେବେ ଯୁଆଡ଼େ ହୁଏ।
ଟାଣୁଆ ଖରା ତାତିକୁ ଜମା
ଖାତିର କେବେ କରେନି ମୁହିଁ
ଉଡ଼ି ଉଡ଼ି ଯାଏ ବହୁତ ଦୂର
ଆକାଶର ଧଳା ବଉଦ ଛୁଇଁ।
ଘୂରି ଘୂରି ବୁଲେ ପାହାଡ଼ ବଣ
ଟିକି ଝରଣାର ପାଣି ମୁଁ ପିଏ
ସୁଲୁ ସୁଲୁ ଯେବେ ପବନ ବହେ
ମିଠା ମିଠା ସୁରେ ଗୀତଟେ ଗାଏ।
ଜାତି ଜାତି ଫଳ ଖୋଜି ମୁଁ ଖାଏ
ଟିକି ଥଣ୍ଟିରେ ସୁଆଦ ଚାଖି
ଭାବିଲ ଥରେ, କହିଲ ଦେଖି
ମୋ' ଠାରୁ କିଏ ସେ ଅଛିରେ ସୁଖୀ ?
ସୂରୁଜ ବୁଡ଼ିଲେ ନଇଁଲେ ସଞ୍ଜ
ଥିଇରି ଥିଇରି ଗଡ଼ିଲେ ବେଳ
ଟିକି ଡେଣା ଝାଡ଼ି ଫେରି ମୁଁ ଯାଏ
ଉଚ୍ଚ ବରଗଛ ବସାକୁ ମୋର। ■

ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା





## ଚାରି ଚୋର





ଅର୍ଜୁନ ଦାସ

ଥରେ ଚାରିଜଣ ଚୋର ଚିନ୍ତାକଲେ, ଆମେ ତ ଜୀବନରେ ବହୁ ଲୋକଙ୍କ ଜୀବନ ନଷ୍ଟ କରିଛେ। ସେମାନେ ଦିନରାତି ପରିଶ୍ରମ କରି ଧନ ସଞ୍ଚୟ କରୁଛନ୍ତି, କିନ୍ତୁ ଆମେ କିଛି କ୍ଷଣ ମଧ୍ୟରେ ତାକୁ ଲୁଟି ନଉଛେ। ସେମାନେ ଆମକୁ ଅଭିଶାପ ଦେଉଥିବେ ନିଶ୍ଚୟ, ତେଣୁ ଆଜିଠାରୁ ଆମେ ଭଲବାଟରେ ଯିବା। ସେଥିପାଇଁ ସେମାନେ ପାଖରେ ଥିବା ଆଶ୍ରମରେ ସାଧୁଙ୍କୁ ଭେଟିବାକୁ ସ୍ଥିର କଲେ। ସାଧୁଙ୍କ ପାଖକୁ ଯାଇ ଚୋରମାନେ କହିଲେ , "ପ୍ରଭୁ ଆମକୁ କ୍ଷମା କର, ଆମେ ଜୀବନରେ ବହୁତ ପାପ କଲୁଣି , ଆପଣଙ୍କ ଶରଣରେ ପଶିଲୁ। ଆମେ ଆଜି ଠାରୁ ଭଲ ବାଟରେ ଯିବା ନିମନ୍ତେ ଦୃଢ଼ ସଂକଳ୍ପ ନେଉଛୁ।" ସାଧୁ ଚୋରମାନଙ୍କ କଥା ଶୁଣି କହିଲେ , "ଏ ମାର୍ଗଟି ଏତେ ସହଜ ନୁହେଁ, ଏଥିପାଇଁ ବହୁ କଷ୍ଟ କରିବାକୁ ପଡିବ। ନିଷ୍ଠାପର ଭାବରେ ଯଦି ତୁମେ ଏଥିରେ ମନୋନିବେଶ କରିବ ତେବେ ସଠିକ୍ ମାର୍ଗରେ ପହଞ୍ଚିପାରିବ।" ସାଧୁଙ୍କ କଥାରେ ସେମାନେ ସହମତି ଜଣାଇଲେ। ସାଧୁ ସଂଧ୍ୟାରେ ସେମାନଙ୍କୁ ଫେରିଆସିବା ପାଇଁ ଆଦେଶ ଦେଲେ। ଗାଁ ଗାଁ ବୁଲି ଭିକ୍ଷା ମାଗିବା ବେଳେ ସେମାନେ ଦେଖିଲେ, ଜଣେ ସାହୁକାର ଅଜସ୍ର ଧନର ଅଧିକାରୀ। ସୁନା, ହୀରା, ମୋତିର ବିରାଟ ବିରାଟ ମାଳା ସେ ପକାଇଛନ୍ତି। ଏହା ଦେଖି ଜଣେ ଚୋର କହିଲା , "ଭାଇ ଦେଖୁଛ ତ କେତେ ଧନ। ଆମେ ଯଦି ଗୁରୁଦେବଙ୍କ କଥା ମାନି ଚଳିବା ଏ ଧନ ସମ୍ପତ୍ତି ସବୁ କଣ ହେବ? ଆଜି ରାତିରେ ଆସି ସବୁ ଲୁଟିନେବା।" କଥାରେ ଅଛି ମଣିଷ କ'ଣ ସତରେ ତାର ପକୃତି ସହଜେ ଛାଡ଼ି ପାରେ। ଚୋର ମନ ଧନ ଦେଖିଲେ ବା କିପରି ସମ୍ଭାଳିବେ। ସାଧୁଙ୍କ ପାଖରେ କରିଥିବା ଶପଥକୁ ସେମାନେ ଭୁଲି ପୁଣି ନିଜ ପୁରୁଣା ବାଟକୁ ଫେରିବାକୁ ମନସ୍ଥ କଲେ। ଦିନରେ ସାଧୁ ହୋଇ ଭିକ୍ଷା କରିବେ ରାତିରେ ଚୋରି। ସଂଧ୍ୟାରେ ସେମାନେ ଆଶ୍ରମକୁ ଫେରିଆସିଲେ। ଗୁରୁଦେବଙ୍କ ସହ ମିଶି ସତ୍‌ସଙ୍ଗ କଲେ। ନିତ୍ୟ ଆଳତି, ପ୍ରାର୍ଥନା , ଭଜନ ଓ ଭଗବାନଙ୍କ ନାମଗାନରେ ମଜି ରହିଲେ। ଭଜନ ସରିବା ପରେ ଗୁରୁଦେବଙ୍କୁ ପ୍ରଣାମ କରି ଶୋଇପଡ଼ିଲେ। ପରସ୍ପର ମଧ୍ୟରେ କଥା ହେଲେ ଜଲଦି ଶୋଇ ପଡ଼ିଲେ ରାତି ଅଧକୁ ସାହୁକାର ଘରକୁ ଯିବା। ନିଦ ଭାଙ୍ଗିଲା ବେଳକୁ ସକାଳ। ମନେ ମନେ ଚିନ୍ତାକଲେ ଆରେ ଆରେ ଆମେ ତ ଆଜି ସଫଳ ହୋଇପାରିଲେ ନାହିଁ। ହଉ ଦେଖିବା କାଲିକି। ଏମିତି ଦିନ ପରେ ଦିନ ଗଡ଼ିଗଲା। ବହୁଥର ଚେଷ୍ଟାକରି ବି ସେମାନେ ବିଫଳ ହେଲେ। ବାରମ୍ବାର ବିଫଳ ହେବାପରେ ଚାରିଜଣ ଚୋର ଯାଇ ସାଧୁଙ୍କ ପାଦ ତଳେ ପଡ଼ିଗଲେ। ଗୁରୁଦେବ ଆମର ଭୁଲ ହୋଇଯାଇଛି। ଆମକୁ କ୍ଷମା କରନ୍ତୁ। ଆମେ ଏହା ଚିନ୍ତା କରି ଏଠାକୁ ଆସିଥିଲୁ ଯେ , ଦିନରେ ସାଧୁ ବେଶରେ ବୁଲିକି ରାତିରେ ଚୋରି କରିବୁ ହେଲେ ସଫଳ ହେଲୁନାହିଁ। ଏବେ କିନ୍ତୁ ମନେ ଏଥି ନିମନ୍ତେ ବହୁ ପଶ୍ଚାତାପ କରୁଛୁ। ଆମକୁ ବାଟ ଦେଖାନ୍ତୁ ଗୁରୁଦେବ। ସାଧୁ ହସିହସି କହିଲେ , "ମୁଁ ପ୍ରଥମ ଦିନରୁ ଏପରି ତୁମ ମନରେ ଅଛି ବୋଲି ଜାଣିଥିଲି। ହେଲେ ମନରେ ଆଶାଥିଲା ଯିଏ ଭଗବାନଙ୍କ ଶରଣରେ ଆସିବ ଭଗବାନ କେବେ ତାକୁ ଖରାପ କାମରେ ଲଗାଇବେ ନାହିଁ। ତୁମେମାନେ ଯେଉଁ ଭଜନ ନାମ, ଜପ କରୁଥିଲ। ସବୁ ତାହାରି ପ୍ରଭାବ , ଯେଉଁଥିପାଇଁ ତୁମେ ଖରାପ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରି ବି ପାରିଲ ନାହିଁ।" ■

ମାଧବ , ନିଆଳି, କଟକ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।





ସାଗର ପ୍ରଧାନ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ନାଥପୁର, ଭୁବନେଶ୍ୱର





ସୃଷ୍ଟି ସଂସ୍କୃତି
ତୃତୀୟ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା





ଆର୍ଯ୍ୟା ଯାଦବ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା





ଆୟୁଷ୍ମାନ ସାହୁ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ ସ୍କୁଲ
ପୁରୀ

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ଗୋଟିଏ ଦିନରେ ୬ ସ୍ୱର୍ଣ୍ଣ ଜିତିଲା ଭାରତ

ଟୋକିଓ,୨।୧୦(ଏଜେନ୍ସି)

ଶେଷରେ ଭାରତୀୟ ଆଥଲେଟ ଏଠାରେ ଚାଲିଥିବା ଆଇଚି-ନାଗୋୟା ଏସିଆନ ଗେମ୍ସରେ କିଛିଟା ଦମ୍ ଦେଖାଇଛନ୍ତି। ପ୍ରତିଯୋଗିତା ଶେଷ ହେବାକୁ ଆଉ ଗୋଟିଏ ଦିନ ବାକିଥିଲାବେଳେ ଭାରତ ଆଜି ବା ଶୁକ୍ରବାର ଗୋଟିଏ ଦିନରେ ୬ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଦଳ ବକ୍ସିଂରେ ୩ଟି, ମହିଳା ତୀରନ୍ଦାଜୀ, ରେସଲିଂ ଓ ମହିଳା ହକିରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଛି। ହକି ଓ ତୀରନ୍ଦାଜୀ ଟିମ୍ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ସ୍ୱର୍ଣ୍ଣ ପଦକ ଲାଗି ମୁକାବିଲା ହେବ। ତୀରନ୍ଦାଜ ଅଙ୍କିତା ଭକତ, କୀର୍ତ୍ତି ଶର୍ମା ଓ କୁମ୍‌କୁମ୍ ଅନିଲ ବିନୋଦଙ୍କୁ ନେଇ ଗଠିତ ରିକର୍ଭ ଟିମ୍ ପ୍ରଥମଥର ଲାଗି ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ହାସଲ କରିଛି। ପୁରୁଷ କୁସ୍ତିରେ ମଧ୍ୟ ସୁଜିତ କାଲକଲ ସୁନ୍ଦର ପ୍ରତ୍ୟାବର୍ତ୍ତନ କରି ସ୍ୱର୍ଣ୍ଣପଦକ ଏକପ୍ରକାର ଛଡ଼ାଇ ଆଣିଥିଲେ। ବକ୍ସରମାନଙ୍କଠାରୁ ଆଜି ସ୍ୱର୍ଣ୍ଣ ପଦକ ଆଶା କରାଯାଉଥିଲା। ସେମାନଙ୍କ ମଧ୍ୟରୁ ଦୁଇ ମହିଳା ଲଭଲିନା ବୋରୋଗୋହାଁଇ ଓ ପରବିନ ହୁଡା ପ୍ରଥମେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପରେ ପୁରୁଷ ବିଭାଗରେ ଅଙ୍କୁଶଙ୍କୁ ଏହି ସଫଳତା ମିଳିଥିଲା। ଶୁକ୍ରବାର ପ୍ରତିଯୋଗିତାର ଶେଷ ଦିନରେ ଇତିହାସ ସୃଷ୍ଟି କରିଥିଲେ ମହିଳା ହକି ଦଳ। ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌କୁ ୧-୦ ଗୋଲରେ ହରାଇ ମହିଳା ହକି ଦଳ ସ୍ୱର୍ଣ୍ଣପଦକ ଛଡ଼ାଇ ଆଣିଥିଲା। ୪୪ ବର୍ଷ ପରେ ଭାରତୀୟ ମହିଳା ହକି ଦଳ ସ୍ୱର୍ଣ୍ଣ ଜିତି ଯେପରି ଇତିହାସ ସୃଷ୍ଟି କରିଛି, ସେହିପରି ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ପୁରୁଷ ରିକର୍ଭ ଟିମ୍, ମିକ୍ସଡ ରିକର୍ଭ ଟିମ୍‌ଙ୍କୁ ରୌପ୍ୟ, ପୁରୁଷ ସିପକଟାକ୍ର ଓ ସେଲିଂରେ ନେତ୍ରା କୁମାନାନଙ୍କୁ କାଂସ୍ୟ ପଦକ ମିଳିଛି। ଏ ସବୁକୁ ମିଶାଇ ଭାରତ ୧୬ ସ୍ୱର୍ଣ୍ଣ, ୨୫ ରୌପ୍ୟ ଓ ୩୫ କାଂସ୍ୟ ସହ ୭୬ଟି ପଦକ ଜିତି ତାଲିକାର ୫ମ ସ୍ଥାନରେ ପହଞ୍ଚିଛି।

- ପ୍ରଥମ ସ୍ୱର୍ଣ୍ଣ ଜିତିଲେ ମହିଳା ରିକର୍ଭ ତୀରନ୍ଦାଜ
- ବକ୍ସିଂରେ ଲଭଲିନା, ପରବିନ ଓ ଅଙ୍କୁଶଙ୍କୁ ସ୍ୱର୍ଣ୍ଣ
- ରେସ୍‌ଲିଂରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କଲେ ସୁଜିତ୍
- ୪୪ ବର୍ଷ ପରେ ମହିଳା ହକି ଦଳକୁ ସ୍ୱର୍ଣ୍ଣ
- ଭାରତ-ପାକିସ୍ତାନ ମଧ୍ୟରେ କ୍ରିକେଟ ସ୍ୱର୍ଣ୍ଣ ମୁକାବିଲା



## ରେସ୍‌ଲିଂରୁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ସୁଜିତ



ଭାରତୀୟ ବକ୍ସରମାନେ ଜୋରଦାର ସଫଳତା ପାଇବା ପରେ ରେସଲିଂରେ ପ୍ରଥମ ପଦକ ଜିତିଛନ୍ତି ସୁଜିତ କାଲକଲ। ମାନ୍ୟତାରେ ଆଗରେ ଥିଲେ ମଧ୍ୟ ସୁଜିତ ଲଢ଼େଇରେ ତାଜିକସ୍ତାନର ଅବ୍‌ଦୁଲମାହଜିଦ୍ କୁଦିଏଭଙ୍କଠାରୁ ପଛରେ ପଡ଼ିଯାଇଥିଲେ। କିନ୍ତୁ ଅଭିଜ୍ଞତା ଓ କୌଶଳ ବଳରେ ସୁଜିତ ଏହି ଲଢ଼େଇରେ ପ୍ରତ୍ୟାବର୍ତ୍ତନ କରି ୧୦-୯ରେ ମୁକାବିଲା ଜିତିନେଇଥିଲେ। ଚଳିତ ପ୍ରତିଯୋଗିତାରେ ଏହା କୁସ୍ତିରେ ଭାରତର ପ୍ରଥମ ପଦକ। ସମସ୍ତ ଏସିଆନ ଗେମ୍ସରେ ଏହା ମଧ୍ୟ ଭାରତର ତୃତୀୟ ସ୍ୱର୍ଣ୍ଣପଦକ। ପୁରୁଷ ୬୫ କିଲୋଗ୍ରାମ୍ ଶ୍ରେଣୀରେ ପୂର୍ବରୁ ୨୦୧୪ରେ ଯୋଗେଶ୍ୱର ଦତ୍ତ ଓ ୨୦୧୮ ରେ ବଜରଙ୍ଗ ପୁନିଆ ସ୍ୱର୍ଣ୍ଣପଦକ ଜିତିଥିଲେ। ଆସନ୍ତାକାଲି ଏକାଧିକ ରେସଲର ଲଢ଼େଇରେ ଅବତୀର୍ଣ୍ଣ ହେବେ। ଏଥିରୁ ଭାରତକୁ ଭଲ ପଦକ ମିଳିବ ବୋଲି ଆଶା କରାଯାଉଛି।

## ସିପକ୍‌ଟାକ୍ର ଟିମ୍ ଓ ନେତ୍ରାଙ୍କୁ କାଂସ୍ୟ

ପୁରୁଷ ସିପକଟାକ୍ର ଟିମ୍ ଏସିଆନ ଗେମ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛି। ଆଜି ଅନୁଷ୍ଠିତ ସେମିଫାଇନାଲ ଖେଳରେ ଜାପାନ ୨-୦ରେ ଭାରତକୁ ପରାସ୍ତ କରିବା ଫଳରେ ଏହି ପଦକ ମିଳିଛି। ପରାଜିତ ଭାରତ ସେମିଫାଇନାଲରୁ ବିଦାୟ ନେଇଥିଲେ ମଧ୍ୟ ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଏହି ପଦକ ପାଇବ।
ସେହିପରି ମହିଳା ଡିଙ୍ଗି ସେଲିଂରେ ନେତ୍ରା କୁମାନାନଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଫାଇନାଲ ସିରିଜ୍ ରେସ୍‌ରେ ସେ ଷଷ୍ଠ ସ୍ଥାନରେ ରହିଥିଲେ। ଏହା ସତ୍ତ୍ୱେ ନେତ୍ରା ହଂକଂ ପ୍ରତିଯୋଗୀଙ୍କୁ ପଛରେ ପକାଇ ତୃତୀୟସ୍ଥାନରେ ରହିଥିଲେ। ଫଳରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା।

## ଉଦ୍‌ଯାପନୀ ଉତ୍ସବରେ ନୀରୁ ଧରିବେ ପତାକା

ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ୨୦ତମ ଏସିଆନ ଗେମ୍ସ ଅକ୍ଟୋବର ୪ ତାରିଖରେ ଶେଷ ହେବ। ଏହି ପ୍ରତିଯୋଗିତାର ରବିବାର ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ସୁଟିଂରେ ୨ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବା ନୀରୁ ଧଣ୍ଡା ଜାତୀୟ ପତାକା ଧରିବେ ବୋଲି ଭାରତୀୟ ଅଲିମ୍ପିକ୍ ସଂଘ ପକ୍ଷରୁ ଘୋଷଣା କରାଯାଇଛି। ୨୭ ବର୍ଷୀୟା ନୀରୁ ୨ଟି ସ୍ୱର୍ଣ୍ଣ ସହ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଥିଲେ।

## ମହିଳା ହକି ଦଳକୁ ଅଲିମ୍ପିକ୍ସ ଯୋଗ୍ୟତା

ମହିଳା ହକି ଦଳ ଆଜି ଚମକ ଦେଖାଇଛନ୍ତି। ଏଫ୍‌ଆଇଏଚ୍ ବା ବିଶ୍ୱମାନ୍ୟତାରେ ୮ମ ସ୍ଥାନରେ ଥିବା ଭାରତ ୧-୦ ଗୋଲରେ ଏସୀୟ ଚାମ୍ପିଅନ ତଥା ଗତଥରର ସ୍ୱର୍ଣ୍ଣବିଜେତା ଚୀନ୍‌କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ବିଜୟୀ ଦଳ ପକ୍ଷରୁ ଏଠାରେ ୨୦୦ତମ ମ୍ୟାଚ୍ ଖେଳୁଥିବା ଲାଲରେମସିଆମି ଖେଳର ୧୦ମ ମିନିଟ୍‌ରେ ଏକ ଚମତ୍କାର ଗୋଲ ସ୍କୋର କରିଥିଲେ। ସେହିପରି ଚୀନ୍‌ର ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ମଧ୍ୟ ଗୋଲରକ୍ଷକ ତଥା ଅଧିନାୟିକା ସବିତା ଅଟକାଇ ଦେଇଥିଲେ। ଏହା ଫଳରେ ଭାରତ ଦୀର୍ଘ ୪୪ ବର୍ଷ ପରେ ମହିଳା ହକିରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଏହି ବିଜୟ ଫଳରେ ଭାରତ ଏକାଥରକେ ଦୁଇଟି ସଫଳତା ପାଇଛି। ଗୋଟିଏ ହେଉଛି ଚୀନ୍‌ର ପ୍ରାଧାନ୍ୟକୁ ପ୍ରତିହତ କରିବା। ଦ୍ୱିତୀୟଟି ହେଉଛି ୨୦୨୮ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବା।

**ଖେଳାଳିଙ୍କୁ ୧୧ ଲକ୍ଷ, ଅନ୍ୟମାନଙ୍କୁ ୫.୫ ଲକ୍ଷ**

୪୪ ବର୍ଷ ପରେ ସ୍ୱର୍ଣ୍ଣପଦକ ଜିତିଥିବା ମହିଳା ହକି ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଲକ୍ଷ ଲେଖାଏଁ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫.୫ ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ଦେବାକୁ ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ଶକ୍ତିଶାଳୀ ଚୀନ୍‌କୁ ଭାରତ ୧-୦ ଗୋଲରେ ପରାସ୍ତ କରିଥିଲା। ବିଜୟୀ ହକି ଦଳକୁ ଓଡ଼ିଶା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ମହିଳା ହକି ଦଳର ଏହି ସଫଳତା ଅନ୍ୟ ଖେଳାଳିଙ୍କୁ ପ୍ରେରଣା ଯୋଗାଇବା ସହ ଗୌରବର ଏକ ନୂଆ ଗାଥା ସୃଷ୍ଟି କରିବ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ବାର୍ତ୍ତାରେ ଜଣାଇଛନ୍ତି।

## ୧୦ ଥରର ଅଲିମ୍ପିକ୍ ଚାମ୍ପିଅନକୁ ହରାଇଲା ଭାରତ



ଆର୍ଚରୀ ବା ତୀରନ୍ଦାଜ ମହିଳା ରିକର୍ଭ ଟିମ୍ ଫାଇନାଲ ଲଢ଼େଇରେ ୧୦ଥରର ଅଲିମ୍ପିକ୍ ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ ଭାରତ ପ୍ରଥମଥର ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଏହି ବିଜୟରେ କର୍ଣ୍ଣଧାର ସାଜିଥିଲେ ଅଙ୍କିତା ଭକତ, କୀର୍ତ୍ତି ଶର୍ମା ଓ କୁମ୍‌କୁମ୍ ଅନିଲ ମାହୋଦ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲ ଲଢ଼େଇରେ ଭାରତ ୫-୩ରେ ଦକ୍ଷିଣ କୋରିଆକୁ ହରାଇଦେଇଥିଲା। ଏହି ବିଜୟ ଫଳରେ ଏସିଆନ ଗେମ୍ସରେ ମହିଳା ରିକର୍ଭ ଟିମ୍ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲା। ଏତିକିରେ ପଦକ ବିଜୟ ଅଭିଯାନ ଶେଷ ହୋଇ ନ ଥିଲା। ମିକ୍ସଡ ରିକର୍ଭ ଟିମ୍‌ରେ କୁମ୍‌କୁମ୍ ଓ ଧୀରଜ ବୋମ୍ମାଦେବରା ଫାଇନାଲରେ ଚୀନ୍‌ଠାରୁ ୫-୩ ସେଟ୍‌ରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏହି ସଫଳତା ମଧ୍ୟ ପୁରୁଷ ରିକର୍ଭ ଟିମ୍‌କୁ ମିଳିଥିଲା। ଧୀରଜ ବୋମ୍ମାଦେବରା, ଯଶଦୀପ ସଞ୍ଜୟ ଭୋଗେ ଓ ନୀରଜ ଚୋହାନ ଫାଇନାଲରେ ଭଲ ଖେଳି ପାରି ନ ଥିଲେ। ଫଳରେ ଦକ୍ଷିଣ କୋରିଆ ୫-୧ରେ ଭାରତୀୟ ପୁରୁଷ ରିକର୍ଭ ଟିମ୍‌କୁ ହରାଇ ସ୍ୱର୍ଣ୍ଣ ଜିତିନେଇଥିଲା।

## ଲଭ୍‌ଲିନା, ପରବିନ ଓ ଅଙ୍କୁଶଙ୍କ ଲାଗି ଭାରତ ଗର୍ବିତ



ଭାରତୀୟ ବକ୍ସରମାନେ ଆଜି ସୁନ୍ଦର ଲଢ଼େଇ ପ୍ରଦର୍ଶନ କରି ୩ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହା ମଧ୍ୟରୁ ଦୁଇ ଜଣ ମହିଳା ଓ ଜଣେ ପୁରୁଷ ବକ୍ସର ରହିଛନ୍ତି। ମହିଳା ୭୫ କିଲୋଗ୍ରାମ୍ ଶ୍ରେଣୀରେ ଲଭଲିନା ବୋରୋଗୋହାଁଇ ଚୀନ୍‌ର ବାଓ ଜିୟିଙ୍କୁ ୫-୦ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏସିଆନ ଗେମ୍ସ ଇତିହାସ ବକ୍ସିଂରେ ସ୍ୱର୍ଣ୍ଣପଦକ ଜିତିବାରେ ସେ ଥିଲେ ଭାରତର ଦ୍ୱିତୀୟ ବକ୍ସର। ଏହାର କିଛି ସମୟ ପରେ ମହିଳା ୬୫ କିଲୋଗ୍ରାମ୍ କାଟେଗୋରୀରେ ପରବିନ ହୁଡା ୩-୨ ସ୍ପ୍ଲିଟ୍ ନିଷ୍ପତ୍ତିରେ ଚାଇନିଜ୍ ତାଇପେର ଚେନ୍ ନିଏନ-ଚୀନ୍‌ଙ୍କୁ ପରାସ୍ତ କରି ଆଜି ବକ୍ସିଂରେ ଦ୍ୱିତୀୟ ସ୍ୱର୍ଣ୍ଣ କବ୍‌ଜା କରିଥିଲେ। ଏସିଆନ ଗେମ୍ସରେ ଏହା ନୂଆ କାଟେଗୋରୀ ଭାବେ ସାମିଲ ହୋଇଛି। ପୁରୁଷ ୮୦ କିଲୋଗ୍ରାମ୍ ଶ୍ରେଣୀରେ ଅଙ୍କୁଶ ୪-୦ରେ ଦକ୍ଷିଣ କୋରିଆର କିମ୍ ମିନସେଓଙ୍ଗ୍‌ଙ୍କୁ ପରାସ୍ତ କରି ଆଜି ବକ୍ସିଂରେ ତୃତୀୟ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।

## ଆଜି ବ୍ରାଜିଲ ସହ ପ୍ରଥମ ମ୍ୟାଚ୍ ଖେଳିବ ଭାରତ



କୋଲକାତା, ୨।୧୦ (ଏଜେନ୍ସି): ପାଞ୍ଚଥରର ଫିଫା ବିଶ୍ୱକପ୍ ଚାମ୍ପିଅନ ବ୍ରାଜିଲ ଓ ଭାରତ ମଧ୍ୟରେ ଐତିହାସିକ ଫୁଟବଲ୍ ମ୍ୟାଚ୍ ଶନିବାର ଖେଳାଯିବ। କୋଲକାତାର ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଏହି ପ୍ରତୀକ୍ଷିତ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇଛି। ଫିଫା ମାନ୍ୟତାର ଷଷ୍ଠ ସ୍ଥାନରେ ରହିଥିବା ଶକ୍ତିଶାଳୀ ବ୍ରାଜିଲ ବିପକ୍ଷରେ ଭାରତର ଏହା ସର୍ବପ୍ରଥମ ମ୍ୟାଚ୍ ହେବ। ଅପରପକ୍ଷରେ ଭାରତ ବିଶ୍ୱ ର୍‌ୟାଙ୍କିଙ୍ଗରେ ୧୩୮ତମ ସ୍ଥାନରେ ରହିଛି। ତେଣୁ ଏହି ମ୍ୟାଚ୍ ନିଶ୍ଚିତ ଭାବରେ ଏକପାଖିଆ ରହିବ ବୋଲି ଆକଳନ କରାଯାଉଛି। କିନ୍ତୁ ନିକଟରେ ଫିଫା ବିଶ୍ୱକପ୍ ଖେଳିଥିବା ପାନାମା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ ଭାରତ ୧-୧ ଗୋଲରେ ଡ୍ର ରଖିଥିଲା। ତେଣୁ ବ୍ରାଜିଲକୁ ମଧ୍ୟ ବ୍ଲୁ ଟାଇଗର ଟକ୍କର ଦେବ ବୋଲି ପ୍ରଶିକ୍ଷକ ଖାଲିଦ ଜମିଲ ଆଶା ବାନ୍ଧିଛନ୍ତି। ତେବେ ବ୍ରାଜିଲ ସୁପରଷ୍ଟାର ନେମାରଙ୍କ ଖେଳ ଦେଖିବାରୁ ଭାରତୀୟ ଫୁଟବଲପ୍ରେମୀ ତାଙ୍କ ଖେଳ ଦେଖିବାରୁ ବଞ୍ଚିତ ହେବେ। ଗତ ଫିଫା ବିଶ୍ୱକପରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ନେମାର ଫୁଟବଲକୁ ଅଲ୍‌ବିଦା କରିଥିଲେ। ତଥାପି ଭିନିସିୟସ ଜୁନିଅର, ଷ୍ଟ୍ରାଇକର ଏଣ୍ଡ୍ରିକ, ମିଡଫିଲ୍ଡର ବ୍ରୁନୋ ଗୁଇମାରେସଙ୍କ ଭଳି ବ୍ରାଜିଲ ତାରକାଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ**
**ସ୍ଥାନ: କୋଲକାତା**

## ଭାରତ-ୱେଷ୍ଟଇଣ୍ଡିଜ ତୃତୀୟ ଦିନିକିଆ ଆଜି

ମୁଲାନପୁର, ୨।୧୦ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ଅନ୍ତିମ ମ୍ୟାଚ୍ ଶନିବାର ଖେଳାଯିବ। ନ୍ୟୁ ଚଣ୍ଡିଗଡ଼ର ମହାରାଜ ଯାଦବିନ୍ଦ୍ରା ସିଂହ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅପରାହ୍ଣ ୨ଟରେ ଏହି ମ୍ୟାଚ୍ ଆରମ୍ଭ ହେବ। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ୮ ୱିକେଟରେ ବିଜୟୀ ହୋଇ ଘରୋଇ ଭାରତୀୟ ଦଳ ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ତେଣୁ ଶୁବମନ ଗିଲ୍‌ଙ୍କ ଦଳ ଏହି ବିଜୟଧାରା ଜାରି ରଖି ସିରିଜ କ୍ଲିନସୁଇପ କରିବା ଲକ୍ଷ୍ୟରେ ରହିଛି। ଦ୍ୱିତୀୟ ଦିନିକିଆରେ ଭାରତ ଯେଉଁଭଳି ଭାବରେ ୪୦୬ ରନର ରେକର୍ଡ ରନ ଚେଜ୍ କଲା ତାହା ଖେଳାଳିଙ୍କ ମନୋବଳ ବୃଦ୍ଧି କରିଛି। ବିଶେଷ କରି ଅଧିନାୟକ ଗିଲ୍ ଦ୍ରୁତତମ ଦ୍ୱିଶତକ ଓ ରୋହିତ ଶର୍ମା ୩୫ତମ ଦିନିକିଆ ଶତକ ହାସଲ କରି ଗୌହାଟିରେ ଭାରତକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ତେଣୁ ଗିଲ୍ ଓ ରୋହିତଙ୍କ ସମେତ ଅନ୍ୟତମ ଷ୍ଟାର ଖେଳାଳି ବିରାଟ କୋହଲିଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଅପରପକ୍ଷରେ ସାଇ ହୋପ୍‌ଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ଦଳ ପ୍ରଥମ ଦୁଇଟି ମ୍ୟାଚରେ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ପରାସ୍ତ ହୋଇଥିଲା। ଏବେ ସିରିଜ ମଧ୍ୟ ହାତଛଡ଼ା ହୋଇସାରିଛି। ତେବେ ଶନିବାର ଶେଷ ଦିନିକିଆ ଜିତି ଟି-୨୦ ସିରିଜ ପୂର୍ବରୁ ୱେଷ୍ଟଇଣ୍ଡିଜ ମନୋବଳ ବଢ଼ାଇବାକୁ ଲକ୍ଷ୍ୟ ରଖିଛି।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ଜିଓହଟଷ୍ଟାର**

## ଭୁବନେଶ୍ୱରରେ ଜି ଅଟମ୍ ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨।୧୦ (ସମିସ): ପ୍ରମୁଖ ରିଅଲ ଇଷ୍ଟେଟ୍ ଡେଭଲପର "ଗ୍ରୁପ୍ ଜି' ପକ୍ଷରୁ "ଜି ଅଟମ୍ ଲିଗ୍ ୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଲୋକଙ୍କୁ ସୁସ୍ଥ ଏବଂ କ୍ରୀଡ଼ାମୁଖୀ ଜୀବନଶୈଳୀ ଆପଣାଇବା ପାଇଁ ପ୍ରେରିତ କରିବା ଏହି ଲିଗର ମୁଖ୍ୟ ଉଦ୍ଦେଶ୍ୟ। ଏହି ଲିଗ୍‌ରେ କର୍ପୋରେଟ୍ ଟିମ୍, ସ୍ଥାନୀୟ ବାସିନ୍ଦା ଏବଂ ଖେଳାଳିମାନଙ୍କ ପାଇଁ ୪ଟି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ଯେଉଁଥିରେ ୨ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାପ୍ରେମୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଶୁକ୍ରବାର "ଜି କର୍ପୋରେଟ୍ ଟେବଲ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ' ସହିତ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହାପରେ ଅକ୍ଟୋବର ୩୦ ତାରିଖରୁ 'ଜି ପିକଲବଲ୍ ଟୁର୍ଣ୍ଣାମେଣ୍ଟ', ନଭେମ୍ବର ୧୫ରୁ 'ଜି ବକ୍ସ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ' ଆରମ୍ଭ ହେବ। ନଭେମ୍ବର ୨୯ ତାରିଖରେ 'ଜି ରନ' ସହ ଏହି ଦୁଇମାସିଆ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହେବ। 'ଜି ରନ'ରେ ବଲିଉଡର ଲୋକପ୍ରିୟ ଅଭିନେତା ସୋନୁ ସୁଦ୍ ଅଂଶଗ୍ରହଣ କରିବେ ବୋଲି ଗ୍ରୁପ୍ ଜି'ର ଆଶିଷ ଗର୍ଗ କହିଛନ୍ତି।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY